₹ : 25

# ଆମରି ସତ୍ୟ

## AMARI SATYA

ଦ୍ୱାଦଶ ବର୍ଷ, ଏକାଦଶ ସଂଖ୍ୟା
ମାସିକ, ମଇ-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



# ପ୍ରଫୁଲ୍ଲ କର

ଜନ୍ମ : ୧୧.୧୧.୧୯୪୮
ଦେହାନ୍ତ : ୧୭.୦୪.୨୦୨୨















# ବୀଣାପାଣି ମହାନ୍ତି

ଜନ୍ମ : ୧୧.୧୧.୧୯୩୬
ଦେହାନ୍ତ : ୨୪.୦୪.୨୦୨୨








# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦ୍ୱାଦଶ ବର୍ଷ ◆ ଏକାଦଶ ସଂଖ୍ୟା ◆ ମଇ ୨୦୨୨

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସମ୍ପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ମୁଖ୍ୟ ସହ ସମ୍ପାଦକ
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

ସହ ସମ୍ପାଦକ
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮

**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। **IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ଅକ୍ଷୟ ତୃତୀୟା | | ୦୫ |
| ୫. | ଚିନ୍ତା – ଅଚିନ୍ତା | ଡ. ଅଭୟ କୁମାର ନାୟକ | ୦୬ |
| ୬. | ମୁଁ ସେ ଓଡିଶା ମାଟିର ପିଲା | ରମାକାନ୍ତ ମିଶ୍ର | ୦୭ |
| ୭. | ସାହିତ୍ୟ ଓ ଆତଙ୍କବାଦ | ତୁଳସୀ ଜୈନ | ୦୮ |
| ୮. | କୁସୁମ | ସୁରେଶ ଚନ୍ଦ୍ର ରଥ | ୦୯ |
| ୯. | ଅଦ୍ଭୁତ ଶିକ୍ଷୟତ୍ରୀ ଓ ଅଦ୍ଭୁତ ସ୍ମୃତି | ପ୍ରିୟମ୍ବଦା ସାହୁ | ୧୦ |
| ୧୦. | ମା'ର ପଣତ | ସସ୍ମିତା ଦାସ | ୧୧ |
| ୧୧. | ମାଧୁର ମାଲହୋତ୍ରାଙ୍କ ... | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୨ |
| ୧୨. | କିସ କଥା – ବ୍ୟାଙ୍କ କଥା | ଘନବିହାରୀ ମହାରଣା | ୧୩ |
| ୧୩. | ସୁଲକ୍ଷଣା ଦେବୀ | ଶ୍ରୀଯୁକ୍ତ ବ୍ରଜକିଶୋର ଦାସ | ୧୫ |
| ୧୪. | ଆମ ହରି ଭାଇନା | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୧୫ |
| ୧୫. | କନ୍ୟା ବରୟେତ ରୂପଂ | ପଦ୍ମନାଭ ପାଣିଗ୍ରାହୀ | ୧୬ |
| ୧୬. | ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ.. | ଡ. ଭବାନୀ ଶଙ୍କର ଦାଶ | ୧୭ |
| ୧୭. | ଦୂରପଲ୍ଲୀରେ ଚିରପରିଚିତ ପ୍ରଫୁଲ୍ଲ କର | | ୧୭ |
| ୧୮. | ହକିର ଯାଦୁକର ଧ୍ୟାନଚାନ୍ଦ | ଆଶିଷ କୁମାର ରାୟ | ୧୮ |
| ୧୯. | ସୁସାହିତ୍ୟିକା ବୀଣାପାଣି ମହାନ୍ତି | | ୧୯ |
| ୨୦. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୦ |
| ୨୧. | ଓଡ଼ିଆଣୀ ବୋହୂ | ଶ୍ରୀ ନିରଞ୍ଜନ ଖଟୁଆ | ୨୨ |
| ୨୨. | ପଦ୍ମଶ୍ରୀ ରଜତ କର | | ୨୨ |
| ୨୩. | ସମ୍ବାଦ ବିଚିତ୍ରା | | ୨୩ |
| ୨୪. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୭)



**ରମେଶ ମଙ୍ଗରାଜ**

ତମେ ଅଛ ବୋଲି ମୁଁ ଅଛି ପ୍ରଭୁ
ତମ ପାଇଁ ଜୀବ ଜିଇଛି
ସବୁ ସମ୍ବଳ ମୋ ସରିଗଲାପରେ
ତୁମରି ଆଶିଷ ପାଇଛି ॥୦॥
ବଡଦେଉଳର ବଡଠାକୁର ହେ
ତମ ବଡ ପଣ ଗାଇ
ବଡଦାଣ୍ଡ ପରେ ଭକତି ଡାକରେ
ତମ ନୀଳଚକ୍ର ଚାହିଁ
ତମରି କରୁଣା କଣାଏ ପାଇଁକି
ସିଂହ ଦୁଆରରେ ରହିଛି ॥୧॥
ତମେ ଅଛ ବୋଲି.......
ଶରଧା ବାଲିରୁ ଶରଧା ସାଉଁଟି
ପାଉଛି ମନରେ ଶାନ୍ତି
ଏତିକି ଭାବିଛି ତମ ସ୍ୱର୍ଗ ଦ୍ୱାରେ
ମରଣେ ଲଭିବି ମୁକ୍ତି
ଆହେ ଜଗନ୍ନାଥ ତମରି ଚରଣେ
ନିଜକୁ ସଅଁପି ଦେଇଛି ॥୨॥
ତମେ ଅଛ ବୋଲି......


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦




ସଂସାରର ସମସ୍ତ ଜୀବ ବଂଚିବାକୁ ଚାହାନ୍ତି - ମରଣ ଚାହାନ୍ତି ନାହିଁ। ଅତଏବ ପ୍ରାଣୀମାନଙ୍କ ବଧକରିବା ସର୍ବଦା ଅନୁଚିତ୍।

# ସମ୍ପାଦକୀୟ....



କୌଣସି ଦିବସ ପାଳନ କରିବା ଆଜିର ଆଧୁନିକ ମଣିଷ ପାଇଁ ଏକ ସମ୍ଭ୍ରାନ୍ତଶୀଳ ମାନସିକତା। ଅତୀତର କୌଣସି ଘଟଣାକ୍ରମକୁ ମନେପକେଇବା ପାଇଁ, ତାର ସ୍ମୃତିଚାରଣ ପାଇଁ କିମ୍ବା ତାର ମହନୀୟତାକୁ ନିଃଜସ୍ୱ ଢଙ୍ଗରେ ବିଚାରକରି ଏଥିରେ ନିବିଷ୍ଟ ହେବାକୁ ଏପରି ଯେତେ ସବୁ ଦିବସ ପାଳନର ହେତୁ। ଏହାର ପ୍ରାସଙ୍ଗିକତା ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହାର ପ୍ରୟୋଗାତ୍ମକ ଦିଗକୁ ଲକ୍ଷ୍ୟ କଲେ କେବଳ ହତାଶ ହେବା ସାର ହୁଏ। କାରଣ, ପ୍ରୟୋଗାତ୍ମକ ଦିଗଟି ସମ୍ପୂର୍ଣ୍ଣ ମାନସିକତାର କଥା। ଏଥିରେ ବାଧ୍ୟବାଧକତା କିମ୍ବା ପ୍ରରୋଚିତ, ପ୍ରରୋଚନାର ସ୍ଥାନ ପ୍ରାୟ ନଥାଏ। ତଥାପି ମଣିଷର ଉତ୍ସବମୁଖର ମନ ଅତୀତର ମହିମାକୀର୍ତ୍ତନ କରି ତାରି ମହକରେ ସାମୟିକ ମହକିତ ହେବାକୁ ଯେପରି ବଦ୍ଧପରିକର।

ଏହି ପରିପ୍ରେକ୍ଷୀରେ ଶ୍ରମିକ ଦିବସକୁ ବିଚାର କରାଯାଇପାରେ। ମେ' ୧ ତାରିଖ ହେଉଛି ବିଶ୍ୱ ଶ୍ରମିକ ଦିବସ। ଏହି ଦିନଟିକୁ ସାରା ବିଶ୍ୱରେ ଶ୍ରମିକ ଦିବସ ଭାବେ ପାଳନ କରାଯାଏ। ଶ୍ରମିକମାନଙ୍କ ପାଇଁ ଏହି ଦିନଟି ଉତ୍ସର୍ଗୀକୃତ। ସମାଜ ଗଠନରେ ଶ୍ରମିକମାନଙ୍କର ଏକ ବୃହତ୍ତମ ସହଭାଗିତା ରହିଛି। ଏଣୁ ବିଶ୍ୱ ଚିନ୍ତାନାୟକମାନେ ଏହି ଦିନଟିକୁ ସମଗ୍ର ଶ୍ରମିକ ସମାଜ ପାଇଁ ନିର୍ଦ୍ଦିଷ୍ଟକରି ଏକ ଗଠନମୂଳକ ଚିନ୍ତାର ଝଲକ ଦେଇଛନ୍ତି। ଉନବିଂଶ ଶତାବ୍ଦୀରେ ସମାଜବାଦ ଓ ଟ୍ରେଡ୍ ଇଉନିଅନ୍ ଚିନ୍ତାଧାରାର ଉଦ୍ରେକ ହେବା ସହ ଶ୍ରମିକମାନଙ୍କ ମଙ୍ଗଳ ପାଇଁ ଏହିଭଳି ଏକ ଭାବନା ଦାନା ବାନ୍ଧିଥିଲା। ତତ୍କାଳିନ ସମୟରେ କିଛି ଶ୍ରମିକ ଶ୍ରେଣୀ ଦିନକୁ ଆଠ ଘଣ୍ଟା ଶ୍ରମ କରିବାର ଦାବିକରି ଏକ ଆନ୍ଦୋଳନର ସୂତ୍ରପାତ କରିଥିଲେ। ଆଗରୁ ବହୁ ଅଧିକ ସମୟ ଏମାନଙ୍କୁ ଶ୍ରମରେ ନିୟୋଜନ କରାଯାଉଥିଲା। ଆନ୍ଦୋଳନ ସଫଳ ହେଲା। ଶ୍ରମ ଓ ଶ୍ରମିକର ଜୟ ହେଲା। ଏଣୁ ଏହି ସଫଳତାକୁ ମନେ ପକେଇବା ପାଇଁ ମେ' ୧ ତାରିଖକୁ ଶ୍ରମିକ ଦିବସ ଭାବେ ଘୋଷଣା କରାଗଲା।

ତେବେ ସେ ଯାହାହେଉ, ଏହି ଦିବସ ପାଳନର ଅନୁଚିନ୍ତାରେ ଯେତେ ବାସ୍ତବତା ଥାଉନା କାହିଁକି ଶ୍ରମିକମାନଙ୍କ ମଙ୍ଗଳ ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଶ୍ରମିକସମାଜର ସମସ୍ୟାକୁ ବାସ୍ତବବାଦୀ ମାନସିକତାରେ ବିଚାରକରି ଏହାକୁ ଦୂର କରିବାର କଥା। ମାତ୍ର, ଆଜି ଶ୍ରମିକମାନେ ବହୁ ସମସ୍ୟା ଭିତରେ ଗତି କରୁଥିବାର ଦେଖାଯାଉଛି। ଗାଁ ରେ କାମର ଅଭାବ। ଗାଁ ଛାଡ଼ି ଶ୍ରମିକଟିଏ ସହରକୁ ଯାଏ। ଆଶା ସହରରେ ଅଧିକା କାମ ମିଳିବ। ସ୍ତ୍ରୀ-ପିଲା ଗାଁ ରେ। ଶ୍ରମିକଟି ସହରରେ। ପିଲାମାନଙ୍କ ପାଠ ପଢ଼ା ସାତସପନ। ଯଦି କେହି ସ୍ତ୍ରୀ-ପିଲା ନେଇ ସହରକୁ ଯାଏ, ସେଠାରେ ମୁଣ୍ଡ ଗୁଞ୍ଜିବା ଅନ୍ୟତମ ସମସ୍ୟା। ରାସ୍ତାକଡ଼ କିମ୍ବା ସହରତଳି କୋଉ ଅପନ୍ତରା କ୍ଷେତ୍ରରେ ଜରିପାଲ ଟାଣି ରାତିଟା କଟେଇ ଦେବାର ଦୁର୍ବାର ସାଧନା। ସେଥିରେ ପୁଣି ସମସ୍ୟା। ମ୍ୟୁନିସିପାଲିଟିବାଲାଙ୍କ ଦୂର୍‌ଦୂର୍, ମାର୍‌ମାର୍ ନୀତି। ଅଣସଂଗଠିତ ଶ୍ରମିକମାନଙ୍କର ଅନ୍ତରବେଦନା ବୁଝିବାକୁ ନା କୋଉ ସରକାର ନା କୋଉ ସଂଗଠନ କାହାର ନଜର କିମ୍ବା ନିଷ୍ଠା ନଥାଏ। ବିଚରା ଶ୍ରମିକଟି ପେଟଚାଖଣ୍ଡକ ପାଇଁ ଅହରହ ଯୁଝୁଥାଏ- କେତେବେଳେ ନିଜ ସହିତ ତ କେତେବେଳେ ପ୍ରକୃତି ସହିତ।

ଏମିତିରେ ଶ୍ରମିକ ଦିବସ ପାଳନ ହୁଏ ମହା ଜାକଜମକରେ। ନେତା, ମନ୍ତ୍ରୀ ଭାଷଣ ଦିଅନ୍ତି। ଶ୍ରମିକମାନେ ଦେଶର ପ୍ରକୃତ ବିନ୍ଧାଣୀ ଓ ଭବିଷ୍ୟତ ବୋଲି କେତେ ପ୍ରକାର ଭାଷଣର ସ୍ୱର ଛୁଟି ଚାଲେ। କେତେ କେତେ ଯୋଜନା ପାଇଁ ଅଙ୍କ କଷା ହୁଏ ସେହି ସଭାସ୍ଥଳରେ। ସଭା ସରିଯାଏ। ବିଚରା ଶ୍ରମିକଟି ନୂଆ ସ୍ୱପ୍ନ ଦେଖେ ନେତାମାନଙ୍କ ଭାଷଣ ଭିତରେ। ତହିଁ ଆରଦିନକୁ ଅବସ୍ଥାରେ କିଛି ପରିବର୍ତ୍ତନ ହୁଏନି। ଶ୍ରମିକଟିର ଛାତିତଳୁ ଦୀର୍ଘଶ୍ୱାସଟିଏ ବାହାରିପଡ଼େ।

ଶ୍ରମିକଟି ହୁଏତ ବୁଝିସାରିଛି, ଏହି ଶ୍ରମିକ ଦିବସର ଅର୍ଥ ତା'ପାଇଁ କିଛିନାହିଁ। ସିଏ କେବଳ ରାଜନୀତିର ମୋହରା। ତାକୁ ନେଇ ରାଜନୀତି କରିହୁଏ। କାରଣ, ଗରିବୀ ଓ ଶ୍ରମିକ ଏ ଉଭୟ ରାଜନୀତି ପାଇଁ ଉତ୍ତମ ପୋଷକ। ସୁତରାଂ, ହେ ! ସମାଜର ମଙ୍ଗୁଆଳମାନେ, ନିଜ ଗରିବୀ ଓ ଶ୍ରମିକ ମାନସିକତାରୁ ଟିକିଏ ବାହାରକୁ ଆସି ନିଜକୁ ପଚାର, ଏ ଶ୍ରମିକ ଦିବସ ପାଳନର ଯଥାର୍ଥତାକୁ ନିଜେ କେତେଦୂର ବୁଝିପାରିଛ ?


ଡ. ପ୍ରସନ୍ନ କୁମାର



ଯେଉଁ ମନୁଷ୍ୟର ମନ ଅହିଂସା, ସଂଯମ ଓ ତପଦ୍ୱାରା ସଂଲଗ୍ନ ରହେ, ସେହି ମନୁଷ୍ୟକୁ ଦେବତା ମଧ୍ୟ ନମସ୍କାର କରନ୍ତି ।



# ହିତ ବାଣୀ



## ଗୀତା

ତେଷାମ୍ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକଂ
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ

ଯେଉଁମାନେ ସର୍ବଦା ମୋ ଠାରେ ଯୁକ୍ତ ହୋଇ ପ୍ରେମ, ଶ୍ରଦ୍ଧା ଓ ଭକ୍ତି ସହକାରେ ମୋର ପୂଜା କରନ୍ତି, ମୁଁ ସେମାନଙ୍କୁ ବୁଦ୍ଧି ଦିଏ, ଯାହା ସାହାଯ୍ୟରେ ସେମାନେ ମୋ ପାଖକୁ ଆସିପାରିବେ ।

## ଭାଗବତ ବାଣୀ

**କେବଳ ନିର୍ମଳ ହୃଦରେ ,**
**ଡାକିଲେ ଲକ୍ଷଯୋଜନରେ ।**
**ପାଶେ ଡାକିଲା ପ୍ରାୟ ମଣି,**
**ତାକୁ ରଖନ୍ତି ଚକ୍ରପାଣୀ**

## ଲୋକ ବିଚାର

ବେଶି ଗୁଣଠାରେ ରହିଛି ଖୁଣ ,
ସମୁଦ୍ର ପାଣିରେ ରହିଛି ଲୁଣ ।
କାମରେ ନଲାଗେ ଅତି ସୁନ୍ଦର,
ମହାକାଳ ଫଳ ପ୍ରମାଣ ତାର ।

## ଚାଣକ୍ୟ ନୀତି

ଅତି ଗର୍ବେ ହତା ଲଙ୍କା ଅତି ମାନେ ଚ କୌରବାଃ
ଅତି ଦାନେ ବଳିର୍ବଦ୍ଧ ଅତି ସର୍ବତ୍ର ଗର୍ହିତମ୍ ।

ଗରବ ନାମେଣ ଅଛଇ ହୃଦେ ଯେଉଁ ଦେବତା , ତାର ବଶହେଲେ ଦେବତା ମଧ୍ୟ ହରାଏ ଚେତା । ଅତି ଗର୍ବେ ଲଙ୍କାପୁରଟି ହୋଇଗଲା ଦହନ ଅତିଗର୍ବେ ନାଶ ହୋଇଲା ଧୃତରାଷ୍ଟ୍ର ନନ୍ଦନ । ଦାତା ପଣେ ଗର୍ବ କରିଣ ଦିନେ ବଳୀ ରାଜନ ତିନିପାଦେ ସବୁ ସାରିଲା ଦେଇ ବାମନେ ଦାନ ।–ବାୟାବାବା –

## ଆତ୍ମ ତତ୍ତ୍ୱ

ଦେହେନ୍ଦ୍ରିୟମନୋବୁଦ୍ଧି
ପ୍ରକୃତିଭ୍ୟୋ ବିଲକ୍ଷଣମ୍
ତଦବୃତ୍ତିସାକ୍ଷିଣମ୍ ବିଦ୍ୟାତ
ଅତ୍ମାନଂ ରାଜତସଦା

ରାଜା ଯେପରି ନୀରବ ଦ୍ରଷ୍ଟା ଭାବରେ ତାଙ୍କର ରାଜପାରିଷଦବର୍ଗଙ୍କର କାର୍ଯ୍ୟକଳାପକୁ ଅନୁଧ୍ୟାନ କରୁଥାନ୍ତି , ସେହିପରି ଆତ୍ମା ଶରୀର,ମନ ବୁଦ୍ଧି ଇତ୍ୟାଦି ପ୍ରକୃତିର କାର୍ଯ୍ୟଗୁଡିକୁ ସର୍ବଦା ସେଗୁଡିକ ଠାରୁ ପୃଥକ ରହି ସାକ୍ଷୀ ବା ଦ୍ରଷ୍ଟା ଭାବରେ ଦେଖୁଥାଏ ବୋଲି ଜାଣିବା ଉଚିତ ।

## ଖନା ବଚନ

ଟଙ୍କା ନଥାଇ ଟଭା
ହାତେ ଧନ ଥାଇ ଲୋଭା
ଟାଙ୍ଗରୀ ମୁଣ୍ଡରେ ଗଭା
ପାକୁଆ ବୁଢ଼ାର ବିଭା
ପଞ୍ଚ ନ ଥାଇଣ ସଭା
କୁଳ ଭୁଆସୁଣୀ ଦାଣ୍ଡରେ ଉଭା
ବୋଲେ ଦନାଇ ଏ ନ ପାଏ ଶୋଭା



ଯେତେବେଳ ପର୍ଯ୍ୟନ୍ତ ଶରୀରକୁ ବୃଦ୍ଧାବସ୍ଥା ଦୁର୍ବଳ କରିନାହିଁ, ଇନ୍ଦ୍ରିୟମାନେ ଶକ୍ତିହୀନ ହୋଇନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ଧର୍ମପଥରେ ଦୃଢ଼ରୁହ ।

# ଶୁଭ କାର୍ଯ୍ୟ ପାଇଁ ଅକ୍ଷୟ ତୃତୀୟା ଆମ ସଂସ୍କୃତିର ପ୍ରତୀକ

କାଶୀନାଥ ଦାସ

ବୈଦିକ ଶାସ୍ତ୍ରରେ ବର୍ଷକର ଚାରି ଦିନ ସର୍ବ ଶୁଭ ଦିନ। ଏହି ଚାରିଦିନ ମଧ୍ୟରେ ଯେଉଁ ଶୁଭ କାମ କଲେ ପାଞ୍ଜିର ଆବଶ୍ୟକତା ନାହିଁ।ଏହି ଦିନ ଗୁଡ଼ିକ ହେଲା - ବିଜୟା ଦଶମୀ ବା ଦଶହରା, ଅକ୍ଷୟ ତୃତୀୟା, ରଥଯାତ୍ରା, ଏବଂ ବସନ୍ତ ପଞ୍ଚମୀ।

ଉତ୍କଳର ସଂସ୍କୃତି ଓ ପରମ୍ପରା ମଧ୍ୟରେ ଅକ୍ଷୟ ତୃତୀୟା ଏକ ସ୍ୱତନ୍ତ୍ର କୃଷିଭିତ୍ତିକ ପର୍ବ ରୂପେ ପାଳନ କରାଯାଇଥିବା ବେଳେ ଏହି ଦିବସର ଅନେକ ଗୁଡିଏ ତାତ୍ପର୍ଯ୍ୟ ରହିଛି । ଜୀବନ ଧାରଣ ପାଇଁ ବାୟୁ ଓ ଜଳ ପରେ ଖାଦ୍ୟ ଅତ୍ୟନ୍ତ ଅପରିହାର୍ଯ୍ୟ । ବିଶେଷ ରୂପେ ଧାନ ଉତ୍ପାଦନ ପାଇଁ ଉତ୍କଳର କୃଷକ ଏହି ଦିନ ବିଲରେ ପ୍ରାଥମିକ କାର୍ଯ୍ୟ ସ୍ୱରୂପ ବିହନ ବୁଣିବା କାର୍ଯ୍ୟକୁ ମୁଠି ଅନୁକୂଳ କୁହାଯାଏ। ବୈଶାଖର ଉତ୍ତପ୍ତ ମୃତ୍ତିକାରେ ବିହନ ପାଗ ହୋଇ ବର୍ଷାକୁ ଅପେକ୍ଷା କରିଥାଏ। କୃଷିର ବୈଜ୍ଞାନିକ ଯନ୍ତ୍ରପାତି ବହୁଳ ପରିମାଣରେ ବ୍ୟବହାର ହେଉଥିବା ସତ୍ତ୍ୱେ ଉତ୍କଳ କୃଷକ ସମାଜ ପାରମ୍ପରିକ ପର୍ବ ପାଳନ କରୁଅଛି ।



ଅକ୍ଷୟ ତୃତୀୟା ଦିବସରେ ଅନୁକୂଳ ଆରମ୍ଭ କରାଯାଇଥିବା କାର୍ଯ୍ୟର ଫଳପ୍ରାପ୍ତି ହୁଏ ଏବଂ ଲକ୍ଷ୍ୟ ପଥରେ ଅଗ୍ରସର କରିଥାଏ ବୋଲି ଜନଶ୍ରୁତି ଅଛି। ସଭ୍ୟତାର କ୍ରମ ବିକାଶ ଭିତରେ ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏହି ଦିନ ସ୍ୱର୍ଣ୍ଣ ଆଭୂଷଣ କ୍ରୟ କଲେ ଗୃହରେ ଧନଧାନ୍ୟ ବୃଦ୍ଧି ହୋଇଥାଏ ବୋଲି ପ୍ରଚାରରେ ଉତ୍କଳର ମହିଳାମାନେ ଏହି ଦିନ ସେମାନଙ୍କ ମାନସିକ ସ୍ତରରେ ଥିବା ବିଶ୍ୱାସ ଅନୁଯାୟୀ ସ୍ୱର୍ଣ୍ଣ ଆଭୂଷଣ କ୍ରୟ କରିଥାନ୍ତି ।

ପୁରାଣରେ ବର୍ଣ୍ଣନା ଅଛି ଯେ ଧନଧାନ୍ୟର ଦେବୀ ଲକ୍ଷ୍ମୀ ଏହି ଦିନ କୁବେର ଦେବତାଙ୍କୁ ସମସ୍ତ ସମ୍ପତ୍ତିର ଭଣ୍ଡାର ରକ୍ଷକର ଦାୟିତ୍ୱ ଅର୍ପଣ କରିଥିଲେ। ଉତ୍କଳରେ ଅକ୍ଷୟ ତୃତୀୟାର ମହତ୍ତ୍ୱ ବୃଦ୍ଧି ପାଇବା ମୂଳରେ ଅନ୍ୟ ଏକ କାରଣ ହେଉଛି ଯେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଏ। ଚାରି ଧାମ ମଧ୍ୟରୁ ପୁରୀ ଅନ୍ୟତମ ଏବଂ ଜଗତର ନାଥ ଜଗନ୍ନାଥଙ୍କ ସହିତ ଭଗ୍ନୀ ସୁଭଦ୍ରା ଓ ଅଗ୍ରଜ ବଳଭଦ୍ର ପୂଜିତ ହୁଅନ୍ତି। ବଳଭଦ୍ରଙ୍କ ଆୟୁଧ ଲଙ୍ଗଳ ହୋଇଥିବାରୁ କୃଷିଭିତ୍ତିକ ସମାଜରେ ଅକ୍ଷୟ ତୃତୀୟା ଗୁରୁତ୍ୱ ବହନ କରିଥାଏ । ଦଶ ଅବତାର ମଧ୍ୟରୁ ପର୍ଶୁରାମ ଏହି ଦିନ ଜନ୍ମ ଗ୍ରହଣ କରିଥିଲେ। ଶାସ୍ତ୍ରରେ ଆହୁରି ଉଲ୍ଲେଖ ଅଛି ଯେ ପୂର୍ବପୁରୁଷଙ୍କୁ ଶାପ ମୁକ୍ତ କରିବା ପାଇଁ ଭଗୀରଥ ତପସ୍ୟାର ଫଳ ସ୍ୱରୂପ ଏହି ଦିନ ପବିତ୍ର ଗଙ୍ଗାଙ୍କୁ ସ୍ୱର୍ଗରୁ ଧରାବତରଣ କରାଇଥିଲା।

ଗବେଷକମାନଙ୍କ ମତରେ ଦ୍ୱାଦଶ ଶତାବ୍ଦୀରେ କବି ଜୟଦେବ ଏହି ଦିନ ଉତ୍କଳର କେନ୍ଦୁପଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଅକ୍ଷୟ ତୃତୀୟା ଦିନ କବିଙ୍କ ଜୟନ୍ତୀ ପାଳନ କରାଯାଉଛି।

ପାଣ୍ଡବଙ୍କ ବନବାସ ସମୟରେ କ୍ରୋଧୀ ଋଷି ଦୁର୍ବାଶାଙ୍କ ଶାପରୁ ରକ୍ଷା ପାଇବା ପାଇଁ ଋଷିଙ୍କ ସହିତ ଥିବା ଶତାଧିକ ଶିଷ୍ୟଙ୍କୁ ଅନ୍ନ ଭୋଜନ ଦେଇ ସନ୍ତୁଷ୍ଟ କରିବା ପାଇଁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଏହି ଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ । ଯେଉଁ ପାତ୍ରରୁ ଅନ୍ନ ସରେ ନାହିଁ ବୋଲି କଥିତ ଅଛି। ଏହିଦିନ ମହାଭାରତ ଯୁଦ୍ଧ ସମାପ୍ତ ହୋଇଥିଲା ବୋଲି ବେଦବ୍ୟାସ ଲେଖିଛନ୍ତି। ଅକ୍ଷୟ ତୃତୀୟା ଦିବସରେ ଯେ କୌଣସି ମାଙ୍ଗଳିକ କାର୍ଯ୍ୟ କରାଇଲେ ଶୁଭ ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

ଖୋରଧା

# ଚିନ୍ତା - ଅଚିନ୍ତା



**ଡ. ଅଭୟ କୁମାର ନାୟକ**

କଥାରେ ଅଛି;

**"ଲୁଣ ଖାଏ ହାଣ୍ଡି; ଚିନ୍ତା ଖାଏ ଗଣ୍ଡି।"**

ଆମର ପୂର୍ବ ପୁରୁଷମାନେ ଏ କଥାଟିକୁ ବହୁତ ତର୍ଜମା ବା ବିଚାର କରି କହି ଯାଇଛନ୍ତି। କୌଣସି ହାଣ୍ଡିରେ ବା ପାତ୍ରରେ ଯଦି ଲୁଣ ରଖି ଦିଆଯାଏ; ଏହି ଲୁଣ ରାସାୟନିକ ପ୍ରଭାବରେ ତାହା ଧୀରେ ଧୀରେ କ୍ଷୀଣ ହୋଇ କ୍ରମଶଃ ତୁଟି ଯାଏ ବା କଣା ହୋଇଯାଏ। ଠିକ୍ ସେମିତି ଯଦି ମଣିଷ ଚିନ୍ତାଗ୍ରସ୍ତ ହୁଏ; ଏହି ଚିନ୍ତାର ପ୍ରଭାବରେ ମଣିଷର ତନୁ ବା ଶରୀର କ୍ଷୀଣ ହୁଏ ଏବଂ ମାନସିକ ଅସନ୍ତୁଳନ ହେତୁ ବିଭିନ୍ନ ରୋଗରେ ପୀଡିତ ହୁଏଏବଂ ପରିଶେଷରେ ଯମାଳୟ ଯିବା ଉଦାହରଣ ମଧ୍ୟ ସାମନାକୁ ଆସିଥାଏ।ତେଣୁ ମହାପୁରୁଷମାନେ, ମୁନି-ଋଷିଗଣ ଏହି ଚିନ୍ତାରୁ ମୁକ୍ତ ହେବାକୁ ପରାମର୍ଶ ଦେଇଛନ୍ତି।ତାହା ଉପରୋକ୍ତ କଥାରୁ ପ୍ରତୀୟମାନ ହୁଏ ଅନ୍ୟପକ୍ଷରେ ଯେତେବେଳେ କୌଣସି ବ୍ୟକ୍ତିର ଚିନ୍ତା ନ ରହିବ ସେ ରହିବ 'ଅଚିନ୍ତା'ରେ। ଏମିତି ଏକ ସ୍ଥିତିରେ ଯେଉଁଠି ନଥିବ ଚିନ୍ତା। 'ଅଚିନ୍ତା' ଅର୍ଥାତ୍ 'ଚିନ୍ତାମୁକ୍ତ' ବା 'ନିଶ୍ଚିନ୍ତତା'। ଯଦି କୌଣସି କଥାରେ ନିଶ୍ଚିନ୍ତତା ରହିଲା ତେବେ ମଣିଷ ହୁଏ ଚିନ୍ତା ମୁକ୍ତ ଆଉ ରହେ ଅଚିନ୍ତା ଅବସ୍ଥାରେ।ତେଣୁ ମଣିଷ ସଦା ସର୍ବଦା ଚାହେଁ ଚିନ୍ତାଠାରୁ ଦୂରେଇ ଯାଇ ଅଚିନ୍ତାରେ ଅବସ୍ଥାନ କରିବା ପାଇଁ। ଏହା ଠିକ୍ କି ?

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା ସଂପୂର୍ଣ୍ଣ ଭୁଲ୍ ଅଟେ। ସେଇଥି ପାଇଁ ଅର୍ଜୁନ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରୁଛନ୍ତି:

"କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂସଦା ପରିଚିନ୍ତୟନ।
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସିଭଗବନ୍ମୟା''

ଅର୍ଥାତ୍ ଅର୍ଜୁନ ପଚାରୁଛନ୍ତି, ''ହେ ଯୋଗେଶ୍ୱର ଶ୍ରୀକୃଷ୍ଣ ! ମୋତେ କହିବା ହୁଅନ୍ତୁ ଯେ କ'ଣ କଲେ ମୁଁ ତୁମକୁ ନିରନ୍ତର ଚିନ୍ତନ କରିପାରିବି ଆଉ କେମିତି ଆପଣଙ୍କୁ ଜାଣିବି। ହେ ଚିନ୍ତାମଣି ! କେଉଁ କେଉଁ ଭାବରେ ଆପଣ ମୋ ଦ୍ୱାରା ଚିନ୍ତନୀୟ ହେବେ ଅର୍ଥାତ୍ କେଉଁ କେଉଁ ଭାବରେ ମୁଁ ଆପଣଙ୍କୁ ଚିନ୍ତନ କରିବି ? ତେବେ ପ୍ରଶ୍ନ ଉଠେ ମହାପୁରୁଷଙ୍କ କଥା ଠିକ୍ ନା ଭଗବାନ୍ ଶ୍ରୀକୃଷ୍ଣଙ୍କ କଥା ଠିକ୍।"

ମହାପ୍ରଭୁଙ୍କ ଗୋଟିଏ ନାଁ ''ଚିନ୍ତାମଣି'', ଚିନ୍ତା ଜ୍ୟୋତି ସ୍ୱରୂପ ସେ ସବୁ ଚିନ୍ତାର ନାୟକ।ତେଣୁ ସେଇ ଚିନ୍ତାମଣି ସଦା ସର୍ବଦା ଚିନ୍ତାରେ ବା ଧ୍ୟାନରେ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ ଆମେ ଅଚିନ୍ତାରେ ରହିବା କେମିତି !

"ଚିନ୍ତା"ର ଅଭିଧାନିକ ଅର୍ଥ ଦେଖିଲେ ଜଣାଯାଏ ଚିନ୍ତା ଅର୍ଥ ଭାବନା, ମନର ଚାଳନା, ଧ୍ୟାନ, ଉପାସନା, ସ୍ମରଣ, ବିଚାର ଇତ୍ୟାଦି। ଚିନ୍ତାରେ ରହିଲେ ହିଁ ସାଧକ ଅଗ୍ରସର ହୁଏ ଏବଂ ଶେଷରେ ଏକାଗ୍ର ଚିତ୍ତରେ ରହି ବା ଧ୍ୟାନସ୍ଥ ହୋଇ ସେ ପହଞ୍ଚେ ପରମାତ୍ମାଙ୍କ ପାଖରେ।ସେଇ ସମୟରେ ସେ ହୁଏ "ଯୋଗ" ଯୁକ୍ତ। ସମାଧିସ୍ଥ ସନ୍ଥ ହିଁ ହୁଏ ଯୋଗଯୁକ୍ତ। ପତଞ୍ଜଳୀ ପ୍ରଣୀତ ଅଷ୍ଟାଙ୍ଗଯୋଗର (ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି) ଶେଷ ପାହାଚ ହେଉଛି ସମାଧି। ଆମେ ଯେତେବେଳେ ନିରନ୍ତର ଚିନ୍ତାର କଥା କହୁ ସେତେବେଳେ ସାଧକ ଥାଏ ଧାରଣାରେ ଏବଂ ଧ୍ୟାନରେ। ଯେତେବେଳେ ସେ ସମାଧିସ୍ଥ ହୋଇଯାଏ ବା ଯୋଗଯୁକ୍ତ ତାର ଚିନ୍ତାମଣିଙ୍କ ସଂଗେ ମିଳନ ହୁଏ। ସେତେବେଳେ ସେ ଚିନ୍ତାମଣିଙ୍କ ପାଦପଦ୍ମରେ ସମସ୍ତ ଚିନ୍ତାକୁ ସମର୍ପଣ କରିଦିଏ।

ଚିନ୍ତାର ଏହି ଦୁଇ ଆଧାରକୁ ବିଚାରକୁ ନେଲେ ଦେଖାଯାଏ ଯେ ଚିନ୍ତାର ଅନ୍ତ ନାହିଁ; ଏହା ଅବଶ୍ୟ ରହିବ - କିନ୍ତୁ ତାହା ପାର୍ଥିବ ଚିନ୍ତା ନ ହୋଇ ହେବ ପରମାର୍ଥ ଚିନ୍ତନ। ପାର୍ଥିବ ଚିନ୍ତାରୁ ମୁକ୍ତି ମିଳିଲେ ମିଳେ ସାମୟିକ ସୁଖ; କିନ୍ତୁ ଅନ୍ୟ ପକ୍ଷରେ ପରମାର୍ଥ ଚିନ୍ତନରେ ବୁଡିଗଲେ ମିଳେ ପରମାନନ୍ଦ। ଉଦାହରଣ ସ୍ୱରୂପ ବୃଦ୍ଧ ପିତାମାତା ପୁଅଟିକୁ ଉଚ୍ଚଶିକ୍ଷା ଦେଇ ବିଦେଶ ପଠେଇବାଏବଂ ପରକ୍ଷଣରେ ପୁଅ ବିଦେଶରେ ଅବସ୍ଥାପିତ ହେବା-ଏହି କଥା ଅନ୍ୟ ଆଗରେ ପ୍ରକାଶକରି ସେମାନେ ପାଆନ୍ତି ସୁଖ। କିନ୍ତୁ ଅନ୍ୟ ପକ୍ଷରେ ସେଇ ପିତାମାତାଙ୍କର ଯତ୍ନ ନେବା ପାଇଁ ଚାହିଁ ଥିବା ଚାକର ପିଲାଟି ସଂଧ୍ୟାବେଳେ ସେମାନଙ୍କ ପାଖରେ ବସି ଭାଗବତ ଅଧ୍ୟାୟଟିଏ ପଢ଼ି ଯେଉଁ ଭାବ, ଜ୍ଞାନ ତଥା ତତ୍ତ୍ୱ ଜଗତକୁ ସେ ନେଇ ଯାଏ ସେଥିରୁ ସେମାନେ ପାଆନ୍ତି ପରମ ଆନନ୍ଦ। ସାରା ଜୀବନ ପୁଅର ପାଠପଢା ଚିନ୍ତାରେ ନିମଗ୍ନ ହୋଇ ଆଧ୍ୟାତ୍ମିକ ଜଗତକୁ ଭୁଲିଥିଲେ; ଆଉ ଆଜି ଲୀଳା ପୁରୁଷୋତ୍ତମଙ୍କ ଚରିତ୍ରକୁ ଚିନ୍ତନ କରି ଆନନ୍ଦରେ ବିଭୋର।

'ଅର୍ଜୁନ'ଶବ୍ଦର ଅର୍ଥ ହେଲା ସଂସାର ରଜ୍ଜୁରେ ବନ୍ଧା ନୁହେଁ। ବିଷୟରୁ କିପରି ଦୂରେଇ ରହିହେବ; ଆଉ କେମିତି ସଦାସର୍ବଦା ସେଇ ସଚ୍ଚିଦାନନ୍ଦ ପୁରୁଷଙ୍କ ଚିନ୍ତା ରହି ହେବ - ଏହି କଥାକୁ ଆଧାର କରି ଅର୍ଜୁନ ପଚାରୁଛନ୍ତି, 'ହେ ଭଗବାନ ! ଏହା ଆମେ ଜାଣୁ ଯେ ମନ ବହୁତ ଚଂଚଳ। ଏହା ସର୍ବଦା ଗୋଟିଏ ବିଷୟରୁ ଅନ୍ୟ ବିଷୟକୁ ଘୂରି ବୁଲେ। ଏହି ଉତ୍କ୍ଷିପ୍ତ ମନକୁ ସଂଯତ କରିବା ପାଇଁ ମୁଁ ପ୍ରତି ଚିନ୍ତାରେ, ପ୍ରତି କଥାରେ ଓ ପ୍ରତିକର୍ମରେ ତୁମର ନିତ୍ୟ ଉପସ୍ଥିତି କାମନା କରୁଛି।'

ସାଧାରଣ ଲୋକଟିଏ ଭାବେ, ଆଧ୍ୟାତ୍ମିକ ସାଧନା ମାତ୍ର କେତେ ମିନିଟ୍ ବା କେତେ ଘଣ୍ଟା ପାଇଁ ଉଦ୍ଦିଷ୍ଟ। କେତେକ ଭାବନ୍ତି ମନ୍ଦିର ଯାଇ ଦିଅଁ ଦର୍ଶନ କରି, ଭୋଗ-ରାଗ ଲଗେଇ ଦେଲେ ଆଧ୍ୟାତ୍ମିକ କାମ ହୋଇଗଲା।



ଶ୍ରେଷ୍ଠ ପୁରୁଷମାନେ ଭୟ, କ୍ରୋଧ, ଲୋଭ କିମ୍ବା ହାସ୍ୟରେ ସୁଦ୍ଧା ପାପକାରୀ ବାଣୀ ବୋଲନ୍ତି ନାହିଁ ।

ତାହା ସଂପୂର୍ଣ୍ଣ ଭୁଲ୍। ଗୀତାରେ କୁହାଯାଇଛି; ''ସଦା ପରିଚିନ୍ତୟମ୍'' ବାସଦା ସର୍ବଦା ଭଗବତ୍ ସ୍ମରଣରେ ସାଧକ ରହିବା ଶ୍ରେୟ ଅଟେ। ସେଇଥିପାଇଁ ଅର୍ଜୁନ କହୁଛନ୍ତି, 'ହେ ଭଗବାନ୍! ମୋତେ ଉପାୟ କୁହନ୍ତୁ କେମିତି ମୁଁ ପ୍ରତିଶ୍ୱାସରେ ତୁମକୁ ଉପଲବ୍ଧି ବା ଅନୁଭବ କରିପାରିବି। ପ୍ରତିଶ୍ୱାସ କଥା ଏଠାରେ ଏଇଥିପାଇଁ କୁହାଗଲା ଯେ ସେ ଆମ ଭିତରେ ପ୍ରଶ୍ୱାସ ନେଉଛନ୍ତିଏବଂ ନିଶ୍ୱାସ ଛାଡୁଛନ୍ତି। ପ୍ରଶ୍ନଉଠେ ଆମେ ଏହି ନିଶ୍ୱାସ - ପ୍ରଶ୍ୱାସର ଗତିକୁ କେବେ ଲକ୍ଷ୍ୟ କରିଛେ କି ? ଯେତେବେଳେ ଆମେ ଆମର ଜୀବନ ସ୍ରୋତକୁ ନିରୀକ୍ଷଣ କରିବା ତେବେ ଆମେ ଚିନ୍ତାରେ ବୁଡିଯିବା ଆଉ ଅନୁଭବ କରିବା - ସବୁ ସେ କରୁଛନ୍ତି ଏବଂ କରାଉଛନ୍ତି। ଏମିତି ଏକ ଅନୁରୂପ ପ୍ରଶ୍ନର ଉତ୍ତର ନେଇ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି "ଜୀବର ଗତି ଅନୁଭବ, ଉଦ୍ଧବେ କହିଲେ ମାଧବ" । (ଶ୍ରୀ.ଭା. ଏକାଦଶ) ଏଠାରେ ଅନୁଭବ ଅର୍ଥ ତାଙ୍କର ନିରନ୍ତର ଚିନ୍ତା ବା ଭୟ।

ହେ ଯୋଗେଶ୍ୱର ଶ୍ରୀକୃଷ୍ଣ ! କୃପା କରି କହିବା ହୁଅନ୍ତୁ କିପରି ନିରନ୍ତର ଚିନ୍ତାରେ ପ୍ରତି ଶ୍ୱାସରେ ମୁଁ ତୁମକୁ ଉପଲବ୍ଧି କରିପାରିବି। ଉତ୍ତରରେ ଏତିକି କୁହାଯିବ ଯେ, ''ରେ ଆତ୍ମନ! ନିଦ୍ରା ପରି ହରି; ଫେଡି ଚିନ୍ତାର ଲୋଚନ; କରକର ନିରୀକ୍ଷଣ; ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି; ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ'' । ଆମେ ଜନ୍ମ ନେଇଛେ ମାନେ ଆମର ମୃତ୍ୟୁ ଅନିବାର୍ଯ୍ୟ। ସେଇ ମୃତ୍ୟୁ ସିନ୍ଧୁରେ ମିଶିବା ପାଇଁ ଆମର ଏ ଜୀବନ ସ୍ରୋତ। ଏହାକୁ ଅନୁଭବ କରି ହେବ କେବଳ ଆମେ ଯଦି ଚିନ୍ତାରେ ରହିବା ଧ୍ୟାନରେ ରହି ଅବଲୋକନ କରିବା ବା ଆମର ଦିବ୍ୟଦୃଷ୍ଟିରେ ଦେଖିବା କେମିତି ଆମ ଜୀବନ ସ୍ରୋତ ମୃତ୍ୟୁ ଅଭିମୁଖେ ଧାବମାନ।ଏ ଯାବତ୍ ଆମେ ନିଦ୍ରିତ ! ଆମକୁ ନିଦ୍ରା ଭଂଗ କରିବାକୁ ପଡିବ! ଅଚିନ୍ତା ଦୂରକରି ସେଇ ପରଂବ୍ରହ୍ମଙ୍କ ପାଦପଦ୍ମ କୁଚିନ୍ତନ କରିବାକୁ ପଡିବ। ଯେମିତି ସେହି ଚିନ୍ତାମଣିଙ୍କ କଥା ଚିନ୍ତା କରୁକରୁ ଏ ଜୀବନ ସୋତ୍ର ସେଇ ମୃତ୍ୟୁ ସିନ୍ଧୁରେ ମିଶିଯାଉ।

ଏଥିପାଇଁ ଦରକାର ଶ୍ରଦ୍ଧା। ଶ୍ରଦ୍ଧାବାନ୍ ଶିଷ୍ୟ ଅର୍ଜୁନଙ୍କଠାରୁ ଆମେ ଏତିକି ଶିଖିବା ଯେ ସେ କେମିତି ସଦ୍‌ଗୁରୁଙ୍କଠାରୁ ନିଃସ୍ୱାର୍ଥପର ସାଧନା ତଥା ଆତ୍ମାନୁସନ୍ଧାନର ଗୂଢ ରହସ୍ୟକୁ ଜାଣିଲେ। ଏହା ତାଙ୍କୁ ଜଣା ଯେ ମନୁଷ୍ୟର ଆୟୁଷ ଅଳ୍ପ ଏବଂ ଜୀବନ କ୍ଷଣସ୍ଥାୟୀ, ପ୍ରତି ନିଶ୍ୱାସ ଏକ ଧୀରମୃତ୍ୟୁ ପ୍ରତି ପ୍ରଶ୍ୱାସ ଏକ ନବଜନ୍ମ । ଅଚିନ୍ତାରେ ରହି ଅନେକ ଏହା ଉପଲବ୍ଧି କରିପାରନ୍ତି ନାହିଁ । ତେଣୁ ଆସନ୍ତୁ ଶ୍ରଦ୍ଧାବାନ ହୋଇ, ଚିନ୍ତନରେ ନିମଗ୍ନ ରହିବା, ନିଜର ବହୁମୂଲ୍ୟ ସମୟ ବିନିଯୋଗରେ ପ୍ରତିମୁହୂର୍ତ୍ତରେ ତାଙ୍କୁ ଅନୁଭବ କରିବା ଆଉ ମାଗିବା; ହେ ମହାପ୍ରଭୁ ! ଶେଷ ନିଶ୍ୱାସ ଆଗ ସମୟରେ ତୁମରି ଚିନ୍ତାରେ, ତୁମରି ସ୍ମରଣରେ ପ୍ରାଣ ପକ୍ଷୀ ଉଡିଯାଉ।"

-ଜୟ ଜଗନ୍ନାଥ -

**କୁଳସଚିବ ନାଇଜର**
**ୟୁନିଟ-୯, ଭୁବନେଶ୍ୱର**
ମୋ - ୯୪୩୭୪୯୭୮୭୮

# ମୁଁ ସେ ଓଡିଶା ମାଟିର ପିଲା



ରମାକାନ୍ତ ମିଶ୍ର

ମୁଁ ସେ ଓଡ଼ିଶା ମାଟିର ପିଲାରେ, ମୁଁ ସେ ଓଡ଼ିଶା ମାଟିର ପିଲା
ଯେ ମାଟିର ବାଜି ଜୀବନକୁ ବାଜି
ଦେଶ ପାଇଁ ଲଗାଇଲା ରେ ..........୦
ବିଚିତ୍ର କରମା ଯେ ମାଟି ଧରମା
କୋଣାରକ ଚୂଳ ତୋଳି
ରଖିଲା ବଢ଼େଇ ବାରଶ' ବଢେଇ
ପାଇଁ ଦେଲା ପ୍ରାଣ ବଳି
ଗୋରା ଫଉଜର ସଙ୍ଗେ ଯା' ପାଇକ
ରକ୍ତ ହୋଲି ଖେଳି ଥିଲା ରେ .........୧
ଯେ ମାଟି ସାମନ୍ତସିଦ୍ଧାନ୍ତ ଦର୍ପଣେ
ଜଗତ ଦେଖୁଛି ମୁହଁ
ଦୀନ ଦୁଃଖେ ଦୀନବନ୍ଧୁ ଗୋପବନ୍ଧୁ
ନତୁଁ ଝରୁଥିଲା ଲୁହ
ଯା'ର ମଧୁବାବୁ କୋଟି ଓଡ଼ିଆଙ୍କ
ପ୍ରାଣକୁ ଗୋଟିଏ କଲାରେ ............୨
ଯେ ମାଟି ଉପେନ୍ଦ୍ର କାବ୍ୟାକାଶ ଚନ୍ଦ୍ର
ସମାନ କେ ଅଛି ଆଉ
ଯା' କବି ଗାଇଲା ପ୍ରାଣୀଙ୍କ ଆରତେ
ମୋ ଜୀବନ ନର୍କେ ଯାଉ
ଯା'ର ଗଜପତି ଶିରେ ସୁନା ଛତି
ଲକ୍ଷେ ରାଜା ଟେକିଥିଲାରେ ...........୩
କଳା ସାହିତ୍ୟର ଯିଏ ଗନ୍ତାଘର
ପ୍ରକୃତି ସୁଷମା ଚାହିଁ
ଜଗତ ଜନର ଆଖି ଲାଖି ଯାଏ
ଭାବ ବିଭୋଳିତ ହୋଇ
ସୁଖଦୁଃଖ ସାକ୍ଷୀ ଯା'ର ଚକାଆଖି
କାଞ୍ଚୀ ଯୁଦ୍ଧେ ଯାଇଥିଲାରେ ............୪
ସେ ମାଟିର ଧୂଳି ଅଙ୍ଗେ ହେବି ବୋଳି
ଗାଇବି ତା' ଯଶ ଗୁଣ
ତା' ମହାପୁରୁଷ ସମ ହେବା ପାଇଁ
ଦେବି ମୋର ମନ ପ୍ରାଣ
ହଜିଲା ଅତୀତ ଖୋଜି ଆଣିବି ତା'
ନକରିବି ତିଳେ ହେଳାରେ .............୫

ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ




ଉଦ୍ଧତ ନହୋଇ ନମ୍ର ହୁଅ। ଚଞ୍ଚଳ ନହୋଇ ସ୍ଥିର ହୁଅ, କୌତୁହଳୀ ନହୋଇ ଗମ୍ଭୀର ହୁଅ ।



# ସାହିତ୍ୟ ଓ ଆତଙ୍କବାଦ

**ତୁଳସୀ ଜୈନ**

ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ବିଶ୍ୱର ଚିନ୍ତନଶୀଳ ମନୀଷୀମାନେ ଆଗାମୀ ସମୟରେ ପିଇବା ପାଣିକୁ ନେଇ ତୃତୀୟ ବିଶ୍ୱଯୁଦ୍ଧ ହେବ ବୋଲି ଘୋଷଣା କରିଥିଲେ । ଜଳୀୟ ସ୍ରୋତର ଅତିରିକ୍ତ ଦୋହନ ଏବଂ ଅପବ୍ୟବହାର ଦେଖି ସେମାନଙ୍କ ମନରେ ଏହି ଭାବନା ଜାତ ହୋଇଥିଲା । କିନ୍ତୁ ସେମାନଙ୍କ ଆଶଙ୍କାକୁ ପଛକୁ ପକାଇ ଆଜି ଆତଙ୍କବାଦ ତୃତୀୟ ବିଶ୍ୱଯୁଦ୍ଧର ବିଗୁଲ ଫୁଙ୍କିଦେଇଛି । ବିଶେଷ କରି ଇସଲାମୀୟ ଆତଙ୍କବାଦୀଙ୍କ ଦ୍ୱାରା ସମସ୍ତ ପୃଥିବୀ ଆଜି ତ୍ରସ୍ତ ।କୌଣସି ଉଦ୍ଦେଶ୍ୟ ନାହିଁ କି ପର୍ଯ୍ୟାପ୍ତ କାରଣ ବି ନାହିଁ । କେବଳ ଧର୍ମ ପ୍ରସାରର ସଂକୀର୍ଣ୍ଣ ମାନସିକତା ସେମାନଙ୍କୁ ଉନ୍ମତ୍ତ କରି ତୋଳିଛି । ସେମାନେ ହିଂସାର ତାଣ୍ଡବ ଭିଆଇ ଚାଲିଛନ୍ତି । ବିଶ୍ୱମାନଚିତ୍ରର କୌଣସି ଭୂଖଣ୍ଡ ସୁରକ୍ଷିତ ନୁହେଁ । ଏବେ ସମୁଦ୍ର ଓ ଆକାଶ ବି ସେମାନଙ୍କ କ୍ରୀଡ଼ାଙ୍ଗନରେ ପରିଣତ ହୋଇଯାଇଛନ୍ତି । ଇସଲାମ୍ ବନାମ ଅନ୍ୟ ସମସ୍ତେ ଏହି ରୂପରେ ବିଶ୍ୱ ଧ୍ରୁବୀକରଣର ସଙ୍କେତ ମିଳିବାରେ ଲାଗିଛି ।




ତେବେ ଭାରତୀୟ ଦୃଷ୍ଟି କୋଣରୁ ଏହି ମାନସିକତା ଯଥାର୍ଥ ମନେ ହେଉନାହିଁ । ବ୍ୟକ୍ତିଗତ ଦୋଷକୁ ସମାଜ ଉପରେ ଲଦି ଦେବା ଦ୍ୱାରା ସମାଜର ଶାନ୍ତି ବ୍ୟାହତ ହେଉଛି । ବହୁ ସଂଖ୍ୟକ ସମାଜ, ଛୋଟ ବଡ଼ ଅପରାଧ ଓ ହିଂସା ପାଇଁ ସବୁବେଳେ ସଂଖ୍ୟାଲଘୁଙ୍କୁ ସନ୍ଦେହ କରିବା ଉଚିତ ନୁହେଁ । ଇସଲାମ ଧର୍ମାବଲମ୍ବୀ ମାନେ ବି ସଂକୀର୍ଣ୍ଣ ଧର୍ମାନ୍ଧତା ପରିହାର କରି ଶାନ୍ତି, ଅହିଂସା ଓ ସହଅସ୍ତିତ୍ୱର ମାର୍ଗ ଆପଣାଇଲେ ପ୍ରଗତିର ସ୍ୱାଦ ଚାଖି ପାରିବେ । ଆତଙ୍କବାଦୀଙ୍କୁ ଆଶ୍ରୟ କିମ୍ବା ପ୍ରୋତ୍ସାହନ କୌଣସି ସ୍ଥିତିରେ ବି ଦେବା ଉଚିତ୍ ହେବ ନାହିଁ । ବରଂ ସେମାନଙ୍କ ପ୍ରତି ସମାଜର ଗଭୀର ତିରସ୍କାର ଓ ପ୍ରତାଡ଼ନାର ଭାବ ଜାତ ହେବା ଉଚିତ ।

ଗତ ୩୦ ବର୍ଷ ମଧ୍ୟରେ କେବଳ ଭାରତ ୬୦୦୦୦ ରୁ ଊର୍ଦ୍ଧ୍ୱ ଜୀବନ ହରାଇ ସାରିଛି । ୨୦୦୧ ପୂର୍ବରୁ ଏହି ସନ୍ତ୍ରାସବାଦୀମାନଙ୍କ ମନର କୌଣସି କୋଣରେ କରୁଣା ଛପି ରହିଥିବା ଭଳି ମନେ ହେଉଥିଲା । ଏମାନେ ଶିକ୍ଷାୟତନ, ପ୍ରେକ୍ଷାଳୟ, ଧାର୍ମିକ ସ୍ଥଳ, ସାର୍ବଜନୀନ ସମାବେଶ, ରେଲୱେ ଷ୍ଟେସନ, ଉଡ଼ାଜାହାଜ ପଡ଼ିଆ ଆଦି ଉପରେ ସାମନ୍ୟତଃ ଆକ୍ରମଣ କରୁ ନଥିଲେ । ପ୍ରଶାସନ ଓ ସୁରକ୍ଷାକର୍ମୀଙ୍କୁ ସେମାନେ ଟାରଗେଟ କରୁଥିଲେ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ୯/୧୧ କିମ୍ବା ଚେଚନିଆର କ୍ରୁର ଶିଶୁ ସଂହାର କିମ୍ବା ୨୬ ନଭେମ୍ବର ୨୦୦୮ ରେ ମୁମ୍ବାଇରେ ଘଟିଥିବା ସଦ୍ୟତମ ଘଟଣା ପ୍ରମାଣିତ କରୁଛି ଯେ ମର୍ଯ୍ୟାଦାର ସମସ୍ତ ଲକ୍ଷ୍ମଣ ରେଖାକୁ ଏମାନେ ଅତିକ୍ରମ କରି ସାରିଲେଣି । ଲୋକେ ରାବଣ ଓ କଂସର ଚରିତ୍ରକୁ କ୍ଷମା କରିବା ପାଇଁ ପ୍ରସ୍ତୁତ, ହେଲେ ଏହି ସନ୍ତ୍ରାସବାଦୀଙ୍କୁ ନୁହେଁ ।

ବାହ୍ୟ ଆତଙ୍କବାଦ ତୁଳନାରେ ଏବେ ଆଭ୍ୟନ୍ତରୀଣ ଆତଙ୍କବାଦର ରୂପ ଅତ୍ୟନ୍ତ ବୀଭତ୍ସ ଭାବେ ପ୍ରକଟିତ । ମାଓବାଦ, ନକ୍ସଲବାଦ ଏବଂ ଅନେକ ପୃଥକତାବାଦୀ ଆଞ୍ଚଳିକ ସଙ୍ଗଠନମାନେ ବ୍ୟାପକ ଧନ ଜୀବନ ହାନି କରିଚାଲିଛନ୍ତି । ଏହି ପରିପେକ୍ଷୀରେ ସୁପ୍ରସିଦ୍ଧ ଲେଖିକା ଅରୁନ୍ଧତୀ ରାଏ ଆଦି ଅନେକ ମାନବ ଅଧିକାର ସୁରକ୍ଷାର ତଥାକଥିତ ପ୍ରହରୀମାନେ ସେମାନଙ୍କ ବାଣୀ ଓ ଲେଖନୀର ନିରଙ୍କୁଶ ପ୍ରୟୋଗ କରିଚାଲିଛନ୍ତି । ନିରୀହ, ନିର୍ଦ୍ଦୋଷ ଲୋକମାନଙ୍କୁ ମାରୁଥିବା ଏହି ଅପରାଧ ପ୍ରବଣ ଲୋକଙ୍କ ସକାଶେ "ବନ୍ଧୁକଧାରୀ ଗାନ୍ଧୀବାଦୀ" ବିଶେଷଣ ଲଗାଯାଇଛି । ସମ୍ଭବତଃ ଅରୁନ୍ଧତୀ ହେଉଛନ୍ତି ଗାନ୍ଧୀଙ୍କ ସମର୍ଥ ଉତ୍ତରାଧିକାରୀ । କାରଣ ସେ ପାପୀକୁ କିମ୍ବା ଅପରାଧୀକୁ ଘୃଣା କରୁନାହାନ୍ତି । ତେବେ ସେମାନଙ୍କ କୁକୃତ୍ୟର ଭର୍ତ୍ସନା ନ କରି ମୌନ ରହି ସମାଜର କିଭଳି ଉପକାର କରିବାକୁ ଚାହୁଁଛନ୍ତି – ତାହା ବୃହତର ସାହିତ୍ୟ ଜଗତକୁ ବ୍ୟସ୍ତ ଓ ବିସ୍ମିତ କରୁଛି । ଅପରାଧୀ ସାଜିବାର କାରଣ ପଛରେ ପର୍ଯ୍ୟାପ୍ତ ଯୁକ୍ତି ଥାଇପାରେ, କିନ୍ତୁ ସେମାନଙ୍କ ରକ୍ତ ପିପାସାକୁ ଯଥାର୍ଥ ବୋଲି କିଭଳି ପ୍ରମାଣିତ କରାଯାଇପାରିବ ?

ଏହିପରି ସ୍ଥିତିରେ ସାହିତ୍ୟ କିଭଳି ତାର ସାର୍ଥକତା ସିଦ୍ଧ କରିବ ? ଆତଙ୍କବାଦ ଓ ସାହିତ୍ୟ ହେଉଛି ସମସାମୟିକ । ଆତଙ୍କବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଯାଇ ସାହିତ୍ୟ ଜନ୍ମ ନେଇଥିଲା । ପ୍ରଣୟଲିପ୍ତ କ୍ରୌଞ୍ଚ ପକ୍ଷୀଯୁଗଳଙ୍କୁ ଆତତାୟୀର ତୀର ବିନ୍ଧେ ଏବଂ ସେମାନଙ୍କ ବିରହ ବେଦନା ଆଦି କବିଙ୍କ ହୃଦୟକୁ ରକ୍ତାକ୍ତ କରିଦିଏ । ସଂସ୍କୃତର ପ୍ରଥମ ଶ୍ଳୋକ ନିର୍ମିତ ହୋଇଯାଏ-

**ମା ନିଷାଦ ପ୍ରତିଷ୍ଠାତ୍ୱମଗମ ଶାଶ୍ୱତୀ ସମାଃ ।**
**ଯତ୍ କ୍ରୌଞ୍ଚ ମିଥୁନାଦେକଂ ଅବଧି କାମମୋହିତଂ ।।**

ବିଶ୍ୱ, ସାହିତ୍ୟର ଆଭାରେ ଉଦ୍‌ଭାସିତ ହୋଇପଡ଼େ ।

ଶକ୍ତି ସଂବେଦନା ଶୂନ୍ୟ ହେଲେ ଆତଙ୍କ ଓ ସନ୍ତ୍ରାସ ଜାତ ହୁଏ ।



କାହାରିକୁ ତିରସ୍କାର କରନାହିଁ । ଅପ୍ରିୟ ବ୍ୟକ୍ତିର ମଧ୍ୟ ଅନିଷ୍ଟ ଚିନ୍ତା କରନାହିଁ । ଏକାଗ୍ରୀ ହୁଅ, କୁଳୀନ ହୁଅ, ବୁଦ୍ଧିମାନ ହୁଅ, ଲଜ୍ୟାଶ୍ରୀ ହୁଅ ।

ସାହିତ୍ୟ ଆତଙ୍କର ମୂଳୋତ୍ପାଟନ କରି ପାରିବ ନାହିଁ କିନ୍ତୁ ଆତଙ୍କବାଦର ସମାଧାନ ସୂତ୍ର ପ୍ରସ୍ତୁତ କରି ପାରିବ । କାରଣ ଶସ୍ତ୍ର ଓ ଶାସ୍ତ୍ର ମଧ୍ୟରେ ଢ଼େର ପାର୍ଥକ୍ୟ ରହିଛି । ମହାନ୍ ଦାର୍ଶନିକ ଆଚାର୍ଯ୍ୟ ମହାପ୍ରଜ୍ଞଙ୍କ ମତରେ ଆତଙ୍କର ଜନ୍ମ ପଛରେ ଅଭାବ, ଅଜ୍ଞାନ ଓ ଆବେଶର ଭୂମିକା ରହିଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦୀର୍ଘସୂତ୍ରୀ ଯୋଜନା କରାଯିବା ଆବଶ୍ୟକ ।

ବର୍ତ୍ତମାନ ରାଜନୀତି ଆମକୁ ନିରାଶ କରିଚାଲିଛି । ରାଜନେତାଙ୍କ ଠାରେ ଦୂରଦୃଷ୍ଟି (Vision) ନାହିଁ କି ଅନ୍ତର୍ଦୃଷ୍ଟି (Intution) ବି ନାହିଁ । କେବଳ ସ୍ୱାର୍ଥର ଚେତନା । ଦେଶହିତ ଗୌଣ ।

ଏହି ସମସ୍ୟାର ସମାଧାନରେ ସାହିତ୍ୟ କିପରି ଯୋଗଦାନ କରିପାରିବ ? ଆମକୁ ଶାନ୍ତି ସମୟରେ କଠିନ ଶ୍ରମ କରି ଝାଳ ବୁହାଇବାକୁ ପଡ଼ିବ । ଘଟଣା ସମୟରେ ଯେଉଁ ନିର୍ଣ୍ଣୟ ନିଆଯାଏ, ତାହା ସାଧାରଣତଃ ଭୁଲ ହୋଇଥାଏ । ଆପଣା ଶକ୍ତିର ସଂବର୍ଦ୍ଧନ, ସତତ ଜାଗରୁକତା ଏବଂ ସୁସ୍ପଷ୍ଟ ଓ ସର୍ବମାନ୍ୟ ରାଷ୍ଟ୍ରୀୟନୀତି ନିର୍ଦ୍ଧାରଣ କରା ନ ଗଲେ ଦେଶ କିମ୍ବା ଲୋକତନ୍ତ୍ର କାହାରିକୁ କି ସୁରକ୍ଷିତ ରଖାଯାଇପାରିବ ନାହିଁ ।

ସାହିତ୍ୟକୁ ପ୍ରତିକ୍ରିୟାରୁ ଜାତ ବୋଲି କଦାପି କୁହାଯାଇ ନ ପାରେ । ଜନଗଣମନକୁ ସୁସ୍ଥ ରଖିବା ହେଉଛି ସାହିତ୍ୟିକଙ୍କ କର୍ତ୍ତବ୍ୟ । କେବଳ ରୁଗ୍ଣ ସ୍ନାୟବିକ ଉତ୍ତେଜନା ଜାତ କରିବା ସାହିତ୍ୟ ସାଧନାର ଲକ୍ଷ୍ୟ ନହୋଇ ଆବଶ୍ୟକ ବେଳାରେ ସାହିତ୍ୟକୁ ତା'ର ଉପଯୋଗିତା ପ୍ରମାଣିତ କରିବାକୁ ହେବ । ନଚେତ୍ ଆବର୍ଜନା ଟୋକେଇ ସମସ୍ତଙ୍କ ପାଇଁ ଥୁଆହୋଇ ରହିଛି ।

ପରିଶେଷରେ ଆତଙ୍କବାଦର ସମାଧାନ ପାଇଁ ସାହିତ୍ୟର ଆଭିମୁଖ୍ୟ ଓ ସଂକଳ୍ପ ପ୍ରତି ନିମ୍ନମତେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ସମର୍ପିତ ହେଲେ, ଆତଙ୍କମୁକ୍ତ ଭାରତର କଳ୍ପନା ଅବଶ୍ୟ ସାକାର ହେବ ।

ମଣିଷର ଅଭାବ ଓ ଅଜ୍ଞାନତା ଦୂର କରିବା ପାଇଁ ସମାଜ ଓ ସରକାର ନିଷ୍ଠାର ସହିତ ଚେଷ୍ଟା କରନ୍ତୁ ।

ଆଧ୍ୟାତ୍ମ ଏବଂ ମାନବତାବାଦୀ ସଂଗଠନଗୁଡ଼ିକ ମଣିଷର ଆବେଶକୁ ନିୟନ୍ତ୍ରଣାଧୀନ କରିବାର ପ୍ରୟତ୍ନ କରନ୍ତୁ ।

ଏହା ସତ୍ତ୍ୱେ ଯଦି ଆତଙ୍କବାଦୀ ମାନସିକତା ଜନ୍ମ ନେଉଛି, ତାକୁ ଦୃଢ଼ତାର ସହିତ ଦମନ କରାଯାଉ ।

ବିଦେଶ ପ୍ରାୟୋଜିତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳ (Zero tolerance) ପ୍ରଦର୍ଶିତ ହେଉ ସେମାନଙ୍କୁ ଉଚିତ ଉତ୍ତର ଦିଆଯାଉ ।

ପୋ: ତୁଷୁରା - ୭୬୭୦୩୦, ଜି. ବଲାଙ୍ଗିର
ମୋ - ୭୯୭୮୦୮୨୭୬୬

# କୁସୁମ



ସୁରେଶ ଚନ୍ଦ୍ର ରଥ

ଧନ୍ୟରେ କୁସୁମ ସୁଗନ୍ଧ ସୁଷମ
ଧନ୍ୟ ଭଳି ଭଳି ରଂଗ,
ଦେବଲୋକ ଠାରୁ ନାଗଲୋକ ଯାଏଁ
ଇଛନ୍ତି ତୋହର ସଂଗ ।

ତୋର ପ୍ରେମ ରସେ ବୁଡ଼ି ରହିବାକୁ
ନବଯୁବା ସଦା ଚାହେଁ,
ପୁରୁଷ ମନକୁ କାମାଶକ୍ତ କରି
ସଂସାରି ଆନନ୍ଦ ପାଏ ।

ସଭାସମିତିରେ ବିବାହ ବ୍ରତରେ
ପୁଷ୍ପର ଭାରି ଆଗ୍ରହ,
ସୌନ୍ଦର୍ଯ୍ୟକରଣେ ମଣ୍ଡପ ଓ ମଂଚେ
ତୃପ୍ତି ପ୍ରସନ୍ନତା ଦିଏ ।

କୁସୁମ ଅଟଇ ମହା ଭାଗ୍ୟବାନ
ଦେବତା ମସ୍ତକେ ବସେ,
ମାନବ ଦାନବ ଗନ୍ଧର୍ବ କିନ୍ନର
ପ୍ରଭୁ ପାଦ ତଳେ ହସେ ।

କୃପା ଭିକ୍ଷା କରି ଆଶାୟି ଦାମ୍ଭିକେ
ଦେବ ଛଡ଼ାଲାଗି ଫୁଲ,
ଅଂଗରୁ ପତିତ ଭାଗ୍ୟ ଅନୁରୂପ
ପ୍ରାପ୍ୟ ହୁଏ ସମତୁଲ ।

ନେତା ପଦଯାତ୍ରା ଶବ ମହାଯାତ୍ରା
ସୁମନ ବାନ୍ଧବ ସହ,
ସୁଖରେ ଦୁଃଖରେ ଜଡ଼ିତ ସେ ଥାଏ
ଗନ୍ଧ ବାଣ୍ଟେ ମହମହ ।

ପ୍ରସ୍ଫୁଟିତ ପୁଷ୍ପେ ଭ୍ରମର ବସଇ
ଦେବାକୁ ମୁଖେ ଚୁମ୍ବନ,
ମଧୁମକ୍ଷି ଗଣ ମଧୁ ଆହରଣେ
କରନ୍ତି ମଧୁ ଗୁଂଜନ ।

ସଂପାଦକ
ଜଟଣି ସାହିତ୍ୟ ସଂସଦ, ଜଟଣୀ
ମୋ - ୯୭୭୭୨୩୮୬୦୪

# ଅଦ୍ଭୁତ ଶିକ୍ଷୟିତ୍ରୀ ଓ ଅଦ୍ଭୁତ ସ୍ମୃତି



ପ୍ରିୟମ୍ବଦା ସାହୁ

ଦିନେ ଜଣେ ଶିକ୍ଷୟିତ୍ରୀ ନବମ ଶ୍ରେଣୀରେ ପଢ଼ାଉଥାନ୍ତି। ସେ ଛାତ୍ର ଛାତ୍ରୀମାନଙ୍କୁ ଦୁଇଟା ବଡ଼ କାଗଜରେ ନିଜ ଶ୍ରେଣୀର ପିଲାମାନଙ୍କ ନାମ ଲେଖିବାକୁ କହିଲେ। ପ୍ରତ୍ୟେକ ନାମର ଆଗରେ ଆଉ ସେହିପରି ତଳେ କିଛି ଖାଲି ଜାଗା ରଖିବାକୁ ମଧ୍ୟ କହିଲେ। ପିଲାମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ଟିକେ ଅପେକ୍ଷା ବି କଲେ ଯେ, ମାଡାମ୍ କ'ଣ କରିବାକୁ କହୁଛନ୍ତି ?

ଶିକ୍ଷୟିତ୍ରୀ ତାପରେ କହିଲେ – 'ପ୍ରତ୍ୟେକ ଛାତ୍ର-ଛାତ୍ରୀଙ୍କ ନାମ ଆଗରେ ଯେଉଁ ଖାଲି ଜାଗା ରହିଛି, ସେଠାରେ ତାହାର ସବୁଠାରୁ ଭଲ ଗୁଣ ବିଷୟରେ ଯେତିକି ମନେପଡୁଛି ଲେଖ।' ପ୍ରତ୍ୟେକ ପିଲାଙ୍କର ସଦ୍‌ଗୁଣ କଥା ମନେପକାଇ ଲେଖିବା ପାଇଁ ଅଧିକ ସମୟ ଲାଗିଲା। କିନ୍ତୁ ଏପରି ଏକ ନୂତନ କାମ ପାଇଁ ମନରେ ଆନନ୍ଦ ମଧ୍ୟ ଆସିଲା। କ୍ଲାସର ବାକି ସମୟ ସେହି କାର୍ଯ୍ୟରେ ବିତିଗଲା। ସ୍କୁଲ ଛୁଟି ହେବା ପରେ ପିଲାମାନେ ନିଜ ନିଜର ଲେଖା ଶିକ୍ଷୟିତ୍ରୀଙ୍କୁ ହସ୍ତାନ୍ତରିତ କରି ବିଦାୟ ନେଲେ।

ସପ୍ତାହ ଶେଷରେ ଶିକ୍ଷୟିତ୍ରୀ ପ୍ରତ୍ୟେକ ଛାତ୍ର-ଛାତ୍ରୀଙ୍କ ନାମରେ ଏକ ଏକ କାଗଜ ପ୍ରସ୍ତୁତ କଲେ। ତାପରେ ସେଥିରେ କ୍ଲାସର ପ୍ରତ୍ୟେକ ପିଲା ତା ବିଷୟରେ କ'ଣ ଭଲ ଗୁଣ ସବୁ ଲେଖିଛନ୍ତି, ତାହା ଲେଖିଦେଲେ। ସୋମବାର ଦିନ ପୁଣି କ୍ଲାସକୁ ଗଲେ। ସେ ଦିନ ସେ ପ୍ରତ୍ୟେକ ପିଲାଙ୍କୁ ଡାକି ସେହି ପିଲାର ନାମ ଥିବା କାଗଜ ତା ହାତରେ ଧରାଇ ଦେଲେ। କାଗଜ ଦେଖି ପ୍ରତ୍ୟେକ ଛାତ୍ର-ଛାତ୍ରୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ସମସ୍ତଙ୍କ ମୁହଁରେ ଆନନ୍ଦର ଲହରୀ ଉଛୁଳି ଉଠୁଥାଏ।

– 'ହେ ଭଗବାନ ! ସମସ୍ତେ ମୋ ବିଷୟରେ ଏତେ ଭଲ ଚିନ୍ତାଧାରା ରଖୁଛନ୍ତି ?'

– 'ସମସ୍ତଙ୍କ ହୃଦୟରେ ମୋ ପାଇଁ ଏତେ ସମ୍ମାନ ରହିଥିବ ? ଏହା ତ ମୁଁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନାହିଁ !'

'ସମସ୍ତେ ମୋତେ ଏତେ ଭଲ ପାଉଥିବେ, ତାହା ତ ମୁଁ କେବେ କଳ୍ପନା କରି ନାହିଁ... !'

ଆଖିରେ ଅଶ୍ରୁ ନେଇ ପ୍ରତ୍ୟେକ ପିଲା ଏପରି କଥା ଅନୁଚ୍ଚ କଣ୍ଠରେ ବ୍ୟକ୍ତ କରୁଥାନ୍ତି। ଅନ୍ୟମାନଙ୍କ ମନ ମଧ୍ୟରେ ନିଜର ଏତେ ମହତ୍ତ୍ୱ ଥିବ, ଏହା କାହାର ମନକୁ ଆସୁ ନଥାଏ।

ସେଦିନ ସରିଲା। ତାପରେ ସବୁ ଛାତ୍ର-ଛାତ୍ରୀ ମିଳିମିଶି ରହିଲେ। କିଏ କାହା ବିଷୟରେ କ'ଣ ଲେଖିଥିଲା କେହି ଜାଣନ୍ତି ନାହିଁ। ତେଣୁ ସ୍କୁଲ ପାଠ ସରିବା ପର୍ଯ୍ୟନ୍ତ ସମସ୍ତେ ପରସ୍ପର କାହାର ଅସୁବିଧା ନହେଉ ସେ ବିଷୟରେ ସଚେତନ ଥାଆନ୍ତି। ସମୟ ବହିଗଲା। ଏ କଥା ସମସ୍ତେ ଭୁଲିଗଲେ।

ବହୁତ ବର୍ଷ ପରେ ସେହି ସହରର ଜଣେ ସୈନିକ ଭିଏତ୍ ନାମ ସହିତ ଯୁଦ୍ଧରେ ପ୍ରାଣ ହରାଇଲା। ତାର ନାମ ମାର୍କ। ତାର ଶବ ତା ଗ୍ରାମକୁ ଅଣାଗଲା। ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ସେହି ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଲୋକ କେତେ ଦୂରରୁ ଦୌଡ଼ି ଆସିଲେ। ସେହି ଶିକ୍ଷୟିତ୍ରୀ ମଧ୍ୟ ସେଥିରେ ଥାଆନ୍ତି। ଯେତେବେଳେ ସେ ଅଶ୍ରୁଭରା ଆଖିରେ... – 'ମୋର ପ୍ରିୟ ଛାତ୍ର ! ଭଗବାନ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ...' ଏପରି କହି କଫନ ଉପରେ ଫୁଲ ଚଢ଼ାଇଲେ, ସେତେବେଳେ ପାଖରେ ଠିଆ ହୋଇଥିବା ଅନ୍ୟ ଏକ ସୈନିକ ପାଖକୁ ଆସିଲା।

ଧୀର କଣ୍ଠରେ କହିଲା– 'ଆପଣ କ'ଣ ମାର୍କର ନବମ ଶ୍ରେଣୀର କ୍ଲାସଟିଚର ଥିଲେ ମାଡାମ୍ ?'

– 'ହଁ, କାହିଁକି ?' ଶିକ୍ଷୟିତ୍ରୀ ଆଶ୍ଚର୍ଯ୍ୟରେ ପଚାରିଲେ।

– 'ନାହିଁ କିଛି ନାହିଁ। ମାର୍କ ଆପଣଙ୍କ ବିଷୟରେ ବହୁତ କଥା କହେ। ଆପଣଙ୍କୁ ଅତି ଆଦରର ସହିତ ସବୁବେଳେ ମନେପକାଏ।'

ତାପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ କିଛି ଫୁସ୍‌ଫାସ୍ କଥା ଆରମ୍ଭ ହୋଇଗଲା।

ଅନ୍ତିମକ୍ରିୟା ଶେଷ ହେବା ପରେ ପ୍ରାର୍ଥନା ପାଇଁ ସମସ୍ତେ ଏକତ୍ର ହେଲେ। ସେତେବେଳେ ଜଣେ ଭଦ୍ରଲୋକ ଶିକ୍ଷୟିତ୍ରୀଙ୍କ ପାଖକୁ ଆସିଲେ। ଅତ୍ୟନ୍ତ ସମ୍ମାନ ପୂର୍ବକ କହିଲେ – 'ନମସ୍କାର। ଆପଣ ମାର୍କର ନବମ ଶ୍ରେଣୀର କ୍ଲାସଟିଚର ଥିଲେ ନା ? ଦେଖନ୍ତୁ, ମାର୍କ ମରିଯିବା ପରେ ତା ପକେଟରୁ ଏହି କାଗଜ ଖଣ୍ଡକ ମିଳିଥିଲା। ଏଥିରେ ନିଜେ ଲେଖିଛି, ନବମ ଶ୍ରେଣୀରେ ମୋର ଅତି ଆଦରଣୀୟା କ୍ଲାସଟିଚରଙ୍କ ତରଫରୁ ମିଳିଥିବା ସର୍ବୋତ୍ତମ ଉପହାର .....

ସେଲୋଟେପ ଦ୍ୱାରା ପୂର୍ଣ୍ଣ ହୋଇ ଅଟକି ରହିଥିବା ଭାଙ୍ଗଗୁଡ଼ିକର ଏହି କାଗଜଟି କେତେ ଥର ଖୋଲା ବନ୍ଦ ହୋଇଥିବ, ଏହାର ସ୍ଥିତିରୁ ସ୍ପଷ୍ଟ ଦେଖାଯାଉଥାଏ। କାଗଜକୁ ଦେଖି ଶିକ୍ଷୟିତ୍ରୀ ଯେପରି ବାକ୍‌ଶୂନ୍ୟ ହୋଇପଡ଼ିଲେ। ଆଖି ଲୁହରେ ଭରିଗଲା। ଯେ ସେହି କାଗଜ ଥିଲା, ଯାହାକୁ ଦିନେ ସେ କ୍ଲାସରେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ମାର୍କ ବିଷୟରେ ଯେଉଁ ସଦ୍‌ଗୁଣର ଚିନ୍ତା ବ୍ୟକ୍ତ କରି ଦେଇଥିଲେ।

– 'ମାଡାମ୍।' ମାର୍କ ଯେଉଁ ବ୍ୟାରେକରେ ଥିଲା, ତହିଁର ଅନ୍ୟ ଜଣେ ସୈନିକ କହିଲା– 'ମାର୍କ ସବୁବେଳେ କହେ, ଏହି କାଗଜଟି ତା ଜୀବନର ସର୍ବାପେକ୍ଷା ଅମୂଲ୍ୟ ଉପହାର ଥିଲା।'

ସେତେବେଳେ ଆଉ ଜଣେ ଯୁବତୀ ସେଠାକୁ ଆସିଲେ। କହିଲେ– 'ହଁ ମାଡାମ୍ ! ମୋ ସ୍ୱାମୀ ଏହିପରି କାଗଜ ଖଣ୍ଡେ ଫ୍ରେମ ଲଗାଇ ଘର କାନ୍ଥରେ ଟାଙ୍ଗିଛନ୍ତି।'



ପ୍ରତ୍ୟେକ ଲୋକ ଏମିତି ଭାବରେ ତା'ଜୀବନ ଅତିବାହିତ କରିବା ଉଚିତ୍; ଯେମିତି କି ତା'ଦ୍ୱାରା କୌଣସି ବି ପ୍ରାଣୀ ବିନଷ୍ଟ ନହୁଏ।

– 'ଆରେ, ମୋ ସ୍ୱାମୀ ତ ଆମର ବାହାଘର ଫଟୋ ଆଲବମ୍‌ରେ ସର୍ବ ପ୍ରଥମ ପେଜ୍‌ରେ ଲଗାଇ ରଖିଛନ୍ତି।'

ଆଉ ଜଣେ ଯୁବକ ମଥା ନୁଆଁଇ କହିଲା – 'ମୁଁ ବି ମାର୍କ ପରି ଏ କାଗଜ ମୋ ପକେଟରେ ରଖିଛି। ମୋ ଜୀବନର ମଧ ଏହା ଏକ ମୂଲ୍ୟବାନ ଉପହାର ଅଛି। ସେ ନିଜ ପକେଟରୁ କାଗଜଟି ବାହାର କରି ସମସ୍ତଙ୍କୁ ଦେଖାଇଲା।

ଏପରି ପ୍ରଶଂସାରେ ସେଠାକାର ବାତାବରଣ ଭରିଗଲା। ତାପରେ ପୁଣି ନୀରବତା ଛାଇଗଲା। ଆଖିରେ ଲୁହ ଓ ହୃଦୟରେ ଆଦର ଭାବ ନେଇ ଉପସ୍ଥିତ ସମସ୍ତ ବ୍ୟକ୍ତି ସେହି ଶିକ୍ଷୟିତ୍ରୀଙ୍କୁ ଚାହିଁଲେ। ଏଥର କାନ୍ଦିବାର ପାଳି ଜାଣ ଶିକ୍ଷୟିତ୍ରୀଙ୍କର ଥିଲା। ସବୁ ଛାତ୍ରମାନଙ୍କ ହାତରେ ହାତ ମିଶାଇ ସେ ଖୁବ କାନ୍ଦିଲେ।

– 'ଏକ ଛୋଟିଆ ପ୍ରସଙ୍ଗଟିଏ କିପରି ଜୀବନର ମୋଡ଼ ବଦଳାଇପାରେ। ଅନ୍ୟ ଲୋକଙ୍କଠାରୁ ନିଜ ପାଇଁ କହିଥିବା କେତେକ ପ୍ରଶଂସାର କଥା ଆମ ଜୀବନକୁ ସୁନ୍ଦର ଆକାରଟିଏ ଦେଇଥାଏ।' ଆମେ ଯେତେବେଳେ କାହାର ବିଷୟରେ କିଛି କହିବା କିମ୍ବା କାହାର ସାଥୀରେ ବାର୍ତ୍ତାଳାପ କରିବା ତ ଆମେ ଏପରି ପ୍ରସଙ୍ଗକୁ ମନେ ରଖିପାରିବା ଯଦି, ତେବେ ସେ ଲୋକ ଆମ କଥା ଉପରେ ଭରସା କରି ସେହି କଥାକୁ ମନ ଭିତରେ ବାନ୍ଧି ରଖିବ! ଆମେ ଆମର ସାଙ୍ଗ, ବନ୍ଧୁ ଓ ବନ୍ଧୁବାନ୍ଧବଙ୍କୁ କହିବା ଯେ, ଆମେ ସେମାନଙ୍କୁ କେତେ ଭଲପାଉ। ଆମ ପାଇଁ ସେମାନେ କେତେ ଦରକାରୀ। ଆମେ ତାଙ୍କୁ ଖୁବ୍ ଆଦରରେ ଦେଖୁ। ସେମାନଙ୍କର କେତେ ଭଲଗୁଣ ଆମକୁ ପ୍ରେରଣା ଦେଇଛି ଓ କଷ୍ଟ ସମୟରେ ମାର୍ଗଦର୍ଶନ ମଧ କରେଇଛି.... ଠିକ୍ ଅଛି, ବିଳମ୍ବ ହୋଇଯିବା ପୂର୍ବରୁ ଦୁନିଆଁକୁ ବି କହିଦେବା ଯେ, ଆମେ ତୋତେ ବହୁତ ଭଲ ପାଉଛୁ!

# ମା'ର ପଣତ



**ସସ୍ମିତା ଦାସ**

ମା'ର ପଣତ ତା'ଗାଥା ଯେ ଅନେକ
ଭାବର ସମ୍ଭାର ତା'ଆବେଗ ମହକ
ରାଶି ରାଶି ବିସ୍ତାରିତ ତା'ପଣତର ରୂପ
କେଉଁଠୁ କରିବି ଆରମ୍ଭ କେଉଁଠି ତା'ଶେଷ
ସେ ବ୍ୟାପ୍ତ ପରିଧିର ଏକ ଭାବର ସମ୍ଭାର
ମା'ର ପଣତ ତା' ଗାଥା ଯେ ଅନେକ ।

ଥକାହରା କ୍ଲାନ୍ତ ମନ ଥକିଯାଏ କେବେ ଲୋଡ଼େ
ସେ ମା'ର ପଣତ ବଡ ସାହାରା ଯେ ଭାବେ
ମା'ର ପଣତ ପୋଛିଦିଏ ଯେତେକ ଘର୍ମାକ୍ତ
ସ୍ୱେଦ ବିନ୍ଦୁ ଅଶ୍ରୁ ବିନ୍ଦୁ ପୋଛି ହୁଏ
ମା'ର ପଣତ ସ୍ପର୍ଶରେ
ମା'ର ପଣତ କାନି ଶ୍ରେଷ୍ଠ ଆଶ୍ରୟଟେ ହୁଏ
ଅବସାଦ ମନର ଯେ ଆଶ୍ୱାସନା ସିଞ୍ଚେ ।

କେବେ ଆଖିକୋଣେ କିଛି ଆଘାତଟେ ହେଲେ
ଆଖିରେ କିଛି ବି କେବେ ଅଟକି ଯେ ଗଲେ
ମା'ର ପଣତ କାନିର ଉଷ୍ମତା ହାପାଟିଏ ହୋଇ
ଆଖିରେ ଛାପି ହୋଇଗଲା ପରେ
ସବୁ ଅଶ୍ୱସ୍ତି ପୁଣି ଆଶ୍ୱସ୍ତିର ରୂପ ନିଏ
ଯନ୍ତ୍ରଣା ସବୁ ଅଦୃଶ୍ୟ ଯେ ହୁଏ ।

ପିଲାବେଳେ ଯଦି କେବେ
ଅପରିଚିତ ବ୍ୟକ୍ତିର ସମ୍ମୁଖେ
ଅଜଣା ଭୟ ଯେବେ ପାଏ
ମା'ର ପଣତ ପଛରେ ମୁଁ ଲୁଚିଯାଇ ରୁହେ
ମା'ର ପଣତ ମୋର ଶ୍ରେଷ୍ଠ ଆଶ୍ରୟଟେ ହୁଏ ।

ବିଜ୍ଞାନ କି ଭୂଗୋଳ ଯେ କେବେ
ନା ଦର୍ଶାଇ ପାରେ ନା ବଖାଣି ପାରେ
ସେ ପଣତର ବ୍ୟାଖ୍ୟା
କେବଳ ଆବେଗର ଭାବ ସେ ନିଃସର୍ତ୍ତ ବାରତା
ସେ ବ୍ୟାପ୍ତ ସ୍ୱରୂପ ଭାବ ସମ୍ଭାର
ମା'ର ପଣତ ତା'ଗାଥା ଯେ ଅନେକ ।

ଶୀତ ହେଉ ଅବା ବର୍ଷାର ଛିଟା
ଟିକେ ବାଜିଗଲେ ଦେହ ହୁଏ ବ୍ୟଥିତା
ମା'ର ପଣତ ସେବେ ଘୋଡ଼ାଇ ଯେ ରଖେ
ଉଷ୍ମତାର ଛତ୍ରଛାୟା ଆବୃତ କରିଥାଏ।

ମା'ର ପଣତର ସ୍ପର୍ଶ ହାତେ ଥିଲାବେଳେ
ଲାଗେ ଯେପରି ମୋତେ
ସାରା ବିଶ୍ୱ ମୋ ହାତ ମୁଠାରେ
ଅଜଣା ବାଟରେ କେବେ ଚାଲୁଥିବାବେଳେ
ମା'ର ପଣତ ମୋ ପଥ ନିର୍ଦ୍ଧାରଣ କରେ ।

ଅତୀତର ଝରକା ଖୋଲି
ଦେଖେ ସବୁ ସ୍ମୃତିର ମହକ
ସେ ମୋ ମା'ପଣତର
ଅନେକ କାହାଣୀ ବର୍ଣ୍ଣିତ
ଚିର ସଂଜୀବନୀ ସ୍ପର୍ଶ ଆନନ୍ଦ ମହକ
ଖେଳିଯାଏ ମୁହୂର୍ତ୍ତଟେ ଆନନ୍ଦ ଆବେଗ
ମା'ର ପଣତ ତା'ଗାଥା ଯେ ଅନେକ ।

**ଅଧ୍ୟାପିକା**
**ଗାୟତ୍ରୀନଗର, ଢ଼େଙ୍କାନାଳ**

# ମାଧୁର ମାଲହୋତ୍ରାଙ୍କ "ଚାଇ - ୩୪" ଟି ଷ୍ଟଲ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଏବେ ଆମ ଓଡ଼ିଶାରେ ଓ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକ ବେକାର। ସେମାନଙ୍କୁ ଚାକିରି ମିଳୁନାହିଁ। ଶିକ୍ଷିତ ଯୁବକ ଯୁବତୀ ଡିଗ୍ରୀଧାରୀ ହୋଇ ମଧ୍ୟ ଚାକିରି ଖଣ୍ଡେ ମିଳୁନଥିବାରୁ ସେମାନଙ୍କଠାରେ ହତାଶାର ସୀମା ନାହିଁ। ପୁଅଝିଅମାନଙ୍କର ଏପରି ଦଶା ଦେଖି ବାପାମାଆଙ୍କ ତୁଣ୍ଡ ନିରବ। କୌଣସି ଏକ ଅଜଣା ଆଶଙ୍କାରେ ପରିବାରର ସମସ୍ତେ ଯେମିତି ଅତିମାତ୍ରାରେ ମ୍ରିୟମାଣ।



ଅନ୍ୟ ଦିଗରେ ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଅଭିନବ ସବୁ କର୍ମୋଦ୍ୟୋଗ ମାଧ୍ୟମରେ ସମସ୍ତଙ୍କୁ ବିସ୍ମିତ କରିଦେବାର ଦୃଷ୍ଟାନ୍ତ ମଧ୍ୟ ଆଦୌ ବିରଳ ନୁହେଁ। ଏହିପରି ଜଣେ ମହିଳା କର୍ମୋଦ୍ୟୋଗୀ ହେଉଛନ୍ତି ଭୋପାଳର ମାଧୁର ମାଲହୋତ୍ରା। ମାଧୁର ମାଲହୋତ୍ରା ଆଇ.ଆଇ.ଟି. ରୁ କମ୍ୟୁନିକେଶନ୍ ମ୍ୟାନେଜ୍‌ମେଣ୍ଟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିସାରି ଚାଲିଯାଇଥିଲେ ଅଷ୍ଟ୍ରେଲିଆ।

ତାଙ୍କ ବୟସ ଏବେ ୩୪ ବର୍ଷ। ଅଷ୍ଟ୍ରେଲିଆରେ ସେ ଯଥେଷ୍ଟ ବେଶୀ ଦରମା ପାଉଥିଲେ। ତଥାପି ସେ ସର୍ବଦା ଚିନ୍ତିତ ରହୁଥିଲେ ଭୋପାଳରେ ରହୁଥିବା ତାଙ୍କ ବାପାମାଆଙ୍କ ବିଷୟରେ। ସବୁବେଳେ ମନେପଡୁଥିଲା ବାପାମାଆଙ୍କ କଥା। ୨୦୦୯ ମସିହାରେ ମାଆ ଅତି ଗୁରୁତର ଭାବରେ ଅସୁସ୍ଥ ହୋଇପଡ଼ିଲେ। ତେଣୁ ଅଷ୍ଟ୍ରେଲିଆ ଛାଡି ଭାରତ ଫେରିଆସିଲେ ସେ।

ଏ ସଂପର୍କରେ ସେ କହିଥିଲେ, "ମୋ ମାଆଙ୍କୁ ହୃତପିଣ୍ଡରେ ଏକ ବଡ ଧରଣର ଅପରେସନ କରିବା ଦରକାର ପଡ଼ିଲା। ମାଆଙ୍କୁ ହୋଇଥିଲା ୭୨ ବର୍ଷ, ବାପାଙ୍କୁ ୭୮ ବର୍ଷ। ମୋ ଭଉଣୀମାନେ ବାହା ହୋଇ ଚାଲିଯିବାପରେ ବାପାମାଆ ହୋଇଗଲେ ଏକୁଟିଆ। ଏକୁଟିଆ ରହୁଥିବା କାରଣରୁ ସବୁକାମ ନିଜେ ତୁଲେଇବା ସେମାନଙ୍କ ପାଇଁ ଥିଲା ବଡ କଷ୍ଟକର। ତେଣୁ ମୁଁ ଦ୍ୱିତୀୟ ବାର ନଭାବି ସେମାନଙ୍କ ପାଖକୁ ଫେରିଆସିବାପାଇଁ ସ୍ଥିର କଲି ଓ କାଳବିଳମ୍ବ ନକରି ଫେରିଆସିଲି ଘରକୁ।"

ମାଧୁରଙ୍କ ପରିବାରର ଥିଲା କୋଠାବାଡି ତିଆରି ବ୍ୟବସାୟ। ମାଧୁର ପ୍ରଥମେ ସେହି ବ୍ୟବସାୟର କାମ ବୁଝାବୁଝି କଲେ। ବ୍ୟବସାୟଟି ଥିଲା ପୁରୁଣା ଏବଂ ବେଶ୍ ପ୍ରତଷ୍ଠିତ। ମାତ୍ର କିଛିଦିନ ପରେ ବ୍ୟବସାୟ କାମ ମାଧୁରଙ୍କୁ ଭଲ ଲାଗିଲାନି। ଦିନେ ସେ ଓ ତାଙ୍କର ବନ୍ଧୁ ଶେଲି ଜର୍ଜ ଚା' ଖାଇବା ନିମନ୍ତେ ଯାଇଥିଲେ ଏକ ଚା ଦୋକାନକୁ। ସେହି ଚା' ଦୋକାନ ବା ଟି'ଷ୍ଟଲଟିର ପରିବେଶ ଥିଲା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ଚା' କପ୍‌ଗୁଡ଼ିକରେ ଲାଗିଥିଲା ମଇଳା। ଯିଏ ଚା' ତିଆରି କରୁଥିଲେ, ତାଙ୍କର ହାତ ଥିଲା ଖୁବ୍ ଅପରିଷ୍କାର। ତାଙ୍କର ମଇଳା ହାତ ଓ ଆଙ୍ଗୁଠି କ୍ଷୀରରେ ବାଜୁଥିଲା। ସେ ହାତରେ ଗୋଭ୍‌ସ ପିନ୍ଧିନଥିଲେ। ସେଠାକାର ଅଧିକାଂଶ ଗ୍ରାହକ ସେଠାରେ ବସି ସିଗାରେଟ୍ ଟାଣୁଥିବାରୁ ସିଗାରେଟ୍ ଧୂଆଁର ଗନ୍ଧ ପ୍ରସରି ଯାଉଥିଲା ଟି-ଷ୍ଟଲ୍‌ଟି ସାରା।

ସେହି ଟି-ଷ୍ଟଲଟିର ଅବସ୍ଥା ଦେଖି ମାଧୁର ଓ ଶେଲି ନିଜର ଗୋଟିଏ ଟି-ଷ୍ଟଲ ଖୋଲିବାପାଇଁ ଯୋଜନା କଲେ। ଷ୍ଟଲଟିର ପରିବେଶ ରହିଥିବ ଅତି ସୁସ୍ଥ ତଥା ଉତ୍ତମ। ଫଳରେ ଗ୍ରାହକମାନେ ନିଜ ପରିବାର ଓ ବନ୍ଧୁମାନଙ୍କ ସହ ସେଠାରେ ଚା' ପିଇବାପାଇଁ ଆଗ୍ରହ ପ୍ରକାଶ କରିବେ।

ଯୋଜନା ସାଥେ ସାଥେ କାମ। ଆରମ୍ଭ ହୋଇଗଲା ମାଧୁର ଓ ଶେଲିଙ୍କର ନୂତନ ଜୀବନ। ସେମାନେ ପ୍ରଥମେ ଆରମ୍ଭ କଲେ ଇରାନୀ ଚା'। କିନ୍ତୁ ସ୍ଥାନୀୟ ଲୋକମାନେ ଇରାନୀ ଚା' ସହ ପରିଚିତ ନଥିବାରୁ ଇରାନୀ ଚା'କୁ ଗ୍ରାହକମାନେ ପସନ୍ଦ କଲେନି।

ମାତ୍ର ସେମାନେ ନିଜ ଅଭିଜ୍ଞତା ଓ ଅନୁଧ୍ୟାନରୁ ଜାଣିପାରିଲେ ଯେ ସାଧାରଣ ଚା'କୁ ମାଟି ଖୁରିରେ ପିଇଲେ ଚା'ର ସ୍ୱାଦ ବଢ଼ିଯାଏ। ତାହାଛଡ଼ା ପରିବେଶ ଦୃଷ୍ଟିକୋଣରୁ ମାଟି ଖୁରି ମଧ୍ୟ ଖୁବ୍ ଉପଯୋଗୀ।

ଭୋପାଳର ଶିବାଜୀ ନଗରରେ ରହିଛି ସେମାନଙ୍କର ଟି-ଷ୍ଟଲ। ଷ୍ଟଲଟିର ନାଆଁ "ଚାଇ - ୩୪"। ସେଠାରେ ବିକ୍ରି ହୋଇଥାଏ ୨୨ ପ୍ରକାରର ଚା। ଚା' ଦିଆଯାଇଥାଏ ମାଟି ଖୁରୀରେ। ଚା'ର ମାନ ମଧ୍ୟ ଖୁବ୍ ଭଲ।

ସଂପ୍ରତି ଭୋପାଳ ସହରର ଯୁବ ସମାଜପାଇଁ ଚା' ପିଇବାର ସବୁଠାରୁ ପସନ୍ଦର ସ୍ଥାନ ହେଉଛି "ଚାଇ - ୩୪"। ଏଠାରେ ଚା' ପିଇବା ସଙ୍ଗେ ସଙ୍ଗେ ଖବରକାଗଜ ଓ ପତ୍ରପତ୍ରିକା ପଢ଼ିବାର ମଧ୍ୟ ବ୍ୟବସ୍ଥା ଅଛି। ଏଠି ଚା' ପିଇ ଆନନ୍ଦରେ କିଛି ସମୟ କଟେଇ ହୁଏ।



ନିଆଁରେ ହାତ ଦେବାକୁ ତୁମେ ଯେମିତି ଭୟକର; ଅନିଷ୍ଟ କରିବାକୁ ବା ପାପ କର୍ମ କରିବାକୁ ସେତିକି ଡରିବା ଉଚିତ୍ ।

ଏହି ଛୋଟ ଟି-ଷ୍ଟଲଟିରେ ଦୁଇବନ୍ଧୁ ମାଧୁର ଓ ଶେଲି ସେମାନଙ୍କ ସମସ୍ତ ସଂଚିତ ଟଙ୍କାକୁ ଖଟେଇଛନ୍ତି। ଏବେ ଷ୍ଟଲଟି ଅତ୍ୟନ୍ତ ଲୋକପ୍ରିୟ। ଟି-ଷ୍ଟଲଟିକୁ ପ୍ରଥମେ ଖୋଲିଲାବେଳେ କର୍ମଚାରୀମାନଙ୍କୁ ଦରମା ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ପକ୍ଷେ ସମ୍ଭବ ହେଉନଥିଲା। ତେଣୁ ମାଧୁର ଓ ଶେଲି ଦୁହେଁ ନିଜେ ଚା' ତିଆରି କରୁଥିଲେ ଏବଂ ମାଟି ଖୁରିରେ ଚା' ନେଇ ନିଜେ ଗ୍ରାହକମାନଙ୍କୁ ପରିବେଷଣ କରୁଥିଲେ।

"ଚାଇ - ଓ୪" ରେ ଚା' ସହିତ ବି ପରିବେଷିତ ହୋଇଥାଏ ଅନ୍ୟାନ୍ୟ ଫାଷ୍ଟଫୁଡ୍। ମାତ୍ର ଷ୍ଟଲଟି ତା'ର ଚା'ପାଇଁ ବେଶୀ ଲୋକପ୍ରିୟ। ଏଠାରେ ଚା'ରେ ଦିଆଯାଏ କମ୍ କ୍ଷୀର। ପ୍ରତିଦିନ ଆସିଥାନ୍ତି ୫୦ ରୁ ୧୦୦ ସରିକି ଗ୍ରାହକ। ଶୀତଦିନେ ଏହି ଗ୍ରାହକମାନଙ୍କ ସଂଖ୍ୟା ପହଞ୍ଚିଯାଏ ଦୈନିକ ୨୦୦ ରୁ ୪୦୦ ରେ। ଏବେ "ଚାଇ - ଓ୪" ଷ୍ଟଲଟି ବେଶ୍ ବଢ଼ିଗଲାଣି ଓ କାମ କରିବାପାଇଁ ରହିଛନ୍ତି ୬ ଜଣ କର୍ମଚାରୀ।

ମାଧୁର ମାଲହୋତ୍ରା ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ଜଣେ ଇଂଜିନିୟର। ଶେଲି ମଧ୍ୟ ଉଚ୍ଚ ଶିକ୍ଷିତା। ତେଣୁ ପ୍ରତ୍ୟେକ ଶିକ୍ଷିତ ବେକାର ଯୁବକ ଯୁବତୀ ଚାକିରି ପଛରେ ନଧାଇଁ ମାଧୁର ଓ ଶେଲିଙ୍କୁ ଅନୁକରଣ କରିପାରିଲେ ନିଶ୍ଚୟ ଉପକୃତ ହୋଇପାରିବେ। ମାତ୍ର ଏଥିପାଇଁ ଦରକାର ସାହସ, ନିଜ ଉଦ୍ୟୋଗରେ ଭଲ କିଛି କରିବାର ତାଗିଦ୍, ଜିଦ୍ ତଥା ଝୁଙ୍କି। ହେଲେ ଆବଶ୍ୟକ ନୂତନ ଚିନ୍ତା ଭାବନା ତଥା ସତ୍ ପରାମର୍ଶ ।

**ଅଭୀପ୍ସା**
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ବିଡ଼ାନାସୀ, କଟକ**

## ଓଜନ ହ୍ରାସ କରିବା ପାଇଁ ଆୟୁର୍ବେଦିକ ଟିପ୍ସ

୧- ମେଥି-ଜୁଆଁଣିକୁ ଭଲ ଭାବରେ ଗ୍ରାଇଣ୍ଡ କରି ଏହାକୁ ପାଉଡର ପ୍ରସ୍ତୁତ କରନ୍ତୁ। ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ ପାଣିରେ ଏକ ଚାମଚ ପାଉଡର ମିଶାଇ ନିଅନ୍ତି । ଏହି ପାଉଡରକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଚର୍ବି କମାଇବାରେ ସାହାଯ୍ୟ କରିବ ।

୨- କିଛି ଜୁଆଁଣିକୁ ଶୁଖାଇବା ପରେ ଏହାକୁ ଫୁଟୁଥିବା ପାଣିରେ ପକାଇ ଭଲ ଭାବରେ ମିଶାନ୍ତୁ । ଯେତେବେଳେ ଏହାର ରଙ୍ଗ ବଦଳିଯିବ, ଏହାକୁ ଛାଣି କରି ପିଅନ୍ତୁ ।

୩- ଶରୀରର ଚର୍ବି କମାଇବା ପାଇଁ ମହୁ ଏବଂ ଜୁଆଁଣି ଖୁବ୍ ଲାଭ ଦାୟକ ।୨୫୦ ଗ୍ରାମ ପାଣିରେ ୨୫ ଗ୍ରାମର ଜୁଆଁଣି ପୁରା ରାତି ସାରା ଭିଜାଇ ରଖନ୍ତୁ। ପରଦିନ ସକାଳେ, ପାଣିକୁ ଛାଣି ୧ଚାମଚ ମହୁ ମିଶାଇବା ପିଇ ନିଅନ୍ତୁ । ଏହାକୁ ଅତି କମରେ ତିନିମାସ ପର୍ଯ୍ୟନ୍ତ ଜାରି ରଖନ୍ତୁ । ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ ।

୪- ୧ ଚାମଚ ଜୁଆଁଣି ଏବଂ ୧ ଚାମଚ ପାନମଧୁରୀ ପକାନ୍ତୁ । ଏହାକୁ ୪କପ୍ ପାଣିରେ ଫୁଟାନ୍ତୁ । ଯେତେବେଳେ ଏହାର ରଙ୍ଗ ବଦଳିଯାଏ, ଏହାକୁ ଛାଣି ନିଅନ୍ତୁ ପରେ ପିଅନ୍ତୁ ।

# କିସ କଥା - ବ୍ୟାଙ୍କ କଥା



**ଘନବିହାରୀ ମହାରଣା**

ଦୀପୁ ତା' ପକେଟ୍‌ରେ ଦଶ ଟଙ୍କିଆ ନୋଟ୍‌ଟା ଏବେବି ରଖିଛି। ଜେଜେ କହିଛନ୍ତି, ବ୍ୟାଙ୍କ୍‌ରେ ଖାତା ଖୋଲିବାକୁ। ଦୀପୁ ଭାବିଲା ସେ ଜେଜେଙ୍କ ସାଙ୍ଗରେ କେତେଥର ବ୍ୟାଙ୍କକୁ ଯାଇଛି। ପିଲାମାନେ ନିଜେ ଯାଇ ଟଙ୍କା ଜମା କରିବା, ଉଠେଇବା - ଏକଥା ତ ବେଶି ଦେଖିନି ସିଏ। ହଉ, ଜେଜେ ତ କହିଛନ୍ତି ବ୍ୟାଙ୍କ ଜମା ବିଷୟରେ ବୁଝେଇଦେବେ ଆଜି.... ।

ସଂଜବେଳେ, ଜେଜେ ଚା' ପିଉଛନ୍ତି, ଦୀପୁ ଆସି ହାଜର। ପକେଟ୍‌ରୁ କାଢ଼ିଲା ସେଇ ନୋଟ୍ ଖଣ୍ଡିକ। ଜେଜେ ଚା' କପ୍‌ରୁ ମୁଣ୍ଡ ଉଠାଇ ପଚାରିଲେ, ଆରେ ମତେ କ'ଣ ପାଇଁ ଟଙ୍କା ଦଉଛୁ ।

ଦୀପୁ କହିଲା, "ଜେଜେ, ଭାରି ଚାଲାକି ତ! ତୁମକୁ ମୁଁ କାହିଁକି ଟଙ୍କା ଦେବି। ମତେ ପରା ତୁମେ ଦେଇଛ ଟଙ୍କା ବ୍ୟାଙ୍କ୍‌ରେ ଖାତା ଖୋଲିବାକୁ। ବ୍ୟାଙ୍କ୍‌ରେ ଖାତା ଖୋଲି ଟଙ୍କା ଜମା ରଖିବା କଥା ମତେ ଆଜି ବୁଝାଅ।"

ହୁଁ....। ଶେଷ ଚା' ଢ଼ୋକାଟା ନେଇସାରି ଜେଜେ ଟିକେ ହସିଦେଇ ପଚାରିଲେ, "ତୁ ମତେ ଚିହ୍ନିଛୁ ?" ଦୀପୁ ଚାହିଁ ରହିଲା ଜେଜେଙ୍କ ମୁହଁକୁ।

ଆଶ୍ଚର୍ଯ୍ୟ ହେଇ କହିଲା, "ଏମିତି କ'ଣ କହୁଛ ଜେଜେ? ତୁମେ ପରା ମୋ ଜେଜେ...... ।"

"ମୁଁ ଉଠିଲି ଜେଜେ, ଖାଲି ମଜା କରୁଛ, ତୁମର ଆଜି ବ୍ୟାଙ୍କ୍ କଥା କହିବାକୁ ମୋଟେ ମନ ନାହିଁ।" ଦୀପୁ ଉଠିପଡୁଥିଲା..... ତା' ହାତକୁ ଟାଣିଧରି ଜେଜେ ବସାଇଦେଲେ...... ।

"ଏଇ ମଜା କଥାଟା ତ ବ୍ୟାଙ୍କ୍ କଥା। ଶୁଣ.... ତତେ ତ କହିଛି, ବ୍ୟାଙ୍କ୍‌ରେ ଖାତାଟିଏ ଖୋଲିବା ମାତ୍ରେ ଆମେ ହୋଇଯିବା ବ୍ୟାଙ୍କ୍‌ର ଗ୍ରାହକ। ଏଣୁ ନିୟମ ଅନୁସାରେ ବ୍ୟାଙ୍କ୍ ତାଙ୍କ ଗ୍ରାହକଙ୍କୁ ଭଲଭାବେ ଚିହ୍ନି ରଖିବା ଦରକାର। ବ୍ୟାଙ୍କ ଭାଷାରେ ଏହାକୁ କୁହାଯାଏ କେ.ୱାଇ.ସି କ.ଣ.ଉ.। ସଂପୂର୍ଣ୍ଣ ଭାବରେ ଇଂରାଜୀରେ କହିଲେ, "ନୋ ଇଓର୍ କଷ୍ଟମର୍ (କଭକ୍ଟଙ୍ଗ ଶକ୍ଟଙ୍କକ୍ସ ଉଙ୍କସ୍ପସ୍ପକ୍ଟଙ୍କରକ୍ସ) "। ଅର୍ଥାତ "ଗ୍ରାହକମାନଙ୍କୁ ଉତ୍ତମ ଭାବେ ଜାଣିରଖ।"

ଆମେ - ମାନେ ମୁଁ ଆଉ ତୁ - ଗୋଟିଏ ପରିବାରର ଲୋକ। ଏଣୁ ଆମେ ପରସ୍ପରକୁ, ଆମ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଭଲଭାବେ ଚିହ୍ନିଛନ୍ତି।

କିନ୍ତୁ ଜଣେ ନୂଆ ଲୋକ ବ୍ୟାଙ୍କ୍‌ରେ ଖାତା ଖୋଲିବାକୁ ଆସିଲେ ବ୍ୟାଙ୍କ ତାଙ୍କୁ ଜାଣିବ କେମିତି ?

"ଯାହାକୁ ବ୍ୟାଙ୍କ୍ ଆଗରୁ ଜାଣିଛି, ସିଏ ଚିହ୍ନେଇ ଦେବ। ମୋର ନୂଆ ସାଙ୍ଗ ଆସିଲେ ମୁଁ ଯେମିତି ତୁମକୁ ଚିହ୍ନେଇ ଦଉଛି।" ଦୀପୁ କହିଲା।

ଜେଜେ କହିଲେ, ଭଡ଼ିଆ କଥାଟା କହିଲୁ। ବ୍ୟାଙ୍କ୍‌ରେ ଠିକ୍ ଏହି

ବ୍ୟବସ୍ଥା ଆଗରୁ ଚାଲିଥିଲା । ଜଣେ ନୂଆ ଖାତାଟିଏ ଖୋଲିବାକୁ ଗଲେ ଜଣେ ଚିହ୍ନାଲୋକଙ୍କର ସାହାଯ୍ୟ ଦରକାର ପଡୁଥିଲା । ଯାହାର କି ସେ ବ୍ୟାଙ୍କରେ ଆଗରୁ ଖାତାଟିଏ ଥିବ । ତା'ମାନେ ଜଣେ ନୂଆ ଗ୍ରାହକଙ୍କ ପାଇଁ ଜଣେ ପୁରୁଣା ଗ୍ରାହକ ପରିଚୟକାରୀ ବା ଇଂରେଜୀରେ କହିଲେ, ଇଣ୍ଟ୍ରଡ୍ୟୁସର (ଓଭ-ଗ୍ବକ୍ଷୁଯଙ୍କମରଙ୍କ) ଭାବେ ଖୋଜା ପଡୁଥିଲେ । ସେ ଲେଖି ଦେଉଥିଲେ, "ମୁଁ ଏ ବ୍ୟକ୍ତିଙ୍କୁ ଏତିକି ଦିନ ଆଗରୁ ଜାଣିଛି" । କିନ୍ତୁ ଏ ବ୍ୟବସ୍ଥାରେ କିଛିଟା ଅସୁବିଧା ରହିଗଲା ।

ଅସୁବିଧା ପୁଣି କ'ଣ ରହିଲା ଜେଜେ ?

ଅସୁବିଧା ଏଇଆ ହେଲା ଯେ, ସବୁବେଳେ ଏମିତି ପରିଚୟକାରୀ ଜଣେ ସହଜରେ ମିଳନ୍ତି ନାହିଁ । ଧରାଯାଉ, ତୁ ଏଠୁ ପାଠପଢ଼ା ସାରି ଆଉ ଗୋଟେ ନୂଆ ଜାଗାକୁ ପାଠ ପଢ଼ିବାକୁ ଗଲୁ । ସେଠି ତୋର ଗୋଟିଏ ବ୍ୟାଙ୍କ ଖାତା ଖୋଲିବା ଦରକାର ପଡ଼ିଲା । ସେଠି ତ ତୋର କେହି ଚିହ୍ନା ଲୋକ ହଠାତ୍ ମିଳିବେନି, ଯାହାର କି ସେହି ବ୍ୟାଙ୍କରେ ଖାତା ଥିବ, କ'ଣ କରିବୁ ସେଇଠୁ ?

ଠିକ୍ କଥା ତ ଜେଜେ...... !

ଆହୁରି ଶୁଣ । ଜେଜେ କହିଚାଲିଲେ... । ଜଣେ ପରିଚୟକାରୀ ତୋ ସହିତ ବ୍ୟାଙ୍କକୁ ଯିବେ, ତୋର ଖାତା ଖୋଲିବାରେ ସାହାଯ୍ୟ କରିବାକୁ, ଏଥିପାଇଁ ତାଙ୍କ ହାତରେ ସମୟ ସୁବିଧା ଥିବା ଦରକାର । ତାଙ୍କର ଇଚ୍ଛା ବି ଥିବା ଦରକାର, ଆମେ ତ ତାଙ୍କୁ ବାଧ୍ୟ କରିପାରିବାନି ।

ଇଏତ ସାମାନ୍ୟ ଅସୁବିଧା । ବେଳେବେଳେ ଜମା ରାଶିକୁ ନେଇ ବହୁତ ବଡ ବିପଦ ମଧ୍ୟ ସୃଷ୍ଟି ହେଲା ।

କିଛି ମନ୍ଦବୁଦ୍ଧି ଲୋକ ମିଛ ନାଁରେ ଖାତା ଖୋଲିଲେ । ପରେ ସେହି ଖାତା ମାଧ୍ୟମରେ ଅସଦ୍ ଅର୍ଥ କାରବାର କଲେ । ନିୟମକାନୁନ୍ ହାତରେ ଧରାପଡ଼ିଲା ବେଳକୁ ସମସ୍ତଙ୍କର ବହୁତ ଅସୁବିଧା ହେଲା । ଏହି ଅସଦ୍ ଅର୍ଥ କାରବାରର ପରିମାଣ ବେଳେ ବେଳେ ଖୁବ୍ ଅଧିକ ।

ଏହି ସବୁକୁ ଦୃଷ୍ଟିରେ ରଖି, "ଗ୍ରାହକଙ୍କୁ ଜାଣ "(କଭକ୍ଷଙ୍ଗ ଶକ୍ଟଙ୍କଙ୍କ ଉଙ୍କଗ୍ବଗ୍ବକ୍ଷଙ୍କରଙ୍କ) ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ, ରିଜର୍ଭ ବ୍ୟାଙ୍କ୍ ଇଣ୍ଡିଆ ସବୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜେଜେ, ବ୍ୟାଙ୍କ୍ କେମିତି ଜାଣିବ କୋଉ ଲୋକ କିଏ, ସିଏ କୋଉଠି ରହୁଛନ୍ତି..... ?

ସେଇତ କଥା । ଶୁଣ, ଜଣେ ମୁହଁରେ କହିଦେଲେ ବ୍ୟାଙ୍କ୍ ଗ୍ରହଣ କରିବ କେମିତି । ଟଙ୍କା ପଇସା କାରବାର କଥା । ଏଣୁ ସବୁ ତଥ୍ୟ ସ୍ୱଚ୍ଛ ଏବଂ ଦସ୍ତାବିଜ୍ (ଡକୁମେଣ୍ଟ) ଭିତ୍ତିକ ହେବା ଆବଶ୍ୟକ ।

କେ.ୱାଇ.ସି. ରେ ମୁଖ୍ୟତଃ ଦୁଇ ପ୍ରକାରର କାଗଜପତ୍ର ଆବଶ୍ୟକ ହୋଇଥାଏ ।

୧ - ପରିଚୟ ପ୍ରମାଣ ପତ୍ର ।

୨ - ଠିକଣା ପ୍ରମାଣ ପତ୍ର ।

ଆଧୁନିକ ସମୟରେ ଆମକୁ ବିଭିନ୍ନ ପ୍ରକାର ପରିଚୟ ପତ୍ର ମିଳିଛି । ଏସବୁ ଭିତରୁ ଯେକୌଣସି ଗୋଟିଏ ବା ଆବଶ୍ୟକ ସ୍ଥଳେ ଅନ୍ୟ କେଉଁଟି ନିଆଯାଇପାରେ......

(କ) ଆଧାରକାର୍ଡ଼ । (ଖ) ନିର୍ବାଚନ ଆୟୋଗ (ଇଲେକ୍ସନ କମିଶନ) ଙ୍କ ନିର୍ବାଚନ ଫଟୋ ପରିଚୟ ପତ୍ର ।

(ଗ) ଆୟକର ବିଭାଗ (ଇନକମ ଟ୍ୟାକ୍ସ ଡିପାର୍ଟମେଣ୍ଟ)ଙ୍କ ଦ୍ୱାରା ଦିଆଯାଇଥିବା ପ୍ୟାନ୍ କାର୍ଡ଼ ।

କୌଣସି ଅନୁଷ୍ଠାନ ଦ୍ୱାରା ସେଠାକାର ଛାତ୍ରଛାତ୍ରୀ/ କର୍ମଚାରୀମାନଙ୍କୁ ଦିଆଯାଇଥିବା ପରିଚୟ ପତ୍ର ମଧ୍ୟ ଗ୍ରହଣ କରାଯାଇପାରେ ।

ସେହିପରି ଠିକଣା ପ୍ରମାଣପତ୍ର ପାଇଁ ଏଥିରୁ ଯେକୌଣସିଟି ଆବଶ୍ୟକ ହୁଏ । ଘରର ଠିକଣା ରହିଥିବା ଆନୁଷ୍ଠାନିକ କାଗଜପତ୍ର -

(କ) ଗ୍ୟାସ୍ ଉପଭୋକ୍ତା ପୁସ୍ତିକା (ଖ) ଇଲେକ୍ଟ୍ରିକ୍ ବିଲ୍

(ଗ) ଗାଡି ଚଳେଇବା ପାଇଁ ଲାଇଲେନ୍ସ (ଡ୍ରାଇଭିଂ ଲାଇସେନ୍ସ)

(ଘ) ପାସ୍ ପୋର୍ଟ

ଦୀପୁ ପଚାରିଲା, "ଜେଜେ, ଖାତା ଖୋଲିବା ବେଳେ ଏସବୁ କାଗଜପତ୍ର ଯଦି ବ୍ୟାଙ୍କ ରଖିଦେବ, ଅନ୍ୟ କିଛି କାମ ପଡ଼ିଲେ ଆମେ କ'ଣ କରିବା ?"

ଜେଜେ କହିଲେ, "ତୋ ପାଖରେ ଯୋଉ କ୍ଲାସ ନୋଟ୍ ନାହିଁ, ସାଙ୍ଗମାନଙ୍କ ଖାତାରୁ କେମିତି ଆଣୁଛୁ । ସେମାନେ କ'ଣ ତାଙ୍କ ଖାତା ତତେ ଦେଇ ଦଉଛନ୍ତି ?"

ହସିଦେଲା ଦୀପୁ, "ବୁଝିଗଲି ବୁଝିଗଲି ଜେଜେ, ଅଳ୍ପ ଥିଲେ ସିନା ଟିପି ଆଣେ, ବେଶି ଥିଲେ ଫଟୋ କପି କରିଦିଏ...... ।"

ହଁ, ବ୍ୟାଙ୍କରେ ଆମେ ଦେବା ଫଟୋକପି । ଆମର ମୂଳ କାଗଜପତ୍ର (ଡଙ୍କଶସଭବକ୍ଷ ଉକ୍ଟମଙ୍କଙ୍କରଭଗ୍ବ) ସାଥିରେ ନେଇଯିବା । ସେଗୁଡ଼ିକ ମିଳାଇ ଦେଖିଲା ପରେ ଆମକୁ ବ୍ୟାଙ୍କ ଫେରାଇଦେବେ ।

ଜେଜେ ! ଟଙ୍କା ଜମା କେମିତି ହେବ, ସେକଥାରୁ ଏତେ କଥା କହିଲଣି । ଜମା ବିଷୟରେ ତ କିଛି କହିଲନି ।

ଆରେ ଏଇତ ମୂଳକଥା ।

ଖାତା କେମିତି ଖୋଲିବାକୁ ହୁଏ, ବ୍ୟାଙ୍କରେ କେତେ ପ୍ରକାର ଖାତା ଖୋଲିବାର ସୁବିଧା ଅଛି, ସେ କଥା ଆଉ ଦିନକୁ ।

**ବିଶ୍ୱନାଥ ଏନକ୍ଲେଭ, ଶ୍ରୀବିହାର, ପଟିଆ**
**ମୋ - ୯୪୩୭୩୦୪୫୦୩**

# ସୁଲକ୍ଷଣା ଦେବୀ



ଶ୍ରୀଯୁକ୍ତ ବ୍ରଜକିଶୋର ଦାସ

ଓଡିଶାର ଅବିସ୍ମରଣୀୟା ନାରୀକବି ତିଗିରିଆ ଗଡର ପ୍ରତିଭା ସଂପନ୍ନା ସୁଲକ୍ଷଣା ଦେବୀ ୧୮୨୯ ମସିହାରେ ତିଗିରିଆ ଗଡରେ ଜନ୍ମ ଗ୍ରହଣ କରେଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଦାଶରଥି ବେବର୍ତ୍ତା ପଟ୍ଟନାୟକ। ବାଲ୍ୟକାଳରୁ ତାଙ୍କଠାରେ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା। ଶୈଶବରୁ ସୁଲକ୍ଷଣା ଦେବୀ ଥିଲେ ଧାର୍ମିକା, ସୁଲକ୍ଷଣା, ସାହିତ୍ୟର ଉପାସିକା, ରଚନାତ୍ମକ ଦିଗ ପ୍ରତି ଆକର୍ଷଣ । ୧୮୮୧ ମସିହାରେ ସେ ସ୍ୱାମୀଙ୍କୁ ହରାଇ ଏକ ନିଃସଙ୍ଗ ଜୀବନଯାପନ କରିବା ସହିତ ପ୍ରତିଦିନ ଦେବଦେବୀ ଉପାସନା, ଗୀତଗୋବିନ୍ଦ ଗାନରେ ସମୟ ବିତାଉଥିଲେ। ସେ ୧୯୦୧ ମସିହାରେ ସ୍ୱର୍ଗାରୋହଣ କରିଥିଲେ।

ଆଜୀବନ ସେ ଥିଲେ ଓଡିଆ ଭାଷା, ସାହିତ୍ୟର ଐକାନ୍ତିକ ଉପାସିକା, ଧର୍ମର ପୂଜାରିଣୀ, ଈଶ୍ବରଙ୍କ ଉପାସିକା। ତାଙ୍କ ରଚିତ ପୁସ୍ତକ ପାରିଜାତ ମାଳାକୁ ୧୮୯୬ ମସିହାରେ ତାଙ୍କର ଜ୍ୟେଷ୍ଠପୁତ୍ର କଟକ ପ୍ରିଣ୍ଟିଙ୍ଗ କମ୍ପାନୀଦ୍ୱାରା ସଂକଳନ କରିଥିଲେ। ସଂକଳନରେ ବଡଦେଉଳ ରଚନା , ପାଞ୍ଚଟି ଋତୁ ବର୍ଣ୍ଣନା ,ଦୀନବନ୍ଧୁ କୋଇଲି ଓ ଛଅ ଗୋଟି ଜଣାଣ ସ୍ଥାନିତ। ସେ ନିଜ ଭାବ ସମ୍ଭାରକୁ ସରଳ ଓ ଅକୃତ୍ରିମ ରୀତିରେ ଅଭିବ୍ୟକ୍ତ କରିପାରିଥିଲେ । ଏ ଗ୍ରନ୍ଥର ଭୂମିକାରେ ଭକ୍ତକବି ମଧୁସୂଦନ ରାଓ ଏହାର ଉଚ୍ଚ ପ୍ରଶଂସା କରି ଲେଖିଥିଲେ, ଏହା ମାତୃଭାଷାର କଣ୍ଠରେ ଅପୂର୍ବ ପାରିଜାତ ମାଳା ହୋଇଅଛି। ସୁଲକ୍ଷଣା ଦେବୀଙ୍କର ପ୍ରତିଟି କବିତା ସୁଲକ୍ଷଣାଯୁକ୍ତ, ଭକ୍ତି ଭାବନାରେ ରସାଣିତ, ଶୁଦ୍ଧ, ଶବ୍ଦ ଭାବରେ ପରିପୂର୍ଣ୍ଣ, ନିର୍ମଳ ଧର୍ମାନୁରାଗ ଦ୍ୱାରା ଅନୁପ୍ରାଣିତ, ସରଳ ବିଶ୍ୱାସ ଓ କୋମଳପ୍ରୀତିର ସ୍ୱର୍ଗୀୟ ମଧୁମୟ ସୌରଭରେ ପ୍ଲାବିତ ଏବଂ ସୁନ୍ଦର ଭକ୍ତି ପବିତ୍ରତା ପୂର୍ଣ୍ଣ ନାରୀ ହୃଦୟର ସଂଯତ ଅଭିବ୍ୟକ୍ତି ଅମୃତମୟ ହୋଇଅଛି। କବିବର ରାଧାନାଥ ରାୟ ମଧ ସେହି ଗ୍ରନ୍ଥର ଓ ତାର ରଚୟିତା ସୁଲକ୍ଷଣା ଦେବୀଙ୍କ କବି ପ୍ରତିଭାକୁ ସ୍ୱାଗତ ଜଣାଇଥିଲେ। ପାରିଜାତ ମାଳାର ଭୂମିକାରେ କେବଳ ନୁହେଁ ତାଙ୍କ ବିୟୋଗରେ ଭକ୍ତକବି ପରଲୋକଗତା ସୁଲକ୍ଷଣା ଦେବୀ ଶୀର୍ଷକ ଯେଉଁ ଶୋକ ଗୀତିଟି ରଚନା କରିଥିଲେ ତାହା ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ପ୍ରତି ଭକ୍ତ କବିଙ୍କ ଶ୍ରଦ୍ଧା ଓ ସମ୍ମାନରେ ଏକ କାବ୍ୟ ନିବେଦନ। ନାରୀ କବି ସୁଲକ୍ଷଣା ଦେବୀ ଆଜୀବନ ଧର୍ମ, ସାହିତ୍ୟ ଜ୍ଞାନର ପୂଜାରିଣୀ ହୋଇ ନିଜ ଜୀବନକୁ ଧନ୍ୟ କରିଥିଲେ, ତାହା ଆଜିର ନାରୀ ସମାଜ, ଛାତ୍ରୀ ସମାଜ ପାଇଁ ଏକ ଚିରନ୍ତନ ଆଦର୍ଶ ହୋଇ ରହିଛି।

କଳଦିଆ, ନମୌଜା, ଆଳି,
କେନ୍ଦ୍ରାପଡ଼ା -୭୫୪୨୩୧, ମୋ - ୯୭୭୭୭୩୩୦୪୪

# ଆମ ହରି ଭାଇନା



ଡ.ପ୍ରମୋଦ ଚନ୍ଦ୍ର ଦାଶ



ହରି ବନ୍ଧୁ ଦାଶ, ଆମ କଲୋନୀର ହରି ଭାଇନା ରୂପେ ପରିଚିତ। ଭୋରରୁ ଉଠନ୍ତି। ଫୁଲ ତୋଳନ୍ତି। ଗାଧେଇ ପାଧେଇ ନିଜ ଘରର ଠାକୁର ପୂଜା କରି କଲୋନୀର ଅଧିକାଂଶ ଘରେ ପୂଜା ସାରନ୍ତି। ନିଜର ଗୋଟେ ସାଇକଲ ଅଛି ସେଇଟା ତାଙ୍କର ମଟର ସାଇକେଲ କହିଲେ ଅତ୍ୟୁକ୍ତି ହେବନି।

ସକାଳୁ ସାଇକେଲର ଯାତ୍ରା ଦୈନିକ ପ୍ରାୟ ୧୦କି.ମି.ରୁ କମ ହେବନି। ଦେଖିବାକୁ ପତଳା। ଡେଙ୍ଗା, ହସହସ ମୁଖ ,ମୁଖରୁ ଭାସି ଆସୁଥାଏ ମଧୁର କଥା ଏବଂ ତାହା ନିଶ୍ଚିତ ଜଣକପାଇଁ ଅମୃତ ସଦୃଶ।

ବାଟରେ ଯାଉ ଯାଉ ଯଦି କେହି ଭେଟ ହେଲେ ସେ ପଚାରି ଚାଲନ୍ତି କୌଣସି ଏକ ପ୍ରସଙ୍ଗରେ ଅନେକ ପ୍ରଶ୍ନ ଉତ୍ତର ମିଳୁ କି ନ ମିଳୁ ପ୍ରଶ୍ନ ପଚାରିବା ଯେପରି ତାଙ୍କର ଅଧିକାର। ସେ ପ୍ରଶ୍ନ ଦେଶ -ବିଦେଶ, ରାଜନୀତି, ଅର୍ଥନୀତି, ନିଜ କଲୋନୀର ସୁବିଧା ଅସୁବିଧା ଯାହାର ଉତ୍ତର ଆମକୁ ଦେବାକୁ ହେବ। ଯଦି କେହି ଥଟ୍ଟାମଜାର ପାତ୍ର ତାକୁ ସେ ଥଟ୍ଟାମଜା କରନ୍ତି।

ବ୍ରାହ୍ମଣ ଘରେ ଜନ୍ମ। କର୍ମକାଣ୍ଡରେ ଦଖଲ ଅଛି। ଯଜ୍ଞ ହୋମ କରିବାକୁ ସେ ଭଲ ପାଆନ୍ତି। ପଇତାଟିଏ ମନ୍ତୁରାଇବାକୁ ହେଲେ ହରିଭାଇନାକୁ ଖୋଜ। ସାମୂହିକ କାର୍ଯ୍ୟରେ ତାଙ୍କର ସହଯୋଗ ଅଧିକ। ଆମ କଲୋନୀର ପ୍ରଥମେ ଯେବେ ସଂଘ ଗଠନ ହେଲା ସେ ତାର ଉଦ୍ୟକ୍ତା । କଲୋନୀର ହନୁମାନ ମନ୍ଦିରର ସେ ପ୍ରଥମରୁ ପୂଜକ। ଧର୍ମ କର୍ମ ପାଇଁ ତାଙ୍କ ପରି କେହି ନାହିଁ।

ଭାରି ଭଲ ଲୋକଟିଏ। ଭେଟ ହେଲେ ମୋତେ ପଚାରନ୍ତି, ସାର, ଟିକେ ଶୁଣନ୍ତୁ। ଆମେ ବଞ୍ଚିଥିବା ଭିତରେ ହାଉସିଂ ବୋର୍ଡର ଘର ଆମ ନାମରେ ରେଜେଷ୍ଟ୍ରି ହେବ ତ..... ! ପିଲାମାନଙ୍କ ଉପରେ ବୋଝ ହୋଇ ରହିବନି ଯେମିତି। ମୋର ଉତ୍ତର ଥାଏ, ସମୟ ଆସିଲେ ହେବ ବ୍ୟସ୍ତ ହୋଇ ଲାଭ କ'ଣ ? ପୁଣି ପଚାରନ୍ତି ହାଉସିଂ ବୋର୍ଡର ତାଜା ଖବର ଜାଣିଛନ୍ତି.... ଶୁଣନ୍ତୁ.....। ଏମିତି ଦେଖା ହେଲେ ସେ କିଛି କହନ୍ତିନି ମୁଁ ଜାଣିନି। ଏ ବ୍ୟବହାର କେବଳ ମୋପାଇଁ ନୁହେଁ ତାହା ଥିଲା ସମସ୍ତଙ୍କ ପାଇଁ।

ଶିକ୍ଷାଞ୍ଚଳର ଅନେକ ପ୍ରତିଷ୍ଠାନକୁ ଯାଇ ସବୁ ଦିନ ପୂଜା କରନ୍ତି। ଘରକୁ ଖରାବେଳେ ଫେରନ୍ତି ବିଶ୍ରାମ ନିଅନ୍ତି , ପୁଣି ଯାଆନ୍ତି ସଂଧ୍ୟା ପୂଜାରେ। ଅଧିକାଂଶଙ୍କ ଘରେ ବସନ୍ତି ଅନେକ କଥା ହୁଅନ୍ତି। ସେମାନେ ଭାଇନାଙ୍କ ସହ ଚା ପିଅନ୍ତି। ଆଉ ମନ ଖୋଲି କଥା ହୁଅନ୍ତି। ବାସ୍ତବିକ ଛୋଟରୁ ବଡ଼ରୁ ସମସ୍ତେ ତାଙ୍କ ଡାକନ୍ତି ହରି ଭାଇନା।

ଅବଶିଷ୍ଟାଂଶ ପୃଷ୍ଠା ୧୬

# କନ୍ୟା ବରୟେତ ରୂପଂ



ପଦ୍ମନାଭ ପାଣିଗ୍ରାହୀ

କନ୍ୟା ବରୟେତ ରୂପଂ ମାତାବିତ୍ତଂ ପିତାସୁତଂ
ବାନ୍ଧବାଃ କୁଳଂଇଛନ୍ତି ମିଷ୍ଟାନ୍ନ ମିତରେଜନାଃ ''

ଯେତେବେଳେ କନ୍ୟା ବିବାହ ଯୋଗ୍ୟା ହୋଇଯାଏ, ସେତେବେଳେ କନ୍ୟାଟି ତାର ନିଜ ପସନ୍ଦର ରୂପବାନ ଯୁବକକୁ ବିଚାର କରିବାକୁ ଇଚ୍ଛା ପ୍ରକାଶ କରିଥାଏ । ମାତା କନ୍ୟାଟି କିପରି ତାର ଶାଶୂଘର ଭଲ ପଡିବ, ଭଲ ଖାଇବ, ଗହଣାଗାଣ୍ଠି ପିନ୍ଧି ଆନନ୍ଦରେ ରହିବ ଚିନ୍ତାକରେ । ପିତା ତାର କନ୍ୟା ଯେଉଁ ଯୁବକର ହାତ ଧରିବ ସେ ଗୁଣବାନ ହୋଇଥାଉ ବୋଲି ଚିନ୍ତାକରେ । ବନ୍ଧୁବାନ୍ଧବ କନ୍ୟାଟିର ଉଚ୍ଚକୁଳରେ ବିବାହ ସମ୍ପନ୍ନ ହେଉ ବୋଲି ଇଚ୍ଛା କରନ୍ତି। ଆଉ ଅବଶିଷ୍ଟ ଯେଉଁ ନିମନ୍ତ୍ରିତ ବ୍ୟକ୍ତି ଉତ୍ତମ ଭୋଜନ ଇଚ୍ଛା କରିଥାନ୍ତି । ସେହିଭଳି ଏକ ପୌରାଣିକ ବାର୍ତ୍ତା ଏଠାରେ ଉପସ୍ଥାପନା କରୁଛୁ ।

ରାଜା ନୀଳଧ୍ୱଜଙ୍କର କନ୍ୟା ସ୍ୱାହା । କନ୍ୟା ଯେତେବେଳେ ବିବାହ ଯୋଗ୍ୟା ହୋଇଗଲା ପିତା ଉପଯୁକ୍ତ ବର ଅନୁସନ୍ଧାନ କରୁଥିଲେ।କିନ୍ତୁ ସ୍ୱାହା ଦେବତାମାନଙ୍କ ମଧ୍ୟରୁ ଜଣଙ୍କୁ ବିବାହ କରିବାକୁ ଚିନ୍ତାକଲା।

"ଯେଉଁ ଯୁବତୀ ପତି ଆଗେ ମରଇ ଭାଗ୍ୟବତୀ ବନିପାରେ, ଯେବେ ଯୁବତୀ ଆଗେ ପତି ମରଇ ଦୁଃଖୀହୁଅଇ ସଂସାରେ ।''

ପତିଃହି ଦେଖେ ନାରୀଣାମ୍ ପତିବନ୍ଧୁ ପତିର୍ଗତିଃ ,
ପତିର୍ଗତି ସମାନାସ୍ତି ଦୈବତଂ ବା ଯଥା ପତିଃ ,

ସ୍ୱାମୀ ବନ୍ଧୁ ସ୍ୱାମୀ ପରମ ଈଶ୍ୱର ସ୍ୱାମୀ ସେବା ନାରୀଧର୍ମ "କଣ୍ୱ ମହର୍ଷି ଶକୁନ୍ତଳାଙ୍କୁ ଉପଦେଶ ଦେଇଥିଲେ । ଦେବତାମାନେ ଅମୃତ ଭକ୍ଷଣ କରିଥିବାରୁ ସେମାନେ ଅମର । ତେଣୁ ବୈଧବ୍ୟ ଯୋଗ ହେବ ନାହିଁ । ପୁନଶ୍ଚ ଦେବାତାମାନଙ୍କ ମଧ୍ୟରୁ ସେ ଅଗ୍ନି ଦେବତାଙ୍କୁ ବିବାହ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ଅଗ୍ନି ତେଜୋମୟ ଅରୂପ ଶରୀର ନାହିଁ । ତାଙ୍କୁ କିପରି କନ୍ୟା ବିବାହ ପାଇଁ ଇଚ୍ଛା ପ୍ରକାଶ କରିଛି ? ଏହା ଚିନ୍ତାକରି ରାଜା କନ୍ୟାକୁ ଏପରି ଚିନ୍ତାରୁ ନିବୃତ୍ତ ହେବା ପାଇଁ ନିର୍ଦ୍ଦେଶ ଦେଲେ ।
ସ୍ୱାହା କହିଲେ ବେଦର ପ୍ରଥମ ଦେବତା ଅଗ୍ନି ।

" ଅଗ୍ନିମିଳେ ପୁରୋହିତଃ "

ରାଜା ଅନ୍ୟ ଦେବତାମାନଙ୍କର ଯଶ ଗୌରବ ବର୍ଣ୍ଣନାକରି ଇନ୍ଦ୍ରଙ୍କୁ ପତି ରୂପରେ ବରଣ କରିବା ପାଇଁ ପ୍ରେରଣା ଦେଲେ । ଇନ୍ଦ୍ର ଚରିତ୍ରହୀନ, ସହସ୍ରାକ୍ଷ, ଗୌତମ ପତ୍ନୀ ଅହଲ୍ୟାଙ୍କୁ ହରଣକରି ଅଭିଶପ୍ତ ତେଣୁ ତାଙ୍କୁ ବିବାହ କରିବା ପାଇଁ କନ୍ୟା ମନାକଲା । ଚନ୍ଦ୍ର ଗୁରୁ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ଅର୍ଥାତ ଗୁରୁପତ୍ନୀଙ୍କୁ ହରଣ କରିଛନ୍ତି । ତାଙ୍କଠାରୁ ବୁଧ ଜନ୍ମ ହୋଇଛନ୍ତି । ଅଭିଶପ୍ତ - ପକ୍ଷେ ବୃଦ୍ଧି ପକ୍ଷେ ହ୍ରାସ । ତେଣୁ ସେ ବିବାହ ଯୋଗ୍ୟ ନୁହନ୍ତି ।

ବ୍ରହ୍ମାଙ୍କୁ ବିବାହ କରିବାକୁ କହିବାରୁ ସ୍ୱାହା କହିଲେ ବରଠାରୁ କନ୍ୟା ଦଶ ବର୍ଷ ସାନ ହେଲେ ମଧ୍ୟ ଉତ୍ତମ , କାରଣ କନ୍ୟା ବରକୁ ସମ୍ମାନ ଦେବ । କିନ୍ତୁ ଏଠାରେ "ବର ତିରିଶା କନିଆଁ ଦଶା"ଭଳି ଅବସ୍ଥା। ବହ୍ମାଙ୍କର ବୟସ ତୁଳନାରେ ତାଙ୍କର ବୟସ ସେହିଭଳି ପୁନଶ୍ଚ ନୃତ୍ୟବେଳେ ଉର୍ବଶୀଙ୍କ ନୃତ୍ୟ ଦେଖି ସେ ଆତଙ୍କିତ ହୋଇଛନ୍ତି । ତେଣୁ ଅନିଚ୍ଛା ପ୍ରକାଶ କଲେ ।

ଦେବ ଦେବ ମହାଦେବ ଅକର୍ମ କର୍ମ ଦାୟକ ଶିବଙ୍କଠାରେ କଳଙ୍କ ନାହିଁ । କିନ୍ତୁ ତାଙ୍କ ପତ୍ନୀ ପାର୍ବତୀଙ୍କୁ ସେ ଏପରି ଭଲ ପାଆନ୍ତି ଯେ ଅର୍ଦ୍ଧାଙ୍ଗରେ ରଖିଛନ୍ତି । ସେ ଅର୍ଦ୍ଧନାରୀଶ୍ୱର । ତାଙ୍କ ପାଖରେ କେଉଁଠି ଜାଗା ଅଛି ଯେ ବାହାହେବି । ଏହିପରି କହି ବାରଣ କଲେ ଏବଂ ଅଗ୍ନିଙ୍କୁ ବିବାହ କରିବା ପାଇଁ ସଂକଳ୍ପ କଲେ । ଅଗ୍ନି ଦେବତା ବ୍ରାହ୍ମଣ ରୂପରେ ଉପସ୍ଥିତ ହୋଇ ସ୍ୱାହାଙ୍କୁ ପରୀକ୍ଷା କଲେ ଶେଷରେ ନିଜ ଶରୀର ଧାରଣ କରି ବିବାହ କରିବାକୁ ସମ୍ମତି ପ୍ରଦାନ କଲେ । ସ୍ୱାହାଙ୍କୁ ନିଜ ଶରୀରରେ ଧାରଣକଲେ ସେହି କାରଣରୁ ଯଜ୍ଞରେ ଅଗ୍ନିଙ୍କୁ ଘୃତାହୁତି ଦେବା ସମୟରେ ସ୍ୱାହା ବୋଲି ଉଚ୍ଚାରଣ କରଯାଉଛି।

**ବନମାଳି କଲୋନୀ, ଜଟଣୀ**
**ମୋ-୭୮୪୮୮୪୬୦୬**

## ଆମ ହରି ଭାଇନା...

ମହାବିଷୁବ ସଂକ୍ରାନ୍ତି,ପଣାସଂକ୍ରାନ୍ତି,ନବବର୍ଷ ଏବଂ ଜଳଦିବସରେ ସେ ବିଭିନ୍ନ ସ୍ଥାନରେ ହୋମ କର୍ମକାଣ୍ଡ କରି ପୂଜା କରି ଫେରିଲେ। ରାତ୍ରିରେ ବିଶ୍ରାମ ନେଇଛନ୍ତି। ଦେହ ଭଲ ଲାଗୁ ନଥାଏ ତଥାପି କର୍ମ କରିବାର ଅଛି। ତା ପରଦିନ ନିଜର ଚିରାଚରତ ଢଙ୍ଗରେ ନିଜର କର୍ତ୍ତବ୍ୟ ସଂପାଦନ କରିବାକୁ ବାହାରିଲେ। କିଛି ଗୃହକର୍ତ୍ତାଙ୍କ ଘରେ ପୂଜାସାରି ଜଣଙ୍କ ଘରେ ତୁଳସୀଗଛରେ ପାଣି ଦେବା ସମୟରେ ସେ ଟଳି ପଡିଲେ। ତାପରେ ଡାକ୍ତରଖାନ ଯିବା ସମୟରେ ଦେହାନ୍ତ ହୋଇଗଲା ।

ତାଙ୍କର ଦେହାନ୍ତ ଖବର ଆମ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଲା। ସମସ୍ତେ କହିଲେ ସତରେ କ'ଣ 'ଦାଶ ଭାଇନା' ଆମ 'ହରିଭାଇନା' ଚାଲିଗଲେ। ସମସ୍ତଙ୍କ ସହ ମିଶିବା, ଭଲପାଇବା, ଥଟ୍ଟାମଜା କରିବା ଏବଂ ବିଶେଷ କରି ସାଇକଲରୁ ଓହ୍ଲାଇ ଗପିବା ଏବେବି ମନେପଡେ। ହରିଭାଇନା ଆଉ ନାହାଁନ୍ତି ସତ କିନ୍ତୁ ତାଙ୍କର ଭଲପାଇବା ପାଇଁ ସେ ଆମମାନଙ୍କ ପାଖରେ ଅମର।

**୯୪୩୭୨୮୧୬୫୫(ଦୂରଭାଷ)**



ଭକ୍ତି ଓ ଶ୍ରଦ୍ଧା ହେଲା ଦୁଇଟି ଆହୁଲା, ଯାହା ସାହାଯ୍ୟରେ ତୁମ୍ଭେ ସଂସାର ସାଗରରେ ନିଜର ନୌକାକୁ ବାହି ନେଇପାରିବ ।

# ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ



ଡ. ଭବାନୀ ଶଙ୍କର ଦାଶ

ସ୍ୱାସ୍ଥ୍ୟ ହିଁ ସଂପଦ। ଉତ୍ତମ ସ୍ୱାସ୍ଥ୍ୟରକ୍ଷାର ଭିତ୍ତିଭୂମି ବିକାଶ କରିବା ରାଷ୍ଟ୍ରର ଏକ ମୁଖ୍ୟ କାର୍ଯ୍ୟ। ଓଡ଼ିଶାର ଏକ ପ୍ରମୁଖ ଡାକ୍ତରଖାନା ଓ ଭେଷଜ ମହାବିଦ୍ୟାଳୟ ହେଉଛି ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ। ମରାଠା ଶାସନ ସମୟରେ ପୁରୀ ରଥଯାତ୍ରାକୁ ଓ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଚିକିତ୍ସା ପାଇଁ ଏହା ଏକ First Aid କେନ୍ଦ୍ର ଭାବେ ଆରମ୍ଭ ହୋଇଥିଲା। ୧୮୭୫ ମସିହାରେ ଏହା ଓଡ଼ିଶା ମେଡ଼ିକାଲ ବିଦ୍ୟାଳୟ ରୂପେ ଆରମ୍ଭ ହୋଇଥିଲା। ୧୯୪୪ ରେ ଏହା ଏକ ମହାବିଦ୍ୟାଳୟ ରୂପେ ପରିଚିତ ହେଲା। ୧୯୫୧ ରେ ମୟୂରଭଂଜର ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ୧ ଲକ୍ଷ ୩୦ ହଜାର ଟଙ୍କା ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶପାଇଁ ପ୍ରଦାନ କରିଥିବାରୁ ତାଙ୍କର ନାମ ଅନୁସାରେ ଏହି ମହାବିଦ୍ୟାଳୟଟି ପରିଚିତ।

ପ୍ରଥମେ ୨୨ ଜଣ MBBS ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୪୮ ରୁ ୧୯୫୦ ରେ ଏଠାରେ P.G, M.D & MC ପାଠ୍ୟକ୍ରମ ଆରମ୍ଭ ହେଲା। ଏହା ଭାରତୀୟ ଭେଷଜ ପରିଷଦ (MCI) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ବର୍ଷକୁ ପ୍ରାୟ ୨୦୦୦ ଦକ୍ଷ, କୁଶଳୀ, ମାନବୀକ ସମ୍ପଦ ଏହା ପ୍ରସ୍ତୁତ କରି ସମଗ୍ର ବିଶ୍ୱରେ ଉତ୍ତମ ମାନବସେବା ଯୋଗାଉଛି।

ଏଠାରେ ଭେଷଜ ମହାବିଦ୍ୟାଳୟ ସହିତ, ଦନ୍ତ ଚିକିତ୍ସାଳୟ, ଫାର୍ମାସୀ, DMLT ତାଲିମ, Nursing ମହାବିଦ୍ୟାଳୟ ଆଦି ରହିଛି। ଏଠାରେ ସଂପୂର୍ଣ୍ଣ ମାଗଣାରେ ଚିକିତ୍ସା ହୋଇଥାଏ। ପ୍ରାୟ ୨୨୦୦ ବେଡ୍ ଥିବା ଏହି ସ୍ୱାସ୍ଥ୍ୟର ମେରୁଦଣ୍ଡ ୨୦୨୪ ରେ ୫୦୦୦ ବେଡ ବିଶିଷ୍ଟ ହେବାର ଲକ୍ଷ୍ୟ ରଖିଛି। ଏଠାରେ ଟେଲି ମେଡ଼ିସିନ୍ ୨୦୦୧ ରୁ ଆରମ୍ଭ ହୋଇଛି। ବିଶେଷକରି ଉଚ୍ଚମାନର ଗବେଷଣାପାଇଁ ଏହା ପ୍ରସିଦ୍ଧ।

କୋଭିଡ୍ ସମୟରେ ଏହା ଅତି ସଫଳତାର ସହ ପରିସ୍ଥିତିକୁ ମୁକାବିଲା କରିଥିଲା। ୯ ଟି ECMO UNIT ସ୍ଥାପନ କରିଛି। ଏହା ଏକ ଐତିହାସିକ ପଦକ୍ଷେପ ନେଇଥିଲା। ଏହାର ସେବା ପ୍ଲାଟିନମ୍ ଜୁବୁଲି ଉପଲକ୍ଷେ ଭାରତୀୟ ଡାକ ତରଫରୁ ଏକ ୫ଟଙ୍କିଆ ଡାକଟିକଟ ୨୭.୧୧.୨୦୨୨ ରେ ଉନ୍ମୋଚିତ ହୋଇଛି। ଯାହା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ।




ଜେ. କେ. ପୁର, ରାୟଗଡ଼ା
ଦୂରଭାଷ: ୯୪୩୭୧୩୧୯୯୬

# ଦୂରପଲ୍ଲୀରେ ଚିରପରିଚିତ ପ୍ରଫୁଲ୍ଲ କର

ସଂଗୀତ ଦୁନିଆର ଦୂରପଲ୍ଲୀରେ ଚିରପରିଚିତ ପ୍ରଫୁଲ୍ଲ କରଙ୍କର ଜନ୍ମ ଫେବୃଆରୀ ୧୬ ତାରିଖ ୧୯୪୮ ମସିହା। ଶ୍ରୀ କ୍ଷେତ୍ରରେ ଆକାଶବାଣୀରୁ ସଂଗୀତର ଯାତ୍ରା ଆରମ୍ଭ କରି ଚଳଚିତ୍ର ଜଗତର ସେ ଜଣେ କିମ୍ବଦନ୍ତୀ ସଂଗୀତ ସ୍ରଷ୍ଟା । ତାଙ୍କର କମଳଦେଶର ରାଜକୁମାର ମୁଁ, ମିଳନ୍ତାକି ମତେ ଉଡନ୍ତା ଥାଳିଆ, ହଇରେ ଫୁଲ ଗଛ ଏବଂ ନାନା ମତେ ପ୍ରେମ କରନା ସମସ୍ତଙ୍କ ମନକୁ ଛୁଉଥିଲା ବିଶେଷ କରି ମୋ ପ୍ରିୟା ଠାରୁ ଏ ଅଧିକ ସୁନ୍ଦର ପ୍ରେମ ଗୀତଟି ସମସ୍ତଙ୍କ ମନକୁ ଛୁଉଥାଏ ।

୧୯୬୦ରୁ ସେ ଅକାଶବାଣୀର ସ୍ୱୀକୃତି ପ୍ରାପ୍ତ ଗାୟକ ଏବଂ ପରେ ସ୍ୱର ସଂଯୋଜକ ଗୀତିକର ମାନ ପାଇଥିଲେ । ୧୯୭୦ରୁ ସେ ଏଚ.ଏମ.ଭି ର ପଞ୍ଜୀକୃତ ଗାୟକ ତାଙ୍କର ସଂଖ୍ୟାଧିକ ଗ୍ରାହମ ଫୋନ ପ୍ରସାରିତ ହୋଇଛି। ଅକାଶବାଣୀ ସମ୍ପର୍କର ଏକ ରୋଚକ ଘଟଣା ଘଟିଥିଲା ଅଡିସନ ସମୟରେ ଅଡିସନ ବନ୍ଦାଦିଆଗଲା ୧୬୦ ରୁ ଉର୍ଦ୍ଧ ପ୍ରତିଭାଙ୍କ ସଂଗୀତ ଦିଲ୍ଲୀ ପଠାଯାଇଥିଲା । ଯେଉଁ ତିନିଜଣ ଙ୍କୁ ମନୋନିତ କରିଯାଇଥିଲା ତାଙ୍କ ମଧ୍ୟରେ ପ୍ରଫୁଲ୍ଲ କର ଥିଲେ । ତାଙ୍କର ସ୍ୱରାରୋପିତ ଚିତ୍ର ଗୁଡିକ ହେଲା ମମତା, ସିନ୍ଦୂର ବିନ୍ଦୁ, ଶେଷ ଶ୍ରାବଣ, ବଳିଦାନ ସୀତା ଅନସୁୟା, ରାମାୟାଣ, ମାନସ, ପୂଜା ଗୌଉରୀ, ତପସ୍ୟା, ବତିଘର, ସମୟ ବଡ ବଳବାନ, ହିସାବ ନିକାଶ, ଭୁଲିହୁଏନା ।

ଶେଷ ଜୀବନରେ ସେ ଜଣେ ସୁଲେଖକ ଏବଂ ସ୍ତମ୍ଭକାର ଭାବରେ ବେଶ ପରିଚିତ ଥିଲେ । ସାଉଟା କାହାଣୀ ପୁସ୍ତକ ତାଙ୍କୁ ସାରସ୍ୱତ ଜଗତରେ ଅଧିକ ପରିଚିତ କରିଇଥିଲା । କିନ୍ତୁ ସେ କମଳ ଦେଶର ରାଜକୁମାର ପ୍ରଫୁଲ୍ଲ କରଙ୍କର ୧୭ ଅପ୍ରେଲ ୨୦୨୨ ରେ ଦେହାନ୍ତ ଘଟିଲା ଯାହା ଭକ୍ତି ସଂଗୀତ, ପ୍ରେମ ସଂଗୀତ ଏବଂ ଦେଶ ଆତ୍ମା ବୋଧକ ସଂଗୀତ ରେ ଥିବା ପାରଦର୍ଶିକା କିମ୍ବଦନ୍ତୀ ସଂଗୀତ ସ୍ରଷ୍ଟାଙ୍କ ଦେହାନ୍ତ ଅଗଣିତ ଓଡିଆ ଙ୍କୁ କେବଳ ଅସରନ୍ତି ଲୁହ ଦେଇଗଲା ।




ଜହ୍ନମାମୁଁ ପୃଥିବୀର ସବୁ ପିଲାଙ୍କର ମାମୁଁ, ସେହିପରି ପରମେଶ୍ୱର ସମସ୍ତଙ୍କର ପିତା ।

# ହକିର ଯାଦୁକର ଧ୍ୟାନଚାନ୍ଦ

ଆଶିଷ କୁମାର ରାୟ





'ହକି ୱିଜାର୍ଡ' ବା ହକିର ଯାଦୁକର ଭାବେ ପ୍ରସିଦ୍ଧି ହାସଲ କରିଥିବା ଧ୍ୟାନଚାନ୍ଦ ୧୯୦୫ ମସିହା ଅଗଷ୍ଟ ୨୯ ତାରିଖ ଦିନ ଆଲ୍ଲାହାବାଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିଲାଦିନର ନାମ ଥିଲା ଧ୍ୟାନ ସିଂହ । ପିତା ସୋମେଶ୍ୱର ସିଂହ ଥିଲେ ତତ୍କାଳୀନ ବ୍ରିଟିଶ ଇଣ୍ଡିଆ ଆର୍ମିର ଜଣେ ସୁବେଦାର । ଆର୍ମି ୟୁନିଟ୍ ପାଇଁ ହକି ଖେଳିଥିବା ସୋମେଶ୍ୱର ହିଁ ତାଙ୍କର ତିନି ପୁତ୍ର ଧ୍ୟାନ ସିଂହ, ମୂଳ୍ ସିଂହ ଓ ରୂପ ସିଂହଙ୍କୁ ଏହି ଖେଳ ପ୍ରତି ଆକର୍ଷିତ କରିଥିଲେ । ସୁତରାଂ ନିଜ ପରିବାରରୁ ହିଁ ହକି ଖେଳର ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିବା ପରେ ନିଜସ୍ୱ ଚେଷ୍ଟା, କଠିନ ପରିଶ୍ରମ ଓ ଦୃଢ଼ ଅଧ୍ୟବସାୟ ବଳରେ ବିଶ୍ୱର ମହାନତମ ଖେଳାଳିରେ ରୂପାନ୍ତରିତ ହୋଇପାରିଥିଲେ ଧ୍ୟାନ ସିଂହ। ଏତଦ୍ବ୍ୟତୀତ କନିଷ୍ଠ ଭ୍ରାତା ରୂପ ସିଂହ ମଧ୍ୟ ତାଙ୍କରି ପଦାଙ୍କ ଅନୁସରଣ କରି ନିଜକୁ ପରିଣତ କରିଥିଲେ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଖେଳାଳି ଭାବେ ।

ବାଲ୍ୟାବସ୍ଥାରେ ହିଁ ଧ୍ୟାନ ସିଂହଙ୍କ ନୈସର୍ଗିକ ପ୍ରତିଭା ଚମତ୍କୃତ କରିଥିଲା ଅନେକଙ୍କୁ । ୧୬ବର୍ଷ ବୟସରେ ସେନାବାହିନୀରେ ଯୋଗ ଦେବାପରେ ତାଙ୍କ ପ୍ରତିଭା ଅଧିକ ବିକଶିତ ହେଲା। ସେଠାରେ ଭୋଲେ ତିୱାରୀ ଏବଂ ପରବର୍ତ୍ତୀ ସମୟରେ ପଙ୍କଜ ଗୁପ୍ତାଙ୍କ ପ୍ରଶିକ୍ଷଣରେ ତାଙ୍କର ନୈସର୍ଗିକ ପ୍ରତିଭା ଅଧିକ ବିକଶିତ ହେଲା । ରାତ୍ରି ସମୟରେ ଚନ୍ଦ୍ର ଆଲୋକରେ ତାଙ୍କୁ ଅଭ୍ୟାସରତ ଥିବା ଦେଖି ପ୍ରଶିକ୍ଷକ ପଙ୍କଜ ଗୁପ୍ତା ହିଁ ତାଙ୍କ ନାମ ଦେଇଥିଲେ ଧ୍ୟାନଚାନ୍ଦ। ସେତେବେଳେ ସେ କହିଥିଲେ ଯେ, 'ଦିନେ ଏହି ବାଳକର ପ୍ରତିଭା ହକି ଆକାଶରେ ଚାନ୍ଦ ବା ଚନ୍ଦ୍ର ଭଳି ଚମକିବାରେ ଲାଗିବ । ଦୂରଦ୍ରଷ୍ଟା ପ୍ରଶିକ୍ଷକଙ୍କ ସେହି ଉକ୍ତି ସତ୍ୟରେ ପରିଣତ ହୋଇଥିଲା । ଧ୍ୟାନଚାନ୍ଦ ହୋଇଥିଲେ ବିଶ୍ୱ ବିଜେତା ଏବଂ ମୁଖ୍ୟତଃ ତାଙ୍କରି ଅପୂର୍ବ କ୍ରୀଡ଼ାନୈପୁଣ୍ୟ ଯୋଗୁଁ ଭାରତୀୟ ହକିର ବିଜୟ ଯାତ୍ରା ଆରମ୍ଭ ହୋଇଥିଲା ସମଗ୍ର ବିଶ୍ୱରେ।

୧୯୨୬ରେ ଭାରତୀୟ ସେନାବାହିନୀ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସମସ୍ତ ମ୍ୟାଚରେ ବିଜୟୀ ହେଲା । ଏହି ଦଳର ପ୍ରମୁଖ ସଦସ୍ୟ ଭାବେ ଧ୍ୟାନଚାନ୍ଦଙ୍କ ପ୍ରଦର୍ଶନ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର। ୧୯୨୮ରେ ନେଦରଲାଣ୍ଡସ୍‌ର ରାଜଧାନୀ ଆମଷ୍ଟରଡାମ୍‌ରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ଜୟପାଲ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କଲା। ମେ ୨୯ତାରିଖ ଦିନ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ପ୍ରାୟ ପଚାଶ ହଜାର ଦର୍ଶକଙ୍କ ଉପସ୍ଥିତିରେ ଆୟୋଜକ ନେଦରଲାଣ୍ଡସ୍ ଦଳକୁ ୩-୦ ଗୋଲରେ ପରାସ୍ତ କରି ଭାରତୀୟ ଦଳ ହକି ଜଗତରେ ଏକ ସୁବର୍ଣ୍ଣ ଯୁଗର ମୂଳଦୁଆ ପକାଇଲା । ସମୁଦାୟ ପ୍ରତିଯୋଗିତାରେ ଭାରତୀୟ ଦଳ ଅପରାଜିତ ରହିବା ସହିତ ୫ଟି ମ୍ୟାଚ୍‌ରୁ ସ୍କୋର କରିଥିଲା ୨୮ଟି ଗୋଲ୍, ଯେଉଁଥିରୁ ଧ୍ୟାନଚାନ୍ଦ ଷ୍ଟିକ୍‌ରୁ ମିଳିଥିଲା ୧୧ଟି ଗୋଲ୍। ଅଲିମ୍ପିକ୍ କ୍ରୀଡ଼ାରେ ଏହାଥିଲା ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟ ।

୧୯୨୮ର ଆମଷ୍ଟରଡାମ୍ ଅଲିମ୍ପିକ୍‌ରୁ ଆରମ୍ଭ ହୋଇଥିବା ଭାରତୀୟ ହକିର ସ୍ୱର୍ଣ୍ଣିମ ଯୁଗ ବଳବତ୍ତର ରହିଥିଲା ଦୀର୍ଘ ଚାରି ଦଶନ୍ଧି ଧରି ଏବଂ ଏହି ସ୍ୱର୍ଣ୍ଣିମ ଯୁଗର ପ୍ରଥମ ତିନିଟି ଅଧ୍ୟାୟର ମୁଖ୍ୟ ସାରଥୀ ଥିଲେ ହକି ଯାଦୁକର ଧ୍ୟାନଚାନ୍ଦ। କ୍ରମାଗତ ତିନିଟି ଅଲିମ୍ପିକ୍‌ରେ ଭାରତକୁ ବିଜୟଶ୍ରୀ ମଣ୍ଡିତ କରାଇବାରେ ତାଙ୍କର ଭୂମିକା ଥିଲା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ । ୧୯୩୨ର ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍‌ରେ ଭାରତ ଚାରି ବର୍ଷ ତଳର ସଫଳତାକୁ ଦୋହରାଇ ହାସଲ କରିନେଲା ଏହାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଲସ୍ ଆଞ୍ଜେଲସ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା ବିପକ୍ଷରେ ଭାରତର ୨୪-୧ ଗୋଲରେ ବିଜୟ ଏପର୍ଯ୍ୟନ୍ତ ଅଲିମ୍ପିକ୍‌ରେ ସର୍ବାଧିକ ବ୍ୟବଧାନରେ ବିଜୟର ରେକର୍ଡ ହୋଇରହିଛି। ଏହି ମ୍ୟାଚ୍‌ରେ ସେ ଆଠଟି ଗୋଲ ଦେଇଥିବା ବେଳେ ତାଙ୍କ ଭାଇ ରୂପ୍ ସିଂହ ଦେଇଥିଲେ ଦଶଟି ଗୋଲ। ଏହାପରେ ୧୯୩୬ ମସିହାର ବର୍ଲିନ୍ ଅଲିମ୍ପିକ୍‌ରେ ଭାରତୀୟ ଦଳ ଅଂଶ ଗ୍ରହଣ କରିଥିଲା ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ । ଏହି ଅଲିମ୍ପିକ୍‌ରେ ମଧ୍ୟ ଭାରତ ଅପରାଜିତ ରହି ୫ଟି ମ୍ୟାଚ୍‌ରୁ ସ୍କୋର କରିଥିଲା ୩୮ଟି ଗୋଲ୍ ଏବଂ ଭାରତ ବିରୁଦ୍ଧରେ ଏକମାତ୍ର ଗୋଲଟି ଆସିଥିଲା ଫାଇନାଲ ମ୍ୟାଚ୍‌ରେ । ଏହି ଫାଇନାଲ୍ ମ୍ୟାଚ୍‌ରେ କିନ୍ତୁ ଭାରତୀୟ ଦଳ ଆୟୋଜକ ଜର୍ମାନୀ ବିପକ୍ଷରେ ୮-୧ ଗୋଲରେ ହାସଲ କରିଥିଲା ଏକତରଫା ବିଜୟ, ଯାହାକି ବିଶ୍ୱ ହକିରେ ଭାରତର ଏକାଧିପତ୍ୟକୁ ହିଁ ଦର୍ଶାଉଥିଲା।



ଜର୍ମାନୀ ବିପକ୍ଷରେ ଫାଇନାଲ୍ ମ୍ୟାଚ୍‌ଟି ଧ୍ୟାନଚାନ୍ଦଙ୍କ ପାଇଁ ଥିଲା ଅତ୍ୟନ୍ତ ସ୍ମରଣୀୟ । ଏଥିରେ ସେ ଏକାକୀ ସ୍କୋର କରିଥିଲେ ୩ଟି ଗୋଲ । ମ୍ୟାଚ ସମୟରେ ବଲ୍‌କୁ ସେ ନିଜ ଷ୍ଟିକ୍ ସାହାଯ୍ୟରେ ଏଭଳି ନିୟନ୍ତ୍ରଣରେ ରଖିଥିଲେ ଯେ, ଅଧିକାଂଶ ସମୟରେ ଲାଗୁଥିଲା ସତେ ଯେମିତି ଷ୍ଟିକ୍‌ରେ ବଲଟି ଲାଗି ରହିଛି । ଧ୍ୟାନଚାନ୍ଦ କୌଣସି ଯାଦୁକରୀ ଷ୍ଟିକ୍ ବ୍ୟବହାର କରୁଛନ୍ତି ବୋଲି ମଧ୍ୟ ସନ୍ଦେହ ହୋଇଥିଲା ଅନେକଙ୍କର । ତେବେ ମ୍ୟାଚ୍ ମଝିରେ ଷ୍ଟିକ୍ ବଦଳାଯିବା ସତ୍ତ୍ୱେ ମଧ୍ୟ ତାଙ୍କର ଚମତ୍କାରିତା ଜାରି ରହିଲା ପୂର୍ବ ଭଳି । ସୁତରାଂ ସେହିଠାରେ ହିଁ 'ହକି ଯାଦୁକର' ଉପାଧି ମିଳିଗଲା ଧ୍ୟାନଚାନ୍ଦଙ୍କୁ । ଏତଦ୍‌ବ୍ୟତୀତ ତାଙ୍କର ଅପୂର୍ବ କ୍ରୀଡ଼ାନୈପୁଣ୍ୟ ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟଲରଙ୍କ ହୃଦୟ ଜିଣିବାରେ ମଧ୍ୟ ସମର୍ଥ ହୋଇଥିଲା। ଏଥିସହିତ କ୍ରମାଗତ ଭାବେ ତିନିଟି ଅଲିମ୍ପିକ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବା ତଥା ଏହି ପ୍ରତିଯୋଗିତାରେ ସର୍ବାଧିକ ୩୯ଟି ଗୋଲ କରିବାର ରେକର୍ଡ ମଧ୍ୟ ସ୍ଥାପିତ ହୋଇଥିଲା ଧ୍ୟାନଚାନ୍ଦଙ୍କ ଦ୍ୱାରା। ଏତଦ୍‌ବ୍ୟତୀତ ୧୯୨୬ ରୁ ୧୯୪୭ ମଧ୍ୟରେ ବିଭିନ୍ନ ମ୍ୟାଚ୍‌ମାନଙ୍କରେ ସେ ସ୍କୋର କରିଥିଲେ ଏକ ହଜାରରୁ ଅଧିକ ଗୋଲ । ହକି ଖେଳକୁ ଲୋକପ୍ରିୟ କରାଇବା ଦିଗରେ ମଧ୍ୟ ତାଙ୍କର ଭୂମିକା ଥିଲା ବହୁତ ଅଧିକ।

ଏହି ମହାନ ବିଶ୍ୱବିଜୟୀ ତାରକା ଜଣକ ୩ ଡିସେମ୍ବର ୧୯୭୯ରେ ଇହଧାମ ତ୍ୟାଗ କରିଥିଲେ ହେଁ ତାଙ୍କର ନାମ ଏବେ ବି କ୍ରୀଡ଼ାଜଗତରେ ଅମର ହୋଇରହିଛି। ଧ୍ୟାନଚାନ୍ଦଙ୍କ ସ୍ମୃତିରେ ତାଙ୍କର ଜନ୍ମ ଦିବସ – ୨୯ ଅଗଷ୍ଟକୁ ଭାରତର ସରକାର 'ଜାତୀୟ କ୍ରୀଡ଼ା ଦିବସ' ଭାବେ ଘୋଷିତ କରି ତାଙ୍କୁ ସମ୍ମାନିତ କରିଛନ୍ତି । ନୂଆଦିଲ୍ଲୀର ଜାତୀୟ ଷ୍ଟାଡ଼ିୟମକୁ ମଧ୍ୟ ତାଙ୍କରି ନାମରେ ନାମିତ କରାଯାଇଛି । ଆଉ ଏବେ ୨୦୨୧ରୁ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନକୁ ତାଙ୍କରି ନାମାନୁସାରେ 'ମେଜର୍ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ଭାବେ ପ୍ରଦାନ କରାଯାଉଛି, ଯାହାକି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ମୋ – ୯୪୩୭୬୨୭୫୧୪

# ସୁସାହିତ୍ୟିକା ବୀଣାପାଣି ମହାନ୍ତି

ବୀଣାପାଣି ମହାନ୍ତି ୧୯୩୬ ମସିହା ନଭେମ୍ବର ୧୧ ତାରଖରେ ଜନ୍ମ ଗ୍ରହଣ କରିଥିଲେ ।ତାଙ୍କର ଜନ୍ମ ବ୍ରହ୍ମପୁରରେ ହୋଇଥିଲା କିନ୍ତୁ ତାଙ୍କର ପୈତୃକ ଘର କେନ୍ଦ୍ରପଡା ନିକଟସ୍ଥ ଋନ୍ଦୋଳି ଠାରେ । ବୃତ୍ତିରେ ଅର୍ଥନୀତି ଅଧ୍ୟାପିକା ଥିଲେ । ସେ ୧୯୫୩ ରେ ମାଟ୍ରିକ, ୧୯୫୭ ରେ ଅର୍ଥନୀତିରେ ଅଧ୍ୟାପିକା ଭାବେ କାର୍ଯ୍ୟ କରି ୧୯୯୨ ରେ ଅବସର ଗ୍ରହଣ କରିଥିଲେ । ସେ ଆଜୀବନ ଅବିବାହିତ ଥିଲେ

୧୯୫୫ ମସିହାରେ ପ୍ରଥମ କବିତା ''ତନ୍ଦ୍ରାହତ'' ପ୍ରଜାତନ୍ତ୍ର ନାରୀମହଲରେ ପ୍ରକାଶ ପାଇଥିଲା । ତାଙ୍କର ପ୍ରଥମ ଗଳ୍ପ "ଗୋଟିଏ ରାତିର କାହାଣୀ'' ୧୯୫୭ ରେ ରବିବାର ପ୍ରଜାତନ୍ତ୍ର ରେ ପ୍ରକାଶ ପାଇଥିଲା । ତାଙ୍କର 'ନାଉଗଛ' ଗଳ୍ପଟି କୁନ୍ତଳା କୁମାରୀ ମହାବିଦ୍ୟାଳୟରେ ଅଧ୍ୟାପନା ସମୟରେ କଲେଜରେ ଆପେଆପେ ମାଡିଥିବା ନାଉଗଛକୁ ଦେଖି ଲେଖିଥିଲେ "ପାଟଦେଈ'' ଗଳ୍ପଟି ଭୁବନେଶ୍ୱର ରସୁଲଗଡ ଛକ ଥିଲା । ତେଣୁ ଚଳନ୍ତି ଜୀବନରୁ ସତସତିକା ଘଟଣାକୁ ନେଇ ଗଳ୍ପର ରୂପ ଦେବାରେ ବୀଣାପାଣି ସିଦ୍ଧହସ୍ତା ।ଓଡିଆ ପାଟଦେଈ କସ୍ତୁରୀମୃଗ ଓ ସବୁଜ ଅରଣ୍ୟ ବେଶ ପ୍ରସିଦ୍ଧ ଲାଭକରିଛି । ଲୋକେ ବି ତାଙ୍କୁ ଶ୍ରଦ୍ଧାରେ ପାଟଦେଈବୋଲି ସମ୍ବୋଧନ କରୁଥିଲେ ।

୧୯୨୦ ମସିହାରେ ସେ ତାଙ୍କର ସାହିତ୍ୟିକ ବୃତ୍ତି ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇଥିଲେ । ଓଡିଆ ସାହିତ୍ୟର ପୂର୍ବରୁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ସାରଳା ପୁରସ୍କାର ମଧ୍ୟ ଲାଭ କରିଥିଲେ ।


ସମସ୍ତଙ୍କର ପ୍ରିୟ ଓଡିଆ ଗାଳ୍ପିକ ୨୪ ଅପ୍ରେଲ ୨୦୨୨ ରବିବାର ଦିନ ୮୫ ବର୍ଷ ବୟସରେ କଟକସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଛି ।

# ବିଜ୍ଞାନ ବିଚିତ୍ର




ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## କର୍କଟ ରୋଗରୁ ରକ୍ଷା ପାଇବାକୁ କେତୋଟି ସହଜ ଉପାୟ :-




ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ନୂଆ କର୍କଟ ରୋଗୀ ଚିହ୍ନଟ ହୁଅନ୍ତି। ଏମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ରୋଗୀ ଯଦି ଠିକ ସମୟରେ ଉଚିତ ଚିକିତ୍ସା ପାଇଥାନ୍ତେ ତେବେ ମୃତ୍ୟୁ ମୁଖରେ ପଡି ନଥାନ୍ତେ। ଡାକ୍ତରଙ୍କ ମତରେ ଶତକଡା ୭୦ ଭାଗ କର୍କଟ ରୋଗ ଚିକିତ୍ସା ଦ୍ୱାରା ଠିକ୍ ହୋଇପାରେ। କିନ୍ତୁ ଏଥିପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିବାକୁ ପଡିବ। ଯେପରିକି ଉପଯୁକ୍ତ ଖାଦ୍ୟ ଗ୍ରହଣ, ଦୈହିକ ପରିଶ୍ରମ ସହ ପ୍ରତ୍ୟହ ବ୍ୟାୟାମ କରିବା, ଭାଙ୍ଗ, ଗୁଟକା, ଖଇନି, ମଦ୍ୟପାନଠୁ ଦୂରେଇ ରହିବା, ଆବଶ୍ୟକ ମତେ ନିଦ୍ରା ଯିବା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ଦ୍ୱାରା ଶତକଡା ୩୦ ରୁ ୪୦ ଭାଗ 'ଫୁସଫୁସ. ମୁଖ ଗହ୍ୱର, ଅଂଟା ,ସ୍ତନ, ମସ୍ତିଷ୍କ,ବେକ ଓ ପାକସ୍ଥଳୀ କର୍କଟକୁ ରୋକି ହେବ। ବିଭିନ୍ନ ପ୍ରକାର କର୍କଟ ମଧ୍ୟରୁ ଶତକଡା ୩୦ ଭାଗ ସ୍ତନ କର୍କଟ ଅଟେ। ଏହାର ମୁଖ୍ୟ କାରଣଗୁଡିକ ମଧ୍ୟରେ ଅସଂଯତ ଜୀବନଶୈଳୀ, ବିଳମ୍ବିତ ବିବାହ, ଗର୍ଭାଧାନ ପ୍ରକ୍ରିୟାଠୁ ଦୂରେଇ ରହିବାକୁ ଅବଲମ୍ବନ କରୁଥିବା କୃତ୍ରିମ ଉପାୟ,ଶିଶୁକୁ ସ୍ତନ୍ୟପାନଠୁ ଶୀଘ୍ର ଦୂରେଇ ରଖିବା ମଦ୍ୟପାନ କରିବା,ଅଧିକ ତୈଳ ଓ ଚର୍ବିଜାତ ଖାଦ୍ୟ ଖାଇବା, ଆଳସ୍ୟପୂର୍ଣ୍ଣ ଜୀବନ ଯାପନ କରିବା,ଅଧିକ ମୋଟା ହେବା ଆଦି ମୁଖ୍ୟ ଅଟେ। ଯଦି ଖାଦ୍ୟ ବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଏ ତେବେ ଅଧିକ ଲାଲ ମାଂସ,ଡବା ପ୍ୟାକିଙ୍ଗ ଖାଦ୍ୟ,ତେଲ ଓ ଚର୍ବିଯୁକ୍ତ ଖାଦ୍ୟର ବ୍ୟବହାର ତଟକା ପରିବା ତନ୍ତୁଯୁକ୍ତ ଖାଦ୍ୟ ଓ ଫଳ ଯଥେଷ୍ଟ ପରିମାଣରେ ନ ଖାଇବା, ଅଧିକ ଲବଣଯୁକ୍ତ ଖାଦ୍ୟ ଆଦି କର୍କଟର ମୁଖ୍ୟ କାରଣ ଅଟେ। ୩୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ମହିଳା ସ୍ତନ କର୍କଟଠୁ ନିଜକୁ ରକ୍ଷା କରିବାକୁ କେତୋଟି ସରଳ ଉପାୟ ଅବଲମ୍ବନ କରିବା ଉଚିତ ଯେପରିକି ଆଳସ୍ୟପୂର୍ଣ୍ଣ ଜୀବନ ଶୈଳୀକୁ ବର୍ଜନ କରନ୍ତୁ , ଅଧଘଂଟାରୁ ଘଂଟାଏ ପର୍ଯ୍ୟନ୍ତ ଚାଲିବାକୁ ଅଭ୍ୟାସରେ ପକାନ୍ତୁ,ନିୟମିତ ଭାବେ ନିଜେ ନିଜର ସ୍ତନ ପରୀକ୍ଷା କରନ୍ତୁ ଦେଖନ୍ତୁ ମାଂସପେଶୀ ମଧ୍ୟରେ କିଛି ଗୋଟାଳିଆ ଅଂଶ ଜମା ହେଉଛି କି ସ୍ତନର ବାହାର ପଟେ କିଛି ରଙ୍ଗ ପରିବର୍ତ୍ତନ କିମ୍ୱା ତରଳ ପଦାର୍ଥ ବାହାରୁଛି କି ଯଦି ଏପରି ଲକ୍ଷ୍ୟ କରୁଛନ୍ତି ତେବେ ନିଃସଙ୍କୋଚରେ ଡାକ୍ତରଙ୍କୁ ଦେଖାକରି ମାମୋଗ୍ରାଫୀ ଓ ପାପ ସ୍ମିଅର ପରୀକ୍ଷଣ କରାଇ ନିଅନ୍ତୁ। ଅତ୍ୟଧିକ ମାନସିକ ଚାପ ବା ଅଶାନ୍ତି ଯୋଗୁଁ ହରମୋନ କ୍ଷରଣରେ ଅସନ୍ତୁଳନ ଯୋଗୁଁ ମଧ୍ୟ କର୍କଟ ରୋଗର ସମ୍ଭାବନା ବଢିଯାଏ। ଅଧିକାଂଶ ଯୁବତୀ ଜାଣି ନଥାନ୍ତି ଯେ ନିଜକୁ ସଫାସୁତୁରା ରଖିବା ଏବଂ ଏଚ ପି ଭି ଭ୍ୟାକ୍ସିନ ନେବା ଦ୍ୱାରା ତଥା ନିଜର ଦାନ୍ତ, ମୁଖ ଓ ମାଢିର ଯତ୍ନ ନେବା ଦ୍ୱାରା ସେମାନେ ନିଜକୁ ଜରାୟୁ ଗ୍ରୀବା କର୍କଟରୁ ରକ୍ଷା କରି ପାରିବେ। ହେପାଟାଇଟିସ ବି ଓ ସି ଭ୍ୟାକ୍ସିନ ଦ୍ୱାରା ଆପଣ ଲିଭର କ୍ୟାନ୍ସରରୁ ବର୍ତ୍ତି ପାରିବେ। ଡାକ୍ତରମାନେ ସର୍ବଦା କୁହନ୍ତି ଯେ ଯଦି ପ୍ରାଥମିକ ଅବସ୍ଥାରେ ରୋଗୀର ଚିକିତ୍ସା କରାଯାଏ ତେବେ ଶତକଡା ୫୦ ଭାଗ ରୋଗୀ ଭଲ ହୋଇ ପାରନ୍ତେ କିନ୍ତୁ ଭାରତରେ ଏକ ଦୟନୀୟ ସ୍ଥିତି ପରିଲକ୍ଷିତ ହୁଏ ଅର୍ଥାତ ଏଠାରେ ୬୦ ରୁ ୭୦ ଭାଗ ରୋଗୀ ତୃତୀୟ କିମ୍ୱା ୪ର୍ଥ ସୋପାନରେ ପହଂଚିଲା ପରେ ଡାକ୍ତରଙ୍କ ପରାମର୍ଶ ଲୋଡିଥାନ୍ତି।

## ନାଇଟ୍ରିକ ଅକ୍ସାଇଡ :-




ଏହା ନାଇଟ୍ରୋଜେନର ଏକ ଯୌଗିକ ଅଟେ ଯାହା ବାଷ୍ପୀୟ ଅବସ୍ଥାରେ ଥାଏ। କିନ୍ତୁ ଏହା ଆମ ଶରୀର ପାଇଁ ନିହାତି ଉପଯୋଗୀ ହୋଇଥାଏ। ଏହା ଆମ ଶିରାକୁ ପ୍ରସାରିତ କରି ରଖିଥାଏ ଯଦ୍ୱାରା ରକ୍ତ ପ୍ରବାହର ଗତି ସୁଗମ ହୋଇ ରକ୍ତଚାପ ହ୍ରାସ କରିଥାଏ। କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏହାର ପରିମାଣ କମି ଯିବାରୁ ବାହ୍ୟ ସୂତ୍ରରୁ ଏହାକୁ ଗ୍ରହଣ କରିବାକୁ ପଡିଥାଏ। କେତେକ ଖାଦ୍ୟ ପଦାର୍ଥ ରହିଛି ଯେଉଁଥିରୁ ଏହା ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ସେଗୁଡିକ ହେଲା ବିଟ୍, ରସୁଣ, ମାଂସ, ଅଂଡା, ସମୁଦ୍ରଜାତ ଖାଦ୍ୟ, ଚକୋଲେଟ, ଶାଗ ଜାତୀୟ ଓ ଲେମ୍ବୁ, କମଳା ଜାତୀୟ ଫଳମୂଳ।

## ଲହୁଣୀ ବା ବଟର :-

ଜାଣନ୍ତିକି ଗାଈକ୍ଷୀରରୁ ଯେଉଁ ଧଳା ଲହୁଣୀ ମରାଯାଏ ତାହା ଆମ ଶରୀର ପାଇଁ କେତେ ଉପଯୋଗୀ ? ଏହା ଏକ ଆଂଟି ଭାଇରାଲ, ଆଂଟି ବ୍ୟାକ୍ଟେରିଆଲ ଓ ଆଂଟିକାର୍ସିନୋଜେନିକ ବା କ୍ୟାନ୍ସର ନିରୋଧୀ ଏଜେଂଟ ପରି କାମ କରେ। ଏହା ଆମ ହୃତପିଣ୍ଡକୁ ସୁରକ୍ଷିତ ରଖିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଓ ଆମ ଅସ୍ଥିକୁ ଦୃଢ କରେ। ଏଥିରେ ଫେଟ ଦ୍ରବିଭୁତ ଭିଟାମିନ



ଯଥା ଭିଟାମିନ ଏ, ଭିଟାମିନ କେଟୁ ଓ ଭିଟାମିନ ଇ ବହୁ ପରିମାଣରେ ଥାଏ। ଏଥିରୁ ଭିଟାମିନ କେଟୁ ଶରୀରରେ କ୍ୟାଲସିଅମ ଗ୍ରହଣ ପ୍ରକ୍ରିୟାକୁ ସୁଗମ କରିବା ସଙ୍ଗେ ସଙ୍ଗେ ଚୟାପଚୟ କ୍ରିୟାକୁ ନିୟନ୍ତ୍ରିତ କରେ ଏବଂ ହୃତପିଣ୍ଡକୁ ସୁରକ୍ଷିତ ରଖିଥାଏ। ଦିନକୁ ୨ ଚାମଚ ଲହୁଣୀରୁ ଏସବୁ ଖାଦ୍ୟସାର ପର୍ଯ୍ୟାପ୍ତ ପରିମାଣରେ ମିଳିପାରେ। ଆମର ଏକ ସାଧାରଣ ଧାରଣା ଥାଏ ଯେ ଲହୁଣୀ ଜାତୀୟ ଖାଦ୍ୟ ନେଲେ ଆମେ ଅଧିକ ମୋଟା ହୋଇଯିବା କିନ୍ତୁ ଡକ୍ଟର ଶିଖା ମହାଜନଙ୍କ ମତାନୁସାରେ ଏହି ଲହୁଣୀରେ କେତେକ ଛୋଟ ଏବଂ ମଧ୍ୟମ ଆକାରର ଫେଣ୍ଟି ଚେନ ରହିଛନ୍ତି ଯେଉଁମାନଙ୍କ ବିଘଟନ ଏକ ଭିନ୍ନ ପ୍ରଣାଳୀରେ ହୋଇଥାଏ ଯାହା ଶରୀରର ଓଜନ ହ୍ରାସରେ ସହାୟକ ସିଦ୍ଧ ହୁଏ ଯେପରିକି ଆମ କଲୋନରେ ଥିବା ଉପକାରୀ ବୀଜାଣୁମାନେ ଏହାକୁ ବିଘଟିତ କରି ବ୍ୟୁଟିରେଟ ନାମକ ଫେଟି ଏସିଡ ତିଆରି କରନ୍ତି ଯାହା ଅଧିକ ଶକ୍ତି ଉପ ଯୋଗ କରି ଓଜନ ବଢିବାକୁ କେବଳ ପ୍ରତିହତ କରେନାହିଁ ବରଂ  ଖାଦ୍ୟ ଗ୍ରହଣ ପ୍ରକ୍ରିୟାକୁ କମ କରି ଇନସୁଲିନ କ୍ଷରଣକୁ ବି ସୁଗମ କରେ। ଏହା ଶିଶୁମାନଙ୍କ ପାଇଁ ମଧ୍ୟ ଆବଶ୍ୟକ କାରଣ ଏଥିରେ ଥିବା ଆରାକିଡୋନିକ ଏସିଡ ମସ୍ତିଷ୍କର ଅଭିବୃଦ୍ଧି ପାଇଁ ଏକ ଟନିକ ଭଳି କାର୍ଯ୍ୟ କରେ ତାଛଡା ଏଥିରେ ଭିଟାମିନ ବିଟୁକ୍ୟାଲସିଅମ,ମ୍ୟାଗ୍ନେସିଅମ,ଫସଫରସ ଓ ପୋଟାସିଅମରେ ଭରପୁର ଥିବାରୁ ଶିଶୁମାନଙ୍କ କ୍ଷେତ୍ରରେ ଏକ ଉତ୍କୃଷ୍ଟ ପୋଷକର କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥାଏ। ଏଠାରେ ମନେରଖନ୍ତୁ ଏହା ସଂପୂର୍ଣ୍ଣ ରୂପେ ଘରେ ତିଆରି କରାଯାଉଥିବାରୁ ଏଥିରେ କିଛି ପ୍ରିଜରଭେଟିଭ ମିଶାଯାଇ ନଥାଏ ତେଣୁକିଛିଦିନ ବାହାରେ ରଖିଦେଲେ ଜାରଣ ପ୍ରକ୍ରିୟା ଯୋଗୁଁ ଏହା ଖରାପ ହୋଇଯାଇ ଏହାର ରଙ୍ଗ ଧୂସର କିମ୍ବା ହଳଦିଆ ହୋଇଯାଏ। ଏହାକୁ ବ୍ୟବହାର କରନ୍ତୁ ନାହିଁ। ଅଧିକ ଦିନ ରଖିବାକୁ ଚାହିଁଲେ ଏହାକୁ ଏକ ନିବୁଜ ପାତ୍ରରେ ରେଫ୍ରିଜେରେଟରରେ ସାଇତି ରଖନ୍ତୁ।

## କ୍ୟାଲସିଅମ ସଂପର୍କରେ :-

ଏହି ମୌଳିକର ନାମଟି ଶୁଣିଲା ମାତ୍ରେ ଆମେ ଭାବିଥାଉ ଏହାର କାର୍ଯ୍ୟ ହେଲା ଆମ ଅସ୍ଥି,ଦାନ୍ତକୁ ମଜବୁତ କରିବା କିନ୍ତୁ ଜାଣି ରଖନ୍ତୁ ଏହି ଦୁଇଟି କାର୍ଯ୍ୟ ବ୍ୟତୀତ ଏହା ରକ୍ତ ଜମାଟ ବାନ୍ଧିବାସ୍ନାୟୁ ସନ୍ଦେଶକୁ ସଂଚାରିତ କରିବା ଏବଂ ହୃତସ୍ପନ୍ଦନ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସବୁ କରିଥାଏ। ତେବେ ଆବଶ୍ୟକସ୍ଥଳେ ଏହାକୁ ଔଷଧ ଆକାରରେ ଗ୍ରହଣ କରିବା ପରିବର୍ତ୍ତେ ଖାଦ୍ୟ ପଦାର୍ଥ ମାଧ୍ୟମରେ ଗ୍ରହଣ କରିବା ସମୀଚୀନ ଅଟେ। ୫୦ ବର୍ଷରୁ ଉର୍ଦ୍ଧ୍ୱ




ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନକୁ ୧୦୦୦ ମିଗ୍ରା ଓ ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଆବଶ୍ୟକତା ୧୨୦୦ ମିଗ୍ରା ତଥା ୪ ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ୧୩୦୦ ମିଗ୍ରା ର କ୍ୟାଲସିଅମ ଦରକାର ପଡିଥାଏ। ଆସନ୍ତୁ ଜାଣିବା କେଉଁ ଖାଦ୍ୟ ପଦାର୍ଥରୁ କେତେ ପରିମାଣର କ୍ୟାଲସିଅମ ମିଳିଥାଏ। ପୂର୍ବ ଏସିଆରେ ପ୍ରଚଳିତ ସୋୟାବିନରୁ ପ୍ରସ୍ତୁତ ୧ କପ୍ ଏଡାମେମ୍ ରେ ୯୮ ମିଗ୍ରା କ୍ୟାଲସିଅମ ସହ ଅନେକ ପ୍ରୋଟିନ ଓ ୯ ପ୍ରକାର ଆମିନୋ ଏସିଡ ମିଳିଥାଏ। ସେହିପରି ଏକ ଚାମଚ ରାଶିରୁ ୮୮ ମିଗ୍ରା କ୍ୟାଲସିଅମ ସହ କପର ଓ ଜିଙ୍କ ଭଳି ଖଣିଜ ପଦାର୍ଥ ବି ମିଳିଥାଏ। ଏକ କପ୍ ସଜ କଟା ଭେଣ୍ଡି ଆମକୁ ୮୨ ମିଗ୍ରା କ୍ୟାଲସିଅମ ସହ ଆଇରନ, ଜିଙ୍କ୍, ପ୍ରୋଟିନ ଓ ତନ୍ତୁଜ ପଦାର୍ଥ ପ୍ରଦାନ କରିଥାଏ। ଗୋଟିଏ ବଡ ସାନ୍ତରାରୁ ୭୪ ମିଗ୍ରା କ୍ୟାଲସିଅମ ମିଳେ ଯାହା ଆମ ଅସ୍ଥି ତିଆରିରେ ସହାୟକ ହୁଏ। କ୍ୟାଲସିଅମ ପାଇଁ ଅନ୍ୟ ଏକ ଉପାଦେୟ ଖାଦ୍ୟ ହେଲା ଶୁଖିଲା ଡିମିରି ଫଳ ଯାହା ଶରୀରକୁ ୧୧୦ କ୍ୟାଲୋରୀର ଶକ୍ତି ମଧ୍ୟ ପ୍ରଦାନ କରିଥାଏ। ଏତଦ୍ ବ୍ୟତୀତ ଛେନା, ଦହି, ଦୁଗ୍ଧଜାତ ପଦାର୍ଥ, ଅଣ୍ଡା, ବିନ୍ସ, ମଟର ସବୁଜ ପନିପରିବାରୁ ମଧ୍ୟ ଯଥେଷ୍ଟ ପରିମାଣରେ କ୍ୟାଲସିଅମ ଆପଣ ପାଇ ପାରିବେ। କିନ୍ତୁ ଯେତିକି ପରିମାଣରେ ଆମେ ଖାଦ୍ୟ ଗ୍ରହଣ କଲେ ସେଥିରୁ ଅବଶୋଷିତ କ୍ୟାଲସିଅମ ସଂଚୟ ପାଇଁ କେତୋଟି ସାବଧାନତା ଅବଲମ୍ବନ କରିବାକୁ ପଡିବ। ଯଥା ଭିଟାମିନ ଡି ର ମାତ୍ରା ବଢାଇବା ଦରକାର, ପ୍ରତ୍ୟହ ୩୦ ମିନିଟ ଓ ସପ୍ତାହକୁ ଅତି କମରେ ୫ ଦିନ ବ୍ୟାୟାମ କରନ୍ତୁ, ତଦ୍ୱାରା ଆପଣଙ୍କ ବୋନ ଡେନ୍ସିଟି ବୃଦ୍ଧି ପାଇବ। ଅତ୍ୟଧିକ ଅମ୍ଳତ୍ୱ ବା ଏସିଡିଟି ହାଡର ପ୍ରଭୃତ କ୍ଷତି ସାଧନ କରିଥାଏ। ଅତ୍ୟଧିକ କଫି ,ସିଗାରେଟ ଓ ମଦ୍ୟପାନ ବି କ୍ୟାଲସିଅମ ଅବଶୋଷଣରେ ବାଧା ସୃଷ୍ଟି କରେ।

## କ୍ରାୟୋଆବ୍ଲେସନ ଥେରାପି :-

କ୍ୟାନ୍ସର ଚିକିତ୍ସାରେ ବ୍ୟବହୃତ ଏକନୂଆ ଶୈଳୀ ଯାହାକୁ ପ୍ରଥମେ ଇସ୍ରାଏଲର ତେଲଆଭିବରେ ପ୍ରଚଳନ କରା ଯାଇଛି। ଏହାକୁ ଆଇସ କ୍ୟୁର ବି କୁହାଯାଉଛି। ଆମ ଶରୀରରେ ଦେଖା ଦେଉଥିବା ଟ୍ୟୁମର ୨ ପ୍ରକାରର. ଗୋଟିଏ ହେଲା ବିନାଇନ ଓ ଅନ୍ୟଟି ହେଲା ମାଲିଗନେଂଟ। ୨ୟ ପ୍ରକାର ଟ୍ୟୁମରକୁ ଏହି ଉପାୟରେ ବାହାର କରା ଯାଇଥାଏ। ଏଥିପାଇଁ ଏକ ପ୍ରୋବ ସାହାଯ୍ୟରେ ଟ୍ୟୁମରକୁ ଅତ୍ୟଧିକ ନିମ୍ନ ତାପମାତ୍ରାରେ ରଖାଯାଏ ଯାହା ଫଳରେ ତତ୍ ମଧ୍ୟସ୍ଥ ସମସ୍ତ କୋଷ ମରି ଯାଆନ୍ତି ,ଯେଉଁମାନଙ୍କୁ ଦ୍ରବୀଭୁତ କରି ୨ ସପ୍ତାହ ମଧ୍ୟରେ ବାହାର କରି ଅଣାଯାଏ।



କାହାରି ମନରେ ଦୁଃଖ ଦେଲାଭଳି କାର୍ଯ୍ୟ କରନାହିଁ ।

## ମାଂସପେଶୀ ସଂକୋଚନ ଜନିତ ଯନ୍ତ୍ରଣା :-

ଏହି ଯନ୍ତ୍ରଣା ମାଂସପେଶୀର ଅଧିକ ବ୍ୟବହାର, ଶରୀରରୁ ଜଳୀୟ ଅଂଶ କମିଗଲେ ,ଗୋଟିଏ ଅବସ୍ଥାରେ ଗୋଡ କିମ୍ବା ହାତକୁ ବେଶି ସମୟ ରଖିଲେ, ମାଂସପେଶୀ ଉପରେ ଅତ୍ୟଧିକ ଚାପ ସୃଷ୍ଟି କଲେ ସୌରତାପରେ ଅଧିକ କାର୍ଯ୍ୟ କଲେ କିମ୍ବା ଅତ୍ୟଧିକ ବ୍ୟାୟାମ କଲେ ଏପରି ଯନ୍ତ୍ରଣା ହେବା ଦେଖାଯାଏ ଯାହା ପ୍ରଥମେ ବାହ୍ୟ ଅଂଶରେ ଦୃଶ୍ୟମାନ ହୋଇ ପରେ ଭିତରକୁ ମାଡି ଯାଇଥାଏ। ଏହା ଯଦିଓ ହାନିକାରକ ନୁହଁ ତଥାପି କେତେକ ଅନ୍ତର୍ନିହିତ କାରଣ ଯଥା କେତୋଟି ଅଙ୍ଗକୁ ଯଦି ରକ୍ତ ପ୍ରବାହ କମ ରହେ ତେବେ ଯନ୍ତ୍ରଣା ତୀବ୍ରତର ହୋଇଥାଏ। ବିଶେଷକରି ରାତିରେ ଶୋଇଥିବା ସମୟରେ ଏହା ବିଶେଷ ଭାବେ ଅନୁଭବ କରିହୁଏ। ଯଦି ଶରୀରରେ ଭିଟାମିନ ବି ଓ ଡି ସହିତ ସୋଡିଅମ , ପୋଟାସିଅମ ଏବଂ ମ୍ୟାଗ୍ନେସିଅମର ପରିମାଣ ସ୍ଥିର ରଖାଯାଏ ତେବେ ଏହି ଯନ୍ତ୍ରଣାରୁ ଉପଶମ ମିଳିଥାଏ। ଫିଜିଓଥେରାପି, ଅଲଟ୍ରାସୋନିକ ଥେରାପି ଓ ଇଂଟରଫେରେନ୍ସିଆଲ ଥେରାପି ଦ୍ୱାରା ରକ୍ତସଂଚାଳନ ବୃଦ୍ଧି ଦ୍ୱାରା ଏହି ପ୍ରକାର ଯନ୍ତ୍ରଣାରୁ ସାମୟିକ କିମ୍ବା ସବୁଦିନ ପାଇଁ ମୁକ୍ତି ମିଳିଥାଏ। ମାଲିସ ଦ୍ୱାରା ମଧ୍ୟ ଏଥିରୁ ତ୍ରାହି ମିଳିଥାଏ।

## ଓଡ଼ିଆଣୀ ବୋହୂ



ଶ୍ରୀ ନିରଞ୍ଜନ ଖଟୁଆ

ଓଡ଼ିଆ ଘରର ବୋହୂଲୋ ବଉଳ
ଶାଶୂଘରେ ପାଦଦେଲି,
ନଣନ୍ଦ ଦିଅର ଶାଶୂଶଶୁରଙ୍କୁ
ଭଲପାଇ ବସିଗଲି.......॥୦॥
ବୋହୂ ନୁହେଁ ମୁହିଁ ଝିଅଲୋ ବୋଉଳ
ଶାଶୂ ମୋ ଆଦର୍ଶନାରୀ
ସେବା ମନଭାବ ଶଶୁରଙ୍କ ଥାଏ
ଚଉଦିଗେ ପଡେ ହୁରି,
ମାଆ ମାଉସୀଏ ବୁଲି ଆସୁଥାନ୍ତି
ମୋତେ ଡାକୁଥାନ୍ତି ଗେହ୍ଲୀ......॥୧॥
ସ୍ୱାମୀତ ମୋହର ଭାରିକପଟିଆ
ଦୁଇପଟେ ଥାଏ ଧାର,
କହୁଥିବେ ଯାହା କରିବେନିତାହା
ସବୁବେଳେ ଗରଗର
ମନ ଜାଣି ତାଙ୍କ ସେବା କରୁଥାଏ
ଓଡ଼ିଆଣୀ ବୋହୂବୋଲି.......॥୨॥

ସା: କମରପଦା(ବାଲିସାହି), ପୋ:ଯଶପଡା, ଜି: କଟକ
ଫୋନ : ୯୮୬୧୭୩୭୪୩୬

# ପଦ୍ମଶ୍ରୀ ରଜତ କର






ବିଶିଷ୍ଟ ସାହିତ୍ୟିକ ତଥା ବାଗ୍ମୀ ଭଞ୍ଜ ସାହିତ୍ୟର ବ୍ୟାଖ୍ୟାକାର ତଥା ପଦ୍ମଶ୍ରୀ ରଜତ କରଙ୍କର ୦୮ ମଇ ୨୦୨୨ ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ୧୯୩୪ ମସିହା ଅକ୍ଟୋବର ୨ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଶିକ୍ଷାବିତ, ନାଟ୍ୟକାର ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା। ତାଙ୍କର ପ୍ରାୟ ୭ଟି ଫିକ୍ସନ ପୁସ୍ତକ ଓ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଅନେକ ପୁସ୍ତକ ରଚନା କରିଥିଲେ । ତନ୍ମଧ୍ୟରେ "ଜନ ଜୀବନରେ ଜଗନ୍ନାଥ", "ଅନନ୍ୟ ଜଗନ୍ନାଥ ଅନଭୂତିର", "ଅନ୍ଧପୁଟୁଳି", "ଚନ୍ଦନ ହଜୁରୀ", "ଜଣାଣ ଜଣାଉଛି ଜଗନ୍ନାଥଙ୍କୁ", "ବାଇଶି ପାବଚ୍ଛ", "ବୀର ଚାଖି ଖୁଣ୍ଟିଆ"', "ଜନମାନସରେ ଭଞ୍ଜ" ପ୍ରଭୃତି ସାରସ୍ୱତ ସୃଷ୍ଟି।

ଦୀର୍ଘ ୬୦ବର୍ଷ ଧରି ବୈଦ୍ୟୁତିକ ଗଣମାଧ୍ୟମ ଓ ରେଡିଓରେ ଜଗନ୍ନାଥ ସଂସ୍କୃତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଉଥିଲେ ।

ବିଶିଷ୍ଟ ଶିକ୍ଷାବିତ ଭାବେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଦୀର୍ଘବର୍ଷ ଧରି କାମ କରିବା ସହ ଏସ୍‌ସିଇଆଇଟିର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ । ସେ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ ହୋଇଥିଲେ।

'ଆମରି ସତ୍ୟ' ମାସିକ ପତ୍ରିକାଟିକୁ ସେ ଉଦଘାଟନ କରିଥିଲେ। ସେ ଆମରିସତ୍ୟର ବାର୍ଷିକ ଉତ୍ସବ ଏବଂ ଗୁରୁ ପ୍ରଣାମ କାର୍ଯ୍ୟକ୍ରମରେ ଯୋଗ ଦେଇ ଆମରି ସତ୍ୟ ପରିବାରବର୍ଗଙ୍କ ସମ୍ମାନଭାଜନ ହୋଇଥିଲେ। ତାଙ୍କର ଭଲପାଇବା ପାଇଁ ସମସ୍ତେ ଋଣୀ।

# ସମ୍ବାଦ ବିଚିତ୍ରା

୧. ୫୦୮ କିମି ବିଶିଷ୍ଟ ଅହମଦାବାଦରୁ ମୁମ୍ବାଇକୁ ବୁଲେଟ ଟ୍ରେନ ଚଳାଚଳ କରିବା ନେଇ ଯୋଜନା ହୋଇଛି । ଭାରତର ଏହା ପ୍ରଥମ ବୁଲେଟ ଟ୍ରେନ ପ୍ରକଳ୍ପ ।

୨. କରୋନାଭାଇରସ୍ ଟିକା ନେବା ପାଇଁ କାହାକୁ ବାଧ୍ୟ କରାଯାଇ ପାରିବ ନାହିଁ, କିନ୍ତୁ ସର୍ବସାଧାରଣଙ୍କ କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ନିମନ୍ତେ ସରକାର ନୀତି ଗଠନ କରିବା ସହିତ କିଛି ସର୍ତ୍ତାବଳି ଲାଗୁ କରିପାରନ୍ତି ବୋଲି ସୁପ୍ରିମ୍ କୋର୍ଟ କହିଛନ୍ତି ।

୩. ଭାରତୀୟ ଅର୍ଥନୀତି ପରିଚାଳନା ସଂସ୍ଥା(ଉଗଓର)ର ସୂଚନା ଅନୁସାରେ, ଏପ୍ରିଲ ମାସରେ ଦେଶରେ ବେରୋଜଗାରୀ ଦର ୭.୮୩କୁ ବୃଦ୍ଧି ପାଇଛି । ଯାହା ମାର୍ଚ୍ଚରେ ୭.୬୦ ପ୍ରତିଶତ ଥିଲା। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସହରାଞ୍ଚଳରେ ବେକାରୀ ଦର ୯.୨୨ ପ୍ରତିଶତ ବଢ଼ିଛି ଯାହା ମାର୍ଚ୍ଚ ମାସରେ ୮.୨୮ ପ୍ରତିଶତ ଥିଲା ।

୪. କ୍ୟାବିନେଟ୍ ନିଯୁକ୍ତି କମିଟି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ତରୁଣ କପୁରଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି । ସେ ଭାରତ ସରକାରଙ୍କ ସଚିବ ଭାବେ ପିଏମଓରେ କାର୍ଯ୍ୟ କରିବେ। ତାଙ୍କର କାର୍ଯ୍ୟକାଳ ଦୁଇ ବର୍ଷ ରହିବ।

୫. ଚଳିତ ମେ' ୩୧ ତାରିଖରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଭୋଟଗ୍ରହଣ ହେବ। ଜୁନ୍ ୩ ତାରିଖରେ ଭୋଟ ଫଳାଫଳ ପ୍ରକାଶ ପାଇବ ।

୬. ଭାରତ ଓ ଚୀନ ମଧ୍ୟରେ ବ୍ୟବସାୟ କାରବାରରେ ରେକର୍ଡ଼୨୦୨୧ରେ ଦୁଇ ଦେଶ ମଧ୍ୟରେ ୧୨୫ବିଲିୟନ ଡଲାରର ବ୍ୟବସାୟ ହୋଇଛି ।

୭. ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ନାମଫଳକ ଓଡ଼ିଆ ଭାଷାରେ ଲେଖିବା ନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି

୮. ଚର୍ମ ରୋଗ ବିଭାଗର ପ୍ରଫେସର ଡା. ପ୍ରସେନ୍‌ଜିତ ମହାନ୍ତି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

୯. ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଙ୍ଗଠନ (ଇସ୍ରୋ) ଏୟାର୍ ପୋର୍ଟ୍ ଅଥରିଟି ଅଫ ଇଣ୍ଡିଆ(ଏଏଆଇ)ଙ୍କ ସହଯୋଗରେ ଇସ୍ରୋ ବିମାନ ଅବତରଣରେ ନୂଆ ଜ୍ଞାନ କୌଶଳର ସଫଳ ପରୀକ୍ଷଣର ଫଳାଫଳ ଏବେ ଦୂର ଦୂରାନ୍ତର ଛୋଟଛୋଟ ବିମାନ ବନ୍ଦରରେ ଖରାପ ପାଗ ସତ୍ତ୍ୱେ ବିମାନର ସୁରକ୍ଷିତ ଅବତରଣ ସୁନିଶ୍ଚିତ କରାଯାଇପାରିବ ।

୧୦. ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗୁଇନ୍ଦା ଏଜେନ୍ସି ସିଆଇଏର ପ୍ରଥମ ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ନିଯୁକ୍ତି ହୋଇଛନ୍ତି। ସେ ହେଉଛନ୍ତି ନନ୍ଦ ମୁଲଚନ୍ଦାନି ।

୧୧.୨୦୨୨ ଏପ୍ରିଲ ମାସରେ ଜିଏସଟି ସଂଗ୍ରହ ସର୍ବକାଳୀନ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଦେଶରେ ଏପ୍ରିଲ ୨୦୨୨ରେ ମୋଟ୍ ୧ଲକ୍ଷ ୬୭ ହଜାର ୫୪୦ କୋଟି ଟଙ୍କାର ଜିଏସଟି ରାଜସ୍ୱ ସଂଗ୍ରହ ହୋଇଛି।

୧୨.ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେ ଭାରତୀୟ ସେନାବାହିନୀର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

୧୩. ପ୍ରବର୍ତ୍ତନ ନେର୍ଦ୍ଦେଶାଳୟ(ଇଡି) ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିର୍ଦ୍ଦେଶାଳୟ ଜ୍ୟାକଲିନ୍‌ଙ୍କ ୭.୨୭ କୋଟିର ସମ୍ପତ୍ତି ଜବତ କରିଛି।

୧୪.ୟୁପିଆଇ ମାଧ୍ୟମରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିବେଶ କରାଯାଇ ପାରୁଥିଲା । ତେବେ ୧ ତାରିଖରୁ ଏହାର ଲିମିଟ ବଢ଼ି ୫ଲକ୍ଷ ଟଙ୍କା ହୋଇଯାଇଛି ।

୧୫ ବାଲେଶ୍ୱରରେ ରିର୍ଜଭ ବ୍ୟାଙ୍କର ଟଙ୍କା ଛାପା କାରଖାନା ପ୍ରତିଷ୍ଠା ହେବ।

୧୬. ଆରବିଆଇ ୨୦୨୧-୨୦୨୨ ପାଇଁ ମୁଦ୍ରା ଏବଂ ଫାଇନାନ୍ସ (ଜଉର) ଉପରେ ରିପୋର୍ଟ ପ୍ରକାଶ କରିଥିଲା । ସେହିଭଳି ରିପୋର୍ଟରେ କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ମହାମାରୀ ଯୋଗୁଁ ଅର୍ଥନୀତିରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର ପାଇଁ ୧୫ ବର୍ଷ ଲାଗିବ । ମିସେସ୍ ଇଣ୍ଡିଆ -୨୦୨୨ ଟାଇଟଲ୍ ଜିତିଛନ୍ତି ଓଡ଼ିଆ ମହିଳା ରୂପସା ନାୟକ । ଏହାକୁ ନେଇ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟୁଛି ।

୧୭.ପିଏମ-ସ୍ୱନିଧି ଯୋଜନାର ଅବଧି ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ ସମିତି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ।

୧୮. ଅଙ୍ଗନବାଡ଼ି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ) ଓ ଅଙ୍ଗନବାଡ଼ି ସହାୟକ (ଏଡବ୍ଲ୍ୟୁଏଚ୍) ଗ୍ରାଚୁଇଟି ପାଇବାକୁ ହକଦାର । ଗ୍ରାଚୁଇଟି ଆଇନ ୧୯୭୨ ଅନୁଯାୟୀ ଦେଶରେ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟକମାନଙ୍କୁ ଗ୍ରାଚୁଇଟି ପ୍ରଦାନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

୧୯. ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବେ ସରକାର । କେନ୍ଦ୍ର କ୍ୟାବିନେଟ୍ ଏଥିପାଇଁ ୮୨୦ କୋଟି ଟଙ୍କା ସହାୟତା ଉପରେ ମଞ୍ଜୁରୀ ପ୍ରଦାନ କରିଛି।

୨୦. ଦକ୍ଷିଣ ବ୍ରାଜିଲର ବ୍ରୁସ୍କେ ସହରର ଅର୍ଥମ୍ୟାନ୍ ୧୦୦ ବର୍ଷ ବୟସ୍କ ବ୍ୟକ୍ତି ଏକ କପଡ଼ା କାରଖାନାରେ ୮୪ ବର୍ଷ ବୟସରେ କାର୍ଯ୍ୟକରି ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛନ୍ତି।

୨୧.ବିଶ୍ୱରେ ସବୁଠାରୁ ବୟସ୍କ ଜାପାନର ମହିଳା କାନେ ଟାନାକାଙ୍କର ୧୧୯ ବର୍ଷ ବୟସରେ ପରଲୋକ ହୋଇଛି ।

୨୨.୨୦୨୨-୨୩ ବର୍ଷ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ୨୪୮ କୋଟି ୫୧ ଲକ୍ଷ ଟଙ୍କାର ବଜେଟ ପାରିତ ହୋଇଛି।

୨୩. ଭାରତର ପ୍ରଧାନ ବିଚାରପତି ଏନ୍.ଭି ରମଣା ଚଳିତ ବର୍ଷ ଅଗଷ୍ଟର ୨୬ରେ ଅବସର ନେବେ ।

୨୪. ଗତ ୧୦ ବର୍ଷ ମଧ୍ୟରେ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବା ହେତୁ ଦେଶରେ ୧୭ ଲକ୍ଷରୁ ଅଧିକ ଲୋକ ଏଚ୍.ଆଇ.ଭିର ଶିକାର ହୋଇଛନ୍ତି।

୨୫.ଦଶମରୁ ଦ୍ୱାଦଶ ପର୍ଯ୍ୟନ୍ତ ସିଲାବସ କାଣ୍ଟଛାଣ୍ଟ କଲା ସିବିଏସଇ। ହଟାଇଲା, ମୁସଲିମ୍ ଶାସକ ଓ ଇସଲାମୀୟ ସାମ୍ରାଜ୍ୟ ସମ୍ବଳିତ ବିଷୟବସ୍ତୁ ତେଜିଲା ବିବାଦ, ନିଷ୍ପତି ପ୍ରତ୍ୟାହାର ପାଇଁ ଦାବି ।

୨୬.ଆନ୍ଧ୍ରପ୍ରଦେଶର ଧର୍ମାବରମର ଜଣେ ବୁଣାକାର ୧୩ଟି ଭାରତୀୟ ଭାଷାରେ ୬୦ ମିଟରର ଏକ ରେଶମ ଶାଢ଼ୀ ବୁଣି ତା ଉପରେ ୩୨ ହଜାର ୨ଶହ ଥର ଜୟ ଶ୍ରୀରାମ ଲେଖିଛନ୍ତି ।

୨୭.ହାଇକୋର୍ଟ ଶୁଣାଣି କରି ହେମନ୍ତ ସୋରେନ, ବଦନ୍ତ ସୋରେନ, ରବି କେଜ୍ରିୱାଲଙ୍କ ସହ ମୋଟ ୧୩ଜଣଙ୍କ ସମ୍ପତ୍ତିର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ଝାଡଖଣ୍ଡ ହାଇକୋର୍ଟ ।

୨୮.ପଙ୍କଜ କୁମାର ନାୟକ ଓଡ଼ିଶା ରାଜ୍ୟ ପାଇଁ ରିଜର୍ଭ ବ୍ୟାଙ୍କ ଲୋକପାଳକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗତ ତିନି ବର୍ଷ ହେଲା ଉତ୍ତର ପ୍ରଦେଶ ପାଇଁ ରିଜର୍ଭ ବ୍ୟାଙ୍କ ଲୋକପାଳ ଭାବେ କାର୍ଯ୍ୟ କରୁଥିଲେ ।

# ସାଧାରଣ ଜ୍ଞାନ

## (1) ABBREVIATION

1AICEE- All India Common Entrance Examination
2AFSPA- Armed Forces Special Powers Act,
3DBTL-Direct Benefit Transfer for LPG consumer
4DGCIS-Directorate General of Commercial Intelligence and Statistics
5MUDRA-Micro Units Development & Refinance Agency Ltd
6PMMY-Pradhan Mantri MUDRA Yojana
7IIP- Index of Industrial Production
8SAUNI-Saurashtra Narmada Avtaran Irrigation
9NDRF - National Disaster Response Force.
9.NHDP- National Highways Development Project

## (୨) ପୁସ୍ତକ ଓ ଲେଖକ

| | |
|---|---|
| 1.A Passage To England | - Nirod C Choudhury |
| 2.Truth, Love and A little Malice | - Khushwant Singh |
| 3.Glimpses of World History | - Jawaharlal nehru |
| 4.Amazing Ayodhya | - Neena Rai |
| 5.Prison Diary | - Jay Prakash Narayan |
| ୬. ପାଟ ଦେଇ | - ବୀଣାପାଣି ମହାନ୍ତି |
| ୭. ବର୍ଣ୍ଣବୋଧ | - ମଧୁସୂଦନ ରାଓ |
| ୮. ଜୀଅନ୍ତା ମଣିଷ | - ନିତ୍ୟାନନ୍ଦ ମହାପାତ୍ର |
| ୯. ମାଟିର ମଣିଷ | - କାଳିନ୍ଦୀ ଚରଣ ପାଣିଗ୍ରାହୀ |
| ୧୦.ପୁଣ୍ୟତୋୟା | - ପ୍ରତିଭା ରାୟ |

## (୩) ଦେହାନ୍ତ

| ନାମ | ବୟସ | ପରିଚୟ |
|---|---|---|
| ୧. ମୀନା ପରାନଡେ | ୯୧ | - ଭାରତୀୟ ଟେବୁଲନେସ୍‌ଖେଳ |
| ୨. ପ୍ରଫୁଲ୍ଲ କର | ୮୩ | - ସଙ୍ଗୀତ ନିର୍ଦ୍ଦେଶକ ଏବଂ କଣ୍ଠଶିଳ୍ପୀ |
| ୩. ବିଣାପାଣୀ ମହାନ୍ତି | ୮୫ | - ଲେଖିକା ଏବଂ ଅଧ୍ୟାପିକା |
| ୪. ରଜତ କର | ୮୮ | - ସାହିତ୍ୟିକ ଓ ଶିକ୍ଷାବିତ୍ |
| ୫. ଜେ.ଏନ୍.ଭଟ୍ଟ | ୭୬ | - ପୂର୍ବତନ ମୁଖ୍ୟ ବିଚାରପତି, ପାଟନା ହାଇକୋଟ |

## (୪) ପୁରସ୍କାର

| | |
|---|---|
| ୧. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି | - ପ୍ରଥମ ଲତା ଦିନାନାଥ ମଙ୍ଗେସକର ପୁରସ୍କାର . ୨୦୨୨ |
| ୨. ଅମର ମିତ୍ର | - ଓ. ହେନେରି ପ୍ଲାଇଜ୍ ,୨୦୨୨ |
| ୩. ନୀଳମଣି ଫୁକାନ | -୫୬ତମ ଜ୍ଞାନପୀଠ ଆୱାର୍ଡ ପୁରସ୍କାର, ୨୦୨୧ |
| ୪. ଡକ୍ଟର ଭୂଷଣ କୁମାର | - ଆନ୍ତର୍ଜାତିକ ଗାନ୍ଧୀ ପୁରସ୍କାର (ଲେପରସି,୨୦୨୧ |

## (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - ଓଡିଶା |
| ୨. ରାଜ୍ୟପାଳ | - ପ୍ରଫେସର ଗଣେଶୀ ଲାଲ |
| ୩. ମୁଖ୍ୟମନ୍ତ୍ରୀ | - ଶ୍ରୀ ନବୀନ ପଟ୍ଟନାୟକ |
| ୪. ଗଠନ | - ୧ ଏପ୍ରିଲ୍ ୧୯୩୬ |
| ୫. କ୍ଷେତ୍ରଫଳ | - ୧୫୫,୭୦୭ |
| ୬. ରାଜଧାନୀ | - ଭୂବନେଶ୍ୱର |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୨୧ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | -୧୦ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | - ୧୪୭ |
| ୧୦.ବିଧାନ ପରିଷଦ | - ୦୦ |
| ୧୧.ମୁଖ୍ୟ ଭାଷା | - ଓଡିଆ |
| ୧୨. ଜନସଂଖ୍ୟା | ସମୁଦାୟ- ୪୧,୯୪୭,୩୫୮(୨୦୧୧)<br>ପୁରୁଷ - ୨୧,୨୦୧,୬୭୮<br>ମହିଳା - ୨୦,୭୪୫,୬୮୦ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୧୩.୯୭% |
| ୧୪.ଜନସଂଖ୍ୟା ଘନତ୍ୱ | - ୨୬୯ /ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୯୩୪ଝିଅ ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | - ୯୭୮ ମହିଳା ୧୦୦୦ ପୁରୁଷରେ |
| ୧୭. ସାକ୍ଷରତା ହାର | - ୨୭,୧୧୨,୩୭୬%<br>ପୁରୁଷ- ୮୨.୪୦ %<br>ମହିଳା- ୬୪.୩୬ % |
| ୧୮. ଜିଲ୍ଲା | - ୩୦ |
| ୧୯. ଗ୍ରାମ | - ୪୭,୫୨୯ |
| ୨୦.ସହର | - ୧୩୮ |
| ୨୧.ଜଙ୍ଗଲ ଜମି | - ୪୮,୯୦୩ବର୍ଗ କି.ମି. |

୨୨.ପର୍ଯ୍ୟଟନ ସ୍ଥଳୀ - ଲିଙ୍ଗରାଜ ମନ୍ଦିର, କେଦାରଗୌରୀ, ରାଜାରାଣୀ, ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର, ଭାଇଟାଲ. କପିଳେଶ୍ୱର, ଜଗନ୍ନାଥ ମନ୍ଦିର, ପୁରୀ ସମୁଦ୍ର, ସିଲିକା ହ୍ରଦ, ଧଉଳି ମନ୍ଦିର, ଲଳିତଗିରି, ରତ୍ନଗିରି, ଖଣ୍ଡଗିରି, ସପ୍ତଶଯ୍ୟା, ଗୋପାଳପୁର ବନ୍ଦର।

## (୬) ନିଯୁକ୍ତି

| | |
|---|---|
| ୧. ଏନ୍ ଚନ୍ଦ୍ର ଶେଖରନ୍ | - ଅଧ୍ୟକ୍ଷ , ଟାଟା ଡିଜିଟାଲ |
| ୨. ଟିସିଏସ୍ କ୍ରିଷ୍ଣନ୍ ରାମାନୁଜସ୍ | - ଅଧ୍ୟକ୍ଷ , ନାସକମ୍ |
| ୩. ନରେଶ କୁମାର | - ମୁଖ୍ୟ ଶାସନ ସଚିବ, ଦିଲ୍ଲୀ |
| ୪. ଲେଫ୍ଟନାଣ୍ଟ ଜେନେରାଲ ମନୋଜ ପାଣ୍ଡେ | - ମୁଖ୍ୟ ଆର୍ମି |
| ୫. ଆଣ୍ଡି ଜାସି | - ସିଇଓ ଆମାଜନ୍ |
| ୬. ନନ୍ଦମୁଲ ଚନ୍ଦାନି | -ସିଆଇଏସ ପ୍ରଥମ ମୁଖ୍ୟ ପ୍ରଯୁକ୍ତି ଅଧିକାରୀ |
| ୭.ପ୍ରଫେସର ଗୀତାଞ୍ଜଳି ଦାଶ | - କୁଳପତି, ବ୍ରହ୍ମପୁର ବିଧବିଦ୍ୟାଳୟ |

## (୭) ଓଡ଼ିଶାର ପ୍ରଥମ

| | |
|---|---|
| ୧୧. ପ୍ରଥମ ଓଡିଆ ଚଳଚ୍ଚିତ୍ର | -ସୀତା ବିବାହ |
| ୨. ପ୍ରଥମ ଛାପାଖାନା | - ଉତ୍କଳ ଛାପାଖାନା |
| ୩. ପ୍ରଥମ ମହିଳା ମହାବିଦ୍ୟାଳୟ | -ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ |
| ୪. ଭାରତୀୟ କ୍ରିକେଟ ଦଳରେ ପ୍ରଥମ ଓଡିଆ କ୍ରିକେଟ ଖେଳାଳି | - ଦେବାଶିଷ ମହାନ୍ତି |
| ୫. ପ୍ରଥମ ଓଡିଆ କୁଳପତି | - ପ୍ରଫେସର.ଡଃ. ପ୍ରାଣକୃଷ୍ଣ ପରିଜା |

## (୮) ଓଡ଼ିଶା

୧. ଓଡ଼ିଶାର ଆୟତନରେ ବଡ ଜିଲ୍ଲା କେଉଁଟି ?
(କ) ଗଞ୍ଜାମ (ଖ) ମୟୂରଭଞ୍ଜ
(ଗ) ମାଲକାନଗିରି (ଘ) କଟକ

୨. ଓଡ଼ିଶାର ବଡ ନଦୀବନ୍ଧ ଯୋଜନାଟିର ନାମ କ'ଣ ?
(କ) ହୀରାକୁଦ (ଖ) ବାଲିମେଳା
(ଗ) ଅପର ଇନ୍ଦ୍ରାବତୀ (ଘ) ଲୋଓର ଇନ୍ଦ୍ରାବତୀ

୩. ଓଡ଼ିଶାର ଗଙ୍ଗା କାହାକୁ କୁହାଯାଏ ?
(କ) ମହାନଦୀ (ଖ) ବିରୂପା
(ଗ) କାଠଯୋଡି (ଘ) ଋଷିକୁଲ୍ୟା

୪. ଓଡ଼ିଶାର ସୁପର ଥରମାଲ ଷ୍ଟେସନ କେଉଁଠାରେ ଅଛି ?
(କ) ମାଛକୁଣ୍ଡ (ଖ) ହୀରାକୁଦ
(ଗ) ଇବ୍ (ଘ) କଣିହା

୫. ଜଗନ୍ନାଥଙ୍କର ରଥର ନାମ କ'ଣ ?
(କ) ନନ୍ଦିଘୋଷ (ଖ) ତାଳଧ୍ୱଜ
(ଗ) ଦେବଦଳନ (ଘ) ରୁକୁଣାରଥ

୬. ଓଡ଼ିଶାର ମନ୍ଦିରମାଳିନୀ ନଗରର ନାମ କ'ଣ ?
(କ) କଟକ (ଖ) ଭୁବନେଶ୍ୱର
(ଗ) ବ୍ରହ୍ମପୁର (ଘ) କୌଣସିଟି ନୁହେଁ

୭. ଓଡ଼ିଶାର କେଉଁଠାରୁ ଅଧିକ ଅଦା ଏବଂ ହଳଦୀ ମିଳିଥାଏ ?
(କ) କନ୍ଧମାଳ (ଖ) ମାଲକାନଗିରି
(ଗ) ସମ୍ୱଲପୁର (ଘ) ଜଗତସିଂହପୁର

୮. ଉଷ୍ଣପ୍ରସବଣ ଅତ୍ରି କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) କଟକ (ଖ) ଗଞ୍ଜାମ
(ଗ) ଖୋର୍ଦ୍ଧା (ଘ) ମୟୂରଭଞ୍ଜ

୯. ନୃସିଂହନାଥ ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) ବରଗଡ (ଖ) ଭଦ୍ରକ
(ଗ) ମୟୂରଭଞ୍ଜ (ଘ) ଯାଜପୁର

୧୦. ବଲାଙ୍ଗିର ଜିଲ୍ଲାର ଗନ୍ଧମାର୍ଦ୍ଦନ କେଉଁଟିପାଇଁ ପରିଚିତ ?
(କ) ଗୋଳାବାରୁଦ କାରଖାନା (ଖ) ଔଷଧ ଉଦ୍ୟାନ
(ଗ) ଚମଡା କାରଖାନା (ଖ) କାଗଜକଳ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
୧୭, ୨୭, ୨୯, ୩୭,
(କ) ୧୭ (ଖ) ୨୭ (ଗ) ୨୯(ଘ) ୩୭

୨. AG : IO :: EK :
(କ) LR (ଖ) MS (ଗ) PV (ଘ) SY



୩. ଘଣ୍ଟା : ସମୟ : : ଥର୍ମୋମିଟର : ................. ?
(କ) ଗରମ (ଖ) ବିକିରଣ (ଗ) ଶକ୍ତି (ଘ) ତାପମାତ୍ରା

୪. ଡାକ୍ତର ରୋଗୀ ସହ ସଂପୃକ୍ତ ଅଟେ। ତେବେ ଓକିଲ କାହା ସହ ସଂପୃକ୍ତ ଅଟେ ?
(କ) ଗ୍ରାହକ (ଖ) ଦେଷୀ (ଗ) ମାଜିଷ୍ଟ୍ରେଟ (ଘ) ମହକିଲ

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?
୨, ୩, ୬, ......... ?
(କ) ୨ (ଖ) ୩ (ଗ) ୪ (ଘ)୯

୬. ଜଣେ ମହିଳା ଜଣେ ପୁରୁଷ ଲୋକକୁ ଦେଖାଇ କହିଲେ,ସେ ମୋ ମାଆଙ୍କର ମାଆଙ୍କର ଏକ ମାତ୍ର ପୁଅ। ତେବେ ସ୍ତ୍ରୀ ଲୋକଟିର ପୁରୁଷ ଲୋକଟି ସହ ସଂପର୍କ କ'ଣ ?
(କ) ମାଆ (ଖ) ଭାଣିଜୀ (ଗ) ମାଈଁ (ଘ) ଭଉଣୀ

୭. କେଉଁଟି ଅଲଗା ଅଟେ ?
(କ) ଅଦା (ଖ) ପିଆଜ (ଗ) ଧନିଆ (ଘ) ଆଳୁ

୮. କେଉଁ ଭେନ ଚିତ୍ରଟି ନିମ୍ନଲିଖିତ ଗ୍ରୁପ ପାଇଁ ଠିକ ହେବ ?
ସ୍କୁଲ, ବାଳକ, ବାଳିକା
(କ)  (ଖ)  (ଗ)  (ଘ) 

୯. ଜଣେ ଲୋକ ଉତ୍ତର ପଶ୍ଚିମ ଦିଗକୁ ମୁହଁ କରି ଠିଆ ହୋଇଅଛି । ସେ ଦକ୍ଷିଣାବର୍ତ୍ତ ଭାବେ ୯୦° ବୁଲିଲା ଏବଂ ତାପରେ ବାମାବର୍ତ୍ତଭାବେ ୧୩୫° ବୁଲିଲା। ବର୍ତ୍ତମାନ ସେ କେଉଁଦିଗକୁ ମୁହଁକରି ଠିଆହୋଇଛି ?
(କ) ପୂର୍ବ (ଖ) ପଶ୍ଚିମ (ଗ) ଉତ୍ତର (ଘ) ଦକ୍ଷିଣ

୧୦. ଶୂନ୍ୟସ୍ଥାନ ପୂରଣ କର ?
a_b_ba_b_ _ ba
(କ) bbaab (ଖ) bbabb (ଗ) aabab (ଘ) aabba

**ଉତ୍ତର**

୧.(ଖ) ମୟୁରଭଞ୍ଜ, ୨.(କ) ହୀରାକୁଦ, ୩.(କ) ମହାନଦୀ, ୪.(ଘ) କଣିହା, ୫.(କ) ନନ୍ଦିଘୋଷ, ୬.(ଖ) ଭୁବନେଶ୍ୱର, ୭.(କ) କନ୍ଧମାଳ, ୮.(ଗ) ଖୋର୍ଦ୍ଧା, ୯.(କ) ବରଗଡ, ୧୦.(ଖ) ଔଷଧ ଉଦ୍ୟାନ

୧.(ଖ) ୨୭, ୨.(ଖ) MS, ୩.(ଘ) ତାପମାତ୍ରା, ୪.(ଘ) ମହକିଲ, ୫.(ଘ)୯, ୬.(ଖ) ଭାଣିଜୀ, ୭.(ଗ) ଧନିଆ, ୮.(କ), ୯.(ଖ)ପଶ୍ଚିମ ୧୦.(ଖ)bbabb



ଗର୍ବ, ଦମ୍ଭ, ଅଭିମାନ ଓ କ୍ରୋଧ ପରିତ୍ୟାଗ କର ଏବଂ ଅସଦାଚରଣ କରନାହିଁ ।

## (୧୦) ଇତିହାସ

୧. ରାଓଲାଟ୍ ଆଇନ କେବେ ଗୃହୀତ ହୋଇଥିଲା ?

(କ) ୧୯୧୯ ମାର୍ଚ୍ଚ ୧୮ (ଖ) ୧୯୧୯ ଏପ୍ରଲ ୦୬

(ଗ) ୧୯୧୯ ଏପ୍ରଲ ୧୦ (ଘ) ୧୯୧୯ ଏପ୍ରଲ ୧୩

୨. କିଏ ଓଡିଶା ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ଉପସଭାପତି ଥିଲେ ?

(କ) ହରେକୃଷ୍ଣ ମହାତାବ (ଖ) ଗୋପବନ୍ଧୁ ଦାସ

(ଗ)ଗୋପବନ୍ଧୁ ଚୌଧୁରୀ (ଘ)ଭାଗିରଥୀ ମହାପାତ୍ର

୩.'ଫରଓ୍ୱାର୍ଡ' ବ୍ଲକ କେଉଁ ପ୍ରକାର ଅନୁଷ୍ଠାନ ?

(କ) ସାଂସ୍କୃତିକ (ଖ) ଅର୍ଥନୈତିକ (ଗ) ରାଜନୈତିକ (ଘ) ସାମାଜିକ

୪.ମାଉଣ୍ଟବ୍ୟାଟେନ କେବେ ଭାରତର ଭାଇସରାୟ ହୋଇ ଆସିଥିଲେ ?

(କ)୧୯୪୬ ଡିସେମ୍ବର୧୪ (ଖ)୧୯୪୭ ମାର୍ଚ୍ଚ ୨୨

(ଗ)୧୯୪୭ ଜୁନ୍ ୨୩ (ଘ)୧୯୪୭ ଜୁଲାଇ ୧୩

୫. 'ସମ୍ବାଦ ବାହିକା' ର ସଂପାଦକ କିଏ ଥିଲେ ?

(କ) ରାଧାନାଥ ରଥ (ଖ) ଗୋପବନ୍ଧୁ ଦାସ

(ଗ) ଫକୀରମୋହନ ସେନାପତି (ଘ) ନୀଳମଣି ବିଦ୍ୟାରତ୍ନ

୬. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିବା କିଶୋର ଚନ୍ଦ୍ର ହରିଚନ୍ଦନ କେଉଁ ଗଡଜାତର ରାଜା ଥିଲେ ?

(କ) ଢେଙ୍କାନାଳ (ଖ) ଆଠଗଡ (ଗ) କେନ୍ଦୁଝର (ଘ) ତାଳଚେର

୭.ସ୍ୱତନ୍ତ୍ର ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ହୋଇଥିଲେ ?

(କ) ହରେକୃଷ୍ଣ ମହାତାବ (ଖ) ବିଶ୍ୱନାଥ କର

(ଗ) ବିଶ୍ୱନାଥ ଦାସ (ଘ) କୃଷ୍ଣଚନ୍ଦ୍ର ଗଜପତି

୮. କେଉଁ ସ୍ଥାନରୁ ଭାରତର ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାର ଯବନିକା ପଡିଥିଲା ?

(କ) ହାଇଦ୍ରାବାଦ ଖ) ନୀଳଗିରି (ଗ) ଜୁନାଗଡ (ଘ) କଳାହାଣ୍ଡି

୯.ଦାରିଦ୍ର୍ୟ ଦୂରୀକରଣ କେଉଁ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ?

(କ) ପଞ୍ଚମ (ଖ) ଷଷ୍ଠ (ଗ) ସପ୍ତମ (ଘ) ଅଷ୍ଟମ

୧୦.କେଉଁ ଅନୁଷ୍ଠାନ 'ସ୍ୱରାଜ୍ୟ ସମାଚାର' ପ୍ରକାଶ କରୁଥିଲେ ?

(କ) ସ୍ୱରାଜ ସେବକ ସଂଘ (ଖ) ଅଲକା ଆଶ୍ରମ

(ଗ) ସ୍ୱରାଜ ଆଶ୍ରମ (ଖ) ସ୍ୱରାଜ ମନ୍ଦିର

## (୧୧) ବାଣିଜ୍ୟ

୧. "ସ୍ୱଦେଶ"ନାମରେ ରିଟେଲ ଷ୍ଟୋର କେଉଁ କଂପାନୀ ଖୋଲି ବିଶ୍ୱସ୍ତରରେ ହାତ ତିଆରି ଉତ୍ପାଦକୁ ବିକ୍ରୟ କରିବ ?

(କ) ବାଜାଜ ଆଲିଆନ୍ସ (ଖ) ପତଞ୍ଜଳୀ

(ଗ) ବିଗ ବଜାର (ଘ) ରିଲାଏନ୍ସ ରିଟେଲ

୨. ହିନ୍ଦୁସ୍ଥାନ ଇଉନିଲିଭର ନିଜ ଏଫ୍ ଏମ୍ ସିଜି ଉତ୍ପାଦ ମୂଲ୍ୟରେ କେତେ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ?

(କ) ୧୫% (ଖ) ୧୮% (ଗ)୨୦% (ଘ)୨୫%

୩. ଦେଶର ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ଓଡିଶାର କେଉଁ ଇଣ୍ଡଷ୍ଟ୍ରି ସ୍ଥାନ ପାଇଁଛି ?

(କ)ବାଲାଜୀ ଧୂପ ଇଣ୍ଡଷ୍ଟ୍ରିଜ୍ (ଖ) ମଧୁକୁଂଜ ଧୂପ ଇଣ୍ଡଷ୍ଟ୍ରିଜ୍

(ଗ)ସମାଜ ଧୂପ ଇଣ୍ଡଷ୍ଟ୍ରିଜ (ଘ) ରୁଚି ଇଣ୍ଡଷ୍ଟ୍ରିଜ୍

୪. ଋଷିଆରେ କେଉଁ ଟେଲିକମ୍ କଂପାନୀ ବ୍ୟବସାୟୀକୁ ବନ୍ଦ କରିଦେଇଛି ?

(କ) ନୋକିଆ (ଖ) ସାମସଂଗ୍ (ଗ) ଭିଭୋ (ଘ) ଏମ.ଆଇ

୫ ବ୍ଲୁମର୍କ ଇଣ୍ଡେକ୍ସ ଅନୁଯାୟୀ ଗୌତମ ଆଦାନୀ କେତେତମ ସବୁଠୁ ଧନୀ ବ୍ୟକ୍ତି ଭାବରେ ପରିଚିତ ହୋଇଛନ୍ତି ?

(କ) ୧ମ (ଖ) ୬ଷ୍ଠ (ଗ) ୮ମ (ଘ) ୧୦ମ

୬. ୟୁବରରେ ଯାତ୍ରାକଲେ ଭଡା ଏଣିକି କେତେ ପ୍ରତିଶତ ଅଧିକ ଦେବାକୁ ପଡିବ ?

(କ) ୧୨% (ଖ) ୧୫% (ଗ) ୨୦% (ଘ) ୧୮%

୭. ଦୁବାଇର ମୋଷ୍ଟନୋବଲ ନମ୍ବରସ ଦାତବ୍ୟ ନିଲାମରେ ଏକଅଙ୍କ ବିଶିଷ୍ଟ ନମ୍ବର ପ୍ଲେଟ୍ "(ଏଏ-୮)" କେତେ କୋଟି ଟଙ୍କାରେ ବିକ୍ରୟ କରାଯାଇଛି ?

(କ) ୪୦କୋଟି (ଖ) ୫୦କୋଟି (ଗ) ୭୦କୋଟି (ଘ) ୩୦କୋଟି

୮. ଟାଟାମୋଟରସ୍ କାରର ବିକ୍ରୟ ମୂଲ୍ୟ କେତେ ପ୍ରତିଶତକୁ ବୃଦ୍ଧି ପାଇଛି ?

(କ) ୧.୨୩% (ଖ) ୧.୧% (ଗ) ୦.୫% (ଘ) ୧.୦%

୯. ଦେଶର ଅଗ୍ରଣୀ ଗହଣା ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ୨୦୨୧-୨୨ ଆର୍ଥିକବର୍ଷରେ କେତେ ହଜାର କୋଟି ଟଙ୍କାର ବ୍ୟବସାୟ କରିଛି ?

(କ) ୩୦ହଜାର କୋଟି (ଖ)୨୫ ହଜାର କୋଟି

(ଗ) ୩୫ ହଜାର କୋଟି (ଘ)୨୦ହଜାର କୋଟି

୧୦. ଆମଓ୍ୱେର କେତେ କୋଟି ଟଙ୍କାର ସଂପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛନ୍ତି ?

(କ)୫୦୦କୋଟି(ଖ)୬୦୦କୋଟି(ଗ)୭୫୦ କୋଟି(ଖ) ୪୦୦କୋଟି

### ଉତ୍ତର

୧.(କ) ୧୯୧୯ ମାର୍ଚ୍ଚ ୧୮, ୨.(ଖ) ଗୋପବନ୍ଧୁ ଦାସ, ୩.(ଗ) ରାଜନୈତିକ, ୪.(ଖ)୧୯୪୭ ମାର୍ଚ୍ଚ ୨୨, ୫.(ଗ) ଫକୀରମୋହନ ସେନାପତି, ୬.(ଘ) ତାଳଚେର, ୭.(ଘ) କୃଷ୍ଣଚନ୍ଦ୍ର ଗଜପତି, ୮.(କ) ହାଇଦ୍ରାବାଦ, ୯.(ଖ) ଷଷ୍ଠ, ୧୦.(ଖ) ସ୍ୱରାଜ ମନ୍ଦିର

୧.(ଘ) ରିଲାଏନ୍ସ ରିଟେଲ, ୨.(ଗ) ୨୦. ୩.(କ) ବାଲାଜୀ ଧୂପ ଇଣ୍ଡଷ୍ଟ୍ରିଜ, ୪(କ) ନୋକିଆ, (ଖ) ୬ଷ୍ଠ, ୫.(ଖ) ୬ଷ୍ଠ, ୬.(କ) ୧୨%, ୭.(ଗ) ୭୦କୋଟି, ୮. (ଖ) ୧.୧%, ୯.(କ) ୩୦ହଜାର କୋଟି, ୧୦.(ଗ) ୭୫୦ କୋଟି

## (୧୨) ଅର୍ଥନୀତି

୧. ରାଜସ୍ୱଆୟ ବୃଦ୍ଧି ଲାଗି ସାମଗ୍ରୀ ଓ ସେବାକର (GST) ପରିଷଦ କେତୋଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ନିମନ୍ତେ ରାଜ୍ୟସରକାରଙ୍କ କି ରାୟ ମାଗିଛନ୍ତି ?
(କ)୧୫୦ଟି (ଖ) ୧୪୩ଟି (ଗ) ୨୦୦ (ଘ) ୨୧୦

୨. ଏଲ୍ ଆଇସିର ନିଜର ଆଇପିଓ ର ଆକାରକୁ ୫% ରୁ କେତେ ପ୍ରତିଶତ ଅଂଶ ଧନର ଆଇପିଓ ଜାରି କରିବାକୁ ନିଷ୍ପତ୍ତି ନିଆଯାଇଛି ?
(କ) ୩.୫ (ଖ) ୪ (ଗ) ୬ (ଘ) ୭

୩. ରିଜର୍ଭବ୍ୟାଙ୍କ ନୂଆବ୍ୟାଙ୍କ ଲକର ନିୟମ ୨୦୨୨ ଜାନୁଆରୀ ୧ ଠାରୁ ଲାଗୁ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଥିରେ ବ୍ୟାଙ୍କ ଲକରରୁ କିଛିବି ଚୋରି ହେଲେ ଗ୍ରାହକଙ୍କୁ ଲକରଭଡାର କେତେଗୁଣ କ୍ଷତିପୂରଣ ଦିଆଯିବ ?
(କ) ୧୦ଗୁଣ (ଖ) ୫୦ଗୁଣ (ଗ) ୧୦୦ଗୁଣ (ଘ)୧୫୦ଗୁଣ

୪. କୃଷିମନ୍ତ୍ରଣାଳୟ ଅନୁଯାୟୀ ଆର୍ଥିକବର୍ଷ ୨୦୨୧-୨୨ ରେ ମୋଟ ଗହମ ରପ୍ତାନୀ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୫୪.୫୦ (ଖ) ୫୦ (ଗ) ୪୫ (ଘ)୪୦

୫. ଭାରତର ଗୋଟିଏ ଦିନରେ କେତେ କୋଟି ଟଙ୍କାରୁ ଅଧିକ ଡିଜିଟାଲ କାରବାର ହେବା ସୂଚନା ମିଳିଛି ?
(କ) ୧୫ହଜାର କୋଟି (ଖ) ୧୮ ହଜାର କୋଟି
(ଗ) ୨୦ହଜାର କୋଟି (ଘ)୧୭ ହଜାର କୋଟି

୬. ଯଦି କୌଣସି ବ୍ୟକ୍ତିଙ୍କର ବାର୍ଷିକଆୟ ଛାଡ ସୀମାଠାରୁ କମ୍ ଥିବ କିନ୍ତୁ ତାଙ୍କର ବାର୍ଷିକ ଟି.ସି.ଏସ୍ କିମ୍ବା କେତେ ହଜାର ଟଙ୍କାରୁ ଅଧିକ ହୋଇଥିବ-ତାଙ୍କୁ ଆୟକର ରିଟର୍ଣ୍ଣ ଦାଖଲ କରିବାକୁ ପଡିବ ?
(କ) ୨୫୦୦୦ (ଖ) ୧୦୦୦୦ (ଗ) ୧୨୦୦୦ (ଘ) ୧୪୦୦୦

୭. ଆର୍ଥିକବର୍ଷ ୨୦୨୧-୨୨ରେ ଡି.ଜି.ଜି.ଆଇ. ଗୁଇନ୍ଦା ସଂସ୍ଥା ପକ୍ଷରୁ କେତେ କୋଟି ଟଙ୍କା ମୂଲ୍ୟର ଜି.ଏସ୍.ଟି ଚୋରିକୁ ଧରାଯାଇଛି ?
(କ) ୫୦୦କୋଟି (ଖ) ୪୦୦କୋଟି(ଗ) ୫୫୦କୋଟି (ଘ) ୭୫୦କୋଟି

୮. ଓଡିଶାରେ ୨୦୨୧-୨୨ ଆର୍ଥିକବର୍ଷରେ ଜି.ଏସ୍.ଟି ସଂଗ୍ରହ କେତେ ହଜାର କୋଟି ଟଙ୍କାକୁ ଟପିଲା ?
(କ) ୪୪ (ଖ) ୫୫ (ଗ) ୫୪ (ଘ) ୪୫

୯. କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ମାସିକ ବେତନ ସୀମା କୁ ୧୫ହଜାର ଟଙ୍କାରୁ ବଢାଇ କେତେ ହଜାର ଟଙ୍କା କରିବାଲାଗି ପ୍ରସ୍ତାବ ଦେଇଛି ?
(କ) ୨୧ (ଖ) ୨୫ (ଗ) ୩୦ (ଘ) ୩୫

୧୦.ଭାରତୀୟ ରେଳବାଇ ରେ ପ୍ରବଳ କାମ ଚାପ ହେତୁ ୯ମାସ ମଧ୍ୟରେ କେତେଜଣ ବରିଷ୍ଠ ଅଧିକାରୀ ସ୍ୱେଚ୍ଛାକୃତ ଅବସର ନେଲେଣି ?
(କ) ୭୦ (ଖ) ୭୫ (ଗ) ୭୨ଜଣ (ଖ) ୮୦

## (୧୩) କ୍ରୀଡ଼ା

୧. ହକି ଖେଳରେ ଗୋଟିଏ ଦଳରେ କେତେଜଣ ଖେଳାଳି ଖେଳ ସମୟରେ ପଡ଼ିଆରେ ଖେଳିଥାନ୍ତି ?
(କ) ୯ଜଣ (ଖ) ୧୦ଜଣ (ଗ) ୧୧ଜଣ (ଘ) ୧୨ଜଣ

୨. ଭଲିବଲ ଖେଳରେ ଉଭୟ ଦଳରେ କେତେଜଣ ଲେଖାଏଁ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥାଏ ?
(କ) ୫ଜଣ (ଖ) ୬ଜଣ (ଗ) ୭ଜଣ (ଘ) ୮ଜଣ

୩. ବାସ୍କେଟବଲ ଖେଳରେ ଉଭୟ ଦଳର କେତେଜଣ ଲେଖାଏଁ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥାଏ ?
(କ) ୫ଜଣ (ଖ) ୬ଜଣ (ଗ) ୭ଜଣ (ଘ) ୮ଜଣ

୪. ରଗ୍‌ବୀ ଖେଳରେ ଏକ ସମୟରେ ଗୋଟିଏ ଦଳରେ କେତେଜଣ ଖେଳାଳି ଖେଳଥାନ୍ତି ?
(କ) ୧୨ଜଣ (ଖ) ୧୩ଜଣ (ଗ) ୧୪ଜଣ (ଘ) ୧୫ଜଣ

୫. ନିକଟରେ ଭାରତର କେଉଁ କୁସ୍ତି ତାରକା ଏସୀୟ କୁସ୍ତି ଚାମ୍ପିଆନଶିପ୍‌ରେ ନିଜର କ୍ରମାଗତ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ?
(କ) ବଜରଙ୍ଗ ପୁନିଆ (ଖ) ରବି କୁମାର ଦହିୟା
(ଗ) ଦୀପକ ପୁନିଆ (ଘ) ଅଂଶୁ ମଲିକ

୬. ଜୁଲାଇ-୨୦୨୨ର ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଆନଶିପ୍ ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ସହରରେ ଆୟୋଜିତ ହେବାକୁ ଯାଉଛି ?
(କ) ଚିକାଗୋ (ଖ) ନ୍ୟୁୟର୍କ (ଗ) ୟୁଜିନ୍ (ଘ) ସାନ୍ ହୋଜେ

୭. ୨୦୨୨ର ଏସୀୟ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍‌ରେ ପୁରୁଷ ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ଲି ଜିଲ୍ ଜିଆ କେଉଁ ଦେଶର ଖେଳାଳି ?
(କ) ମାଲେସିଆ (ଖ) ଚୀନ୍ (ଗ) ତାଇୱାନ୍ (ଘ) କୋରିଆ

୮. ୨୦୨୨ର ଏସୀୟ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍‌ରେ ମହିଳା ସିଂଗଲ୍ସ ଚାମ୍ପିଆନ ହୋଇଥିବା ୱାଙ୍ଗ ଝି ୟି କେଉଁ ଦେଶର ଖେଳାଳି ?
(କ) ମାଲେସିଆ (ଖ) ଥାଇଲାଣ୍ଡ (ଗ) ଚୀନ୍ (ଘ) କୋରିଆ

୯. ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସର୍ବାଧିକ ୪୦୦ରନ ସ୍କୋର କରିଥିବା ଖେଳାଳିଙ୍କ ନାମ କଣ ?
(କ) ମାଥ୍ୟୁ ହେଡେନ୍ (ଖ) ଗ୍ୟାରୀ ସୋବର୍ସ
(ଗ) ଗ୍ରେମ୍ ହିକ୍ (ଘ) ବ୍ରାୟାନ୍ ଲାରା

୧୦. ଟେଷ୍ଟ କ୍ରିକେଟରେ ନିଜ କ୍ୟାରିୟରରେ ସର୍ବାଧିକ ୮୦୦ ୱିକେଟ୍ ନେଇଥିବା ବୋଲରଙ୍କ ନାମ କଣ ?
(କ) ଜେମ୍ସ ଆଣ୍ଡରସନ୍ (ଖ) ମୁଥାୟା ମୁରଲୀଧରନ
(ଗ) ଶେନ୍ ୱାର୍ଣ୍ଣ (ଘ) କେହି ନେଇ ନାହାନ୍ତି

**ଉତ୍ତର**

୧.(ଖ)୧୪୩ଟି, ୨.(କ)୩.୫, ୩.(ଗ)୧୦୦ଗୁଣ, ୪.(କ) ୫୪.୫୦, ୫.(ଗ) ୨୦ହଜାରକୋଟି, ୬.(କ)୨୫୦୦୦, ୭.(ଘ) ୭୫୦କୋଟି, ୮.(କ) ୪୪ହଜାର କୋଟି, ୯.(କ) ୨୧ହଜାର, ୧୦.(ଗ) ୭୨ଜଣ

୧.(ଗ) ୧୧ଜଣ, ୨.(ଖ) ୬ଜଣ, ୩.(କ) ୫ଜଣ, ୪.(ଘ) ୧୫ଜଣ, ୫.(ଖ) ରବି କୁମାର ଦହିୟା, ୬.(ଗ) ୟୁଜିନ୍, ୭.(କ) ମାଲେସିଆ, ୮.(ଗ) ଚୀନ୍, ୯. (ଘ) ବ୍ରାୟାନ୍ ଲାରା, ୧୦.(ଖ) ମୁଥାୟା ମୁରଲୀଧରନ



କାହାରି ନିନ୍ଦା କରନାହିଁ, ଦ୍ୱନ୍ଦରୁ ଦୂରରେ ରୁହ । ଯେତିକି ଆବଶ୍ୟକ ସେତିକି କଥା କୁହ । ସଦ୍‌ଗୁରୁ ବାକ୍ୟ ଓ ସତ୍ ଶାସ୍ତ୍ରାଦିର ମୀମାଂସାକୁ ଗ୍ରହଣକର ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ହିନ୍ଦୀ ଭାଷାରେ ରଚିତ ଉର୍ବଶୀ, କୁରୁକ୍ଷେତ୍ର, ରଶ୍ମିରଥୀ ଆଦି କାବ୍ୟ ଗ୍ରନ୍ଥର ରଚୟିତା କିଏ ?
(କ) ମୈଥିଳୀଶରଣ ଗୁପ୍ତ (ଖ) ଜୟଶଙ୍କର ପ୍ରସାଦ
(ଗ) ସୁମିତ୍ରାନନ୍ଦନ ପନ୍ତ (ଘ) ରାମଧାରୀ ସିଂହ ଦିନକର

୨. ଇଲିୟାଡ୍ ଏବଂ ଓଡ଼େସୀ କେଉଁ ଭାଷାରେ ରଚିତ ଦୁଇଟି ବିଶ୍ୱପ୍ରସିଦ୍ଧ ମହାକାବ୍ୟ ?
(କ) ଲାଟିନ୍ (ଖ) ଇଂଲିଶ୍ (ଗ) ଗ୍ରୀକ୍ (ଘ) ରସିଆନ୍

୩. ବିଶ୍ୱପ୍ରସିଦ୍ଧ ଭାଷାବିଦ୍ ତଥା ବିଦ୍ୱାନ ଜର୍ଜ ଗ୍ରିୟର୍ସନ୍ କେଉଁ ଦେଶରେ ଜନ୍ମଗ୍ରହଣ କରିଥିଲେ ?
(କ) ଆୟର୍ଲାଣ୍ଡ (ଖ) ଇଂଲାଣ୍ଡ (ଗ) ଜର୍ମାନୀ (ଘ) ଫ୍ରାନ୍ସ

୪. ୨୪ ଏପ୍ରିଲ ୨୦୨୨ରେ ଦିବଙ୍ଗତ ହୋଇଥିବା ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ବୀଣାପାଣି ମହାନ୍ତି ତାଙ୍କର କେଉଁ ରଚନା ପାଇଁ ୧୯୯୦ରେ ସାହିତ୍ୟ ଅକାଦେମି ପୁରସ୍କାର ପାଇଥିଲେ ?
(କ) ପାଟଦେଈ (ଖ) ମନସ୍ୱିନୀ (ଗ) ଖେଳଘର (ଘ) ବସ୍ତ୍ରହରଣ

୫. ଭାରତ ରତ୍ନ ସମ୍ମାନ ଲାଭ କରିଥିବା ସଂଗୀତଜ୍ଞ ପଣ୍ଡିତ ରବିଶଙ୍କର ମୁଖ୍ୟତଃ କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧ ଥିଲେ ?
(କ) ବୀଣା (ଖ) ସିତାର୍ (ଗ) ସରୋଦ୍ (ଘ) ବେହେଲା

୬. ଚୀନ୍ ଦେଶରେ ପ୍ରଚଳିତ ତାଓ ଧର୍ମକୁ କିଏ ପ୍ରତିଷ୍ଠା କରିଥିଲେ ?
(କ) ହୁଏନ୍ ସାଂ (ଖ) କନ୍‌ଫୁସିୟସ୍
(ଗ) ଲାଓତ୍ ସେ (ଘ) କୁଓ ତାଓ

୭. ବୃହଦେଶ୍ୱର ମନ୍ଦିର ତାମିଲନାଡୁ ରାଜ୍ୟର କେଉଁଠାରେ ଅବସ୍ଥିତ ?
(କ) ମଦୁରାଇ (ଖ) ତାଞ୍ଜାବୁର (ଗ) ରାମେଶ୍ୱରମ୍ (ଘ) ତିରୁଚିରାପଲ୍ଲୀ

୮. ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର, ସିଦ୍ଧେଶ୍ୱର, ଭାସ୍କରେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ଖାଜୁରାହୋ (ଖ) ତିରୁଅନନ୍ତପୁରମ
(ଗ) ମହୀଶୂର (ଘ) ଭୁବନେଶ୍ୱର

୯. ଆର୍ଯ୍ୟ ସମାଜର ପ୍ରତିଷ୍ଠାତା କିଏ ?
(କ) ରାଜା ରାମମୋହନ ରାୟ (ଖ) କେଶବ ଚନ୍ଦ୍ର ସେନ
(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଘ) ମହାଦେବ ଗୋବିନ୍ଦ ରାନାଡେ

୧୦) ଇସଲାମ୍ ଧର୍ମାବଲମ୍ବୀମାନେ ପବିତ୍ର ରମଜାନ୍ ମାସର ସମାପ୍ତି ପରେ କେଉଁ ପର୍ବ ପାଳନ କରନ୍ତି ?
(କ) ଇଦ-ଉଲ-ଜୁହା (ଖ) ଇଦ-ଉଲ୍-ଫିତ୍ର
(ଗ) ମହରମ୍ (ଘ) ଇଦେ-ମିଲାଦୁଲ୍-ନବି

## (୧୫) ଭୂଗୋଳ

୧. କେଉଁଟି ପ୍ରାକୃତିକ ସମ୍ବଳ ?
(କ) ଶିଳ୍ପ (ଖ) ଶିକ୍ଷା (ଗ) ବାଣିଜ୍ୟ (ଘ) ଶକ୍ତି

୨. ଆମ ଦେଶରେ ଦେଖାଯାଉଥିବା ଚଳନ୍ତି ପତିତ ଭୂମିର ଆୟତନ କେତେ ନିୟୁତ ହେକ୍ଟର ?
(କ) ୧୩.୩୩ (ଖ) ୧୦.୧୧(ଗ) ୧୪.୨୩ (ଘ) ୧୧.୪

୩. କେଉଁଟି ଲୋହିତ ମୃତ୍ତିକାରେ ଅଭାବ ଥାଏ ?
(କ) ମ୍ୟାଗ୍ନେସିୟମ (ଖ) ପଟାସ
(ଗ) ଚୂନ (ଘ) ଫସ୍‌ଫେଟ୍

୪. ଭାରତରେ ଲୁହାପଥର ଉତ୍ପାଦନକୁ ବିଚାରକୁ ନେଲେ ନିମ୍ନୋକ୍ତ କେଉଁ ରାଜ୍ୟଟି ଦ୍ୱିତୀୟ ସ୍ଥାନରେ ଅଛି ?
(କ) ଓଡିଶା (ଖ) କର୍ଣ୍ଣାଟକ (ଗ) ଛତିଶଗଡ (ଘ) ଝାଡଖଣ୍ଡ

୫. କେଉଁଟି ପ୍ରୟୋଜନଭିତ୍ତିକ କୃଷିର ଏକ ଲକ୍ଷଣ ନୁହେଁ ?
(କ) କ୍ଷୁଦ୍ର ତଥା ବିକ୍ଷିପ୍ତ ଚାଷଜମି (ଖ) ପୁରାତନ୍ ପ୍ରବିଧି
(ଗ)ପାରମ୍ପରିକ ଉପାୟ (ଘ) ଜଳସେଚନର ସୁଲଭତା

୬. କେଉଁ ଚାଷଟି ଅନ୍ୟ ତିନୋଟିଠାରୁ ଅଲଗା ?
(କ) ଧାନ (ଖ) ଯଅ (ଗ) ଆଖୁ (ଘ) ବାଜରା

୭. ପଶ୍ଚିମବଙ୍ଗ ନିମ୍ନୋକ୍ତ କେଉଁ ଚାଷରେ ପ୍ରଥମ ସ୍ଥାନ ଅଧିକାର କରିଛି ?
(କ) ଗହମ (ଖ) ଧାନ (ଗ) ମକା (ଘ) ପିଜୁଳି

୮. କେଉଁ ଚାଷଟି ରବି ଋତୁରେ କରାଯାଏ ?
(କ) ଗହମ (ଖ) ମକା (ଗ) କପା (ଘ) ବାଜରା

୯. ଗୃହ ଉନ୍ନୟନ ରେଳପଥ ମଣ୍ଡଳର ମୁଖ୍ୟ କାର୍ଯ୍ୟାଳୟ କେଉଁଠି ଅବସ୍ଥିତ ?
(କ) ବହୁ-ଗୃହ ବିପ୍ଳବ (ଖ) ଧୂସର ବିପ୍ଳବ
(ଗ) କୃଷ୍ଣ ବିପ୍ଳବ (ଘ) ବାଦାମୀ ବିପ୍ଳବ

୧୦. କେଉଁଟି ଏକ ଆଗ୍ନେୟଗିରୀ ନୁହେଁ ?
(କ) ଏଟନା (ସିସିଲି) (ଖ)ବେକର (କାମକେଡି)
(ଗ) ଲପର୍ବତ (ହାୱାଇ) (ଘ)କୁଏବେକ (କାନାଡା)

**ଉତ୍ତର**

**୧.(ଘ) ରାମଧାରୀ ସିଂହ ଦିନକର, ୨. (ଗ) ଗ୍ରୀକ୍, ୩. (କ) ଆୟର୍ଲାଣ୍ଡ, ୪.(କ) ପାଟଦେଈ, ୫.(ଖ) ସିତାର, ୬.(ଗ) ଲାଓତ୍‌ସେ, ୭.(ଖ) ତାଞ୍ଜାବୁର, ୮.(ଘ) ଭୁବନେଶ୍ୱର, ୯.(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ୧୦.(ଖ) ଇଦ-ଉଲ୍-ଫିତ୍ର**

୧. (ଘ) ଶକ୍ତି, ୨.(କ) ୧୩.୩୩ , ୩.(ଗ) ଚୂନ, ୪.(ଖ) କର୍ଣ୍ଣାଟକ, ୫.(ଘ) ଜଳସେଚନର ସୁଲଭତା, ୬.(ଘ) ବାଜରା, ୭.(ଖ) ଧାନ, ୮.(କ) ଗହମ, ୯. (ଗ) କୃଷ୍ଣ ବିପ୍ଳବ, **୧୦.(ଘ) କୁଏବେକ (କାନାଡା)**



ଯେଉଁଟି ଯେଉଁଥିପାଇଁ ଯେତିକି ଆବଶ୍ୟକ, ସେଇଟି ସେଥିପାଇଁ ସେତିକି ବ୍ୟବହାର କର ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ରାଜନୀତିରେ ହରତାଳର ପ୍ରବର୍ତ୍ତକ କିଏ ?
(କ) ବାଳ ଗଙ୍ଗାଧର ତିଳକ (ଖ) ଆରିଷ୍ଟଟଲ
(ଗ) ମହାତ୍ମା ଗାନ୍ଧୀ (ଘ) ଗୋପାଳ କୃଷ୍ଣ ଗୋଖେଲ

୨. ସର୍ବଭୌମ କ୍ଷମତା କାହାର ଥାଏ ?
(କ) ଜିଲ୍ଲାର (ଖ) ରାଜ୍ୟର
(ଗ) ରାଷ୍ଟ୍ରର (ଘ) କୌଣସିଟି ନୁହେଁ

୩. ରାଷ୍ଟ୍ରପତି ରାଜ୍ୟସଭାକୁ କେତେଜଣଙ୍କୁ ମନୋନୀତ କରିଥାନ୍ତି ?
(କ) ୫ (ଖ) ୧୦ (ଗ)୧୨ (ଘ) ୧୫

୪. ପୃଥିବୀରେ ବୃହତ ଲିଖିତ ସମ୍ବିଧାନ କେଉଁ ଦେଶର ଅଛି ?
(କ) ଆମେରିକା (ଖ) ଭାରତ (ଗ) ଶ୍ରୀଲଙ୍କା (ଘ) ପାକିସ୍ତାନ

୫. ରାଷ୍ଟ୍ର କି ପ୍ରକାର ସଂଘ ?
(କ) ରାଜନୈତିକ (ଖ) ଇଭିଗତ (ଗ)ବିନୋଦନ (ଘ)ଧାର୍ମିକ

୬. 'ସିଭିଟାସ' ଶବ୍ଦର ଅର୍ଥ କ'ଣ ?
(କ) ସାମାଜିକ ବିଜ୍ଞାନ (ଖ) ଅର୍ଥନୀତି
(ଗ) ନଗର ବିଜ୍ଞାନ (ଘ) ସାଧାରଜ୍ଞାନ

୭. ସଂସଦର ସ୍ଥାୟୀ ଗୃହର ନାମ କ'ଣ ?
(କ)ଲୋକସଭା (ଖ)ରାଜ୍ୟସଭା(ଗ)ବିଧାନ ସଭା(ଘ)କୌଣସିଟି ନୁହେଁ

୮. ମୁଖ୍ୟ ନିର୍ବାଚନ କମିଶନର କାହାଦ୍ୱାରା ନିଯୁକ୍ତି ପାଇଥାନ୍ତି ?
(କ)ପ୍ରଧାନମନ୍ତ୍ରୀ(ଖ)ରାଷ୍ଟ୍ରପତି(ଗ)ବାଚସ୍ପତି (ଘ) ଅଧ୍ୟକ୍ଷ, ରାଜ୍ୟସଭା

୯ ଭାରତର ଜାତୀୟ ପତାକାଟି କେଉଁ କପଡାରେ ତିଆରି ହେବା ଉଚିତ ?
(କ) ଖଦୀ (ଖ) ଲାଇଲନ୍ (ଗ) ପ୍ଲାଷ୍ଟିକ (ଘ) କୌଣସିଟି ନୁହେଁ

୧୦. ଭରତୀୟ ସମ୍ବିଧାନର କେଉଁ ଧାରା କେନ୍ଦ୍ର ସରକାରଙ୍କୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିପାରିବାର କ୍ଷମତା ଦେଇଛି ?
(କ) ୩୫୬ ଧାରା (ଖ) ୩୬୦ ଧାରା
(ଗ) ୩୫୨ ଧାରା (ଖ) କୌଣସିଟି ନୁହେଁ

## (୧୭) କମ୍ପ୍ୟୁଟର ଶିକ୍ଷା

୧. କୌଣସି ଡକୁମେଣ୍ଟକୁ ପ୍ରିଣ୍ଟ୍ କରିବା ପାଇଁ କେଉଁ ସଟ୍‌କଟ୍ କି ବ୍ୟବହାର କରାଯାଏ ?
(କ) Shift+P (ଖ) Cntrl+P (ଗ) Shift+V (ଘ) Cntrl+V

୨. ୱାର୍ଡ ଡକୁମେଣ୍ଟର ଡିଫଲ୍ଟ ବଟମ୍ ମାରିଜିନ୍ କେତେ ?
(କ) ୧ ଇଞ୍ଚ(ଖ) ୨ ଇଞ୍ଚ(ଗ) ୩ ଇଞ୍ଚ (ଘ) ୧.୫ ଇଞ୍ଚ

୩. ୱାର୍ଡ ଡକୁମେଣ୍ଟର 'ଓ' କୁ କ୍ଲିକ୍ କଲେ ଟେକ୍ସର ଅକ୍ଷର ଗୁଡ଼ିକ କ'ଣ ହେବ ?
(କ) ବୋଲ୍ଡ(ଖ) ଇଟାଲିକ୍(ଗ) ଅଣ୍ଡରଲାଇନ୍(ଘ) କୌଣସିଟି ନୁହେଁ

୪ ପାୱାର ପଏଣ୍ଟରେ କେଉଁଟିରେ କେବଳ ଟେକ୍ସ୍ର ଟାଇଟିଲ୍ ଏବଂ ବୁଲେଟ୍‌କୁ ଦେଖିହେବ ?
(କ) ସ୍ଲାଇଡ ସୋ (ଖ) ସ୍ଲାଇଡ ସଟର ଭିୟୁ
(ଗ) ନୋଟ ପେଜ୍ ଭିୟୁ (ଘ) ଆଉଟ୍ ଲାଇନ ଭିୟୁ

୫. ଟାଲିର ପ୍ରଥମ ଷ୍ଟେପରେ କେଉଁଟି ପ୍ରଥମେ କରାଯିବ ?
(କ) ଓପେନ୍ କମ୍ପାନୀ (ଖ) କ୍ରିୟେଟ କମ୍ପାନୀ
(ଗ) ଏଡିଟ୍ କମ୍ପାନୀ (ଘ) କୌଣସିଟି ନୁହେଁ

୬. ଗୋଟିଏ କେବି କେତେ ବାଇଟସ୍ ?
(କ) ୧୦୨୪ (ଖ) ୧୦୨୦ (ଗ) ୧୦୦୦ (ଘ) ୧୦୨୨

୭. ଡଟ୍ ମାଟ୍ରିକସ କ'ଣ ?
(କ) ଏକ ଟେପ୍ ଖ) ଏକ ପ୍ରିଣ୍ଟର(ଗ) ଏକ ଡିକ୍‌ସ (ଘ) ଏକ ବସ୍

୮. ହାର୍ଡ ଡିସ୍କ କେଉଁଥିରେ ତିଆରି ?
(କ) ଆଇରନ୍(ଖ) କପର(ଗ) ଆଲୁମିନିୟମ୍(ଘ) କୌଣସିଟି ନୁହେଁ

୯. ପରସନାଲ୍ କମ୍ପ୍ୟୁଟରର ଦ୍ୱିତୀୟ ଡ୍ରାଇଭ୍ କ'ଣ ?
(କ) ଏ- ଡ୍ରାଇଭ୍(ଖ) ବି- ଡ୍ରାଇଭ୍(ଗ) ସି- ଡ୍ରାଇଭ୍(ଘ) ଡି- ଡ୍ରାଇଭ୍

୧୦. ଏମ୍ ଏସ୍ ଡସ୍ କେବେ ଆରମ୍ଭ ହୋଇଥିଲା ?
(କ) ୧୯୬୧ (ଖ) ୧୯୭୧(ଗ) ୧୯୮୪(ଘ) ୧୯୯୧

### ଉତ୍ତର

୧.(କ) ବାଳ ଗଙ୍ଗାଧର ତିଳକ, ୨.(ଗ) ରାଷ୍ଟ୍ରର, ୩.(ଗ)୧୨ , ୪.(ଖ) ଭାରତ , ୫. (କ) ରାଜନୈତିକ,୬. (ଗ) ନଗର ବିଜ୍ଞାନ , ୭.(ଖ) ରାଜ୍ୟସଭା , ୮.(ଖ) ରାଷ୍ଟ୍ରପତି , ୯.(କ) ଖଦୀ , ୧୦.(କ) ୩୫୬ ଧାରା

୧(ଖ) Cntrl+P ୨.(କ) ୧ ଇଞ୍ଚ ୩. (ଖ) ଇଟାଲିକ୍, ୪.(ଘ) ଆଉଟ୍ ଲାଇନ ଭିୟୁ, ୫.(ଖ) କ୍ରିୟେଟ କମ୍ପାନୀ, ୬.(କ) ୧୦୨୪. ୭ (ଖ) ଏକ ପ୍ରିଣ୍ଟର , ୮.(ଗ) ଆଲୁମିନିୟମ୍ ୯.(ଘ) ଡି- ଡ୍ରାଇଭ୍ , ୧୦.(ଗ) ୧୯୮୪



ବିଶ୍ୱର ବୃହତ୍ତର ସ୍ୱାର୍ଥପାଇଁ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ଶିଖ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ୭ଦ୍ୱାରା ବିଭାଜ୍ୟ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା କେତୋଟି ଅଟେ ?
(କ) ୧୦ (ଖ) ୧୧(ଗ) ୧୨ (ଘ) ୧୩

୨. ୩ ଓ ୪୮ ମଧ୍ୟରେ ୪ଟି A.M. ଥିଲେ, ସେମାନଙ୍କର ସମଷ୍ଟି କେତେ ?
(କ) ୧୫୩ (ଖ) ୫୧ (ଗ) ୧୦୨ (ଘ) ୨୫.୫

୩. ୨୫ ଠାରୁ ୯୩ ପର୍ଯ୍ୟନ୍ତ ସମସ୍ତ ଗଣନ ସଂଖ୍ୟାର ସମଷ୍ଟି କେତେ ?
(କ) ୪୩୭୧ (ଖ) ୪୦୭୧ (ଗ)୪୦୦୦ (ଘ) ୩୪୭୧

୪. ଗୋଟିଏ ବୃତ୍ତର ଏକ ଜ୍ୟାର ଦୈର୍ଘ୍ୟ ୧୬ ସେ.ମି ଏହା କେନ୍ଦ୍ରଠାରୁ ୧୫ ସେ.ମି ଦୂରରେ ଅବସ୍ଥିତ ହେଲେ ବୃତ୍ତର ବ୍ୟାସର୍ଦ୍ଧର ଦୈର୍ଘ୍ୟ କେତେ ସେ.ମି ?
(କ) ୧୭ (ଖ) ୧୮ (ଗ) ୧୯ (ଘ) ୨୦

୫. ଏକ ରେଖାରେ ଅବସ୍ଥିତ ନଥିବା ଯେକୌଣସି ତିନି ବିନ୍ଦୁ ମଧ୍ୟଦେଇ କେତୋଟି ବୃତ୍ତ ଅଙ୍କନ ସମ୍ଭବ ?
(କ) ୧ (ଖ) ୨ (ଗ) ୩ (ଘ) ଅସଂଖ୍ୟ

୬. ଗୋଟିଏ ବୃତ୍ତର ଦୁଇଟି ପରସ୍ପର ବିପରୀତ ଚାପର ଡିଗ୍ରୀ ପରିମାପର ସମଷ୍ଟି କେତେ ?
(କ) ୪୫° (ଖ) ୬୦° (ଗ)୯୦° (ଘ) ୩୬୦°

୭. ଗୋଟିଏ ବୃତ୍ତର ଏକ ଚାପର ଦୈର୍ଘ୍ୟ ଅନ୍ୟ ଏକ ଚାପର ଦୈର୍ଘ୍ୟର ୩ ଗୁଣ, ତେବେ ଉକ୍ତ ଚାପଦ୍ୱୟର ଡିଗ୍ରୀ ପରିମାପର ଅନୁପାତ କେତେ ?
(କ) ୩:୧ (ଖ) ୨:୧ (ଗ) ୩:୨ (ଘ) ୨:୧

୮. ବୃତ୍ତାନ୍ତଲିଖିତ ସାମନ୍ତରିକ ଚିତ୍ର ଏକ କ'ଣ ?
(କ) ରମ୍ବସ (ଖ) ଆୟତଚିତ୍ର (ଗ) ବର୍ଗଚିତ୍ର (ଘ) ଟ୍ରାପିଜିୟମ

୯. ବୃତ୍ତର କୌଣସି ଏକ ବିନ୍ଦୁରେ ଉକ୍ତ ବିନ୍ଦୁଗାମୀ ବ୍ୟାସାର୍ଦ୍ଧ ପ୍ରତି ଅଙ୍କିତ ଲମ୍ବ ବୃତ୍ତର କ'ଣ ଅଟେ ?
(କ) ବ୍ୟାସାର୍ଦ୍ଧ (ଖ) ବ୍ୟାସ (ଗ) ସ୍ପର୍ଶକ (ଘ) ଜ୍ୟା

୧୦. ଗୋଟିଏ ସରଳରେଖା ଉପରିସ୍ଥ ଏକ ବିନ୍ଦୁ ଠାରେ ସରଳରେଖା ଟି ସର୍ବାଧିକ କେତୋଟି ବୃତ୍ତର ସାଧାରଣ ସ୍ପର୍ଶକ ହୋଇପାରିବ ?
(କ)୧ (ଖ) ୨ (ଗ) ୩ (ଘ) ଅସଂଖ୍ୟ

## (୧୯) ସାଧାରଣ ବିଜ୍ଞାନ

୧. ଯେଉଁ ଉପକରଣ ସାହାଯ୍ୟରେ ବିଦ୍ୟୁତ ସ୍ରୋତକୁ କମ୍ କିମ୍ବା ବେଶି କରାଯାଇପାରେ ତାର ନାମ କ'ଣ ?
(କ)ଏମିଟର (ଖ) ଗାଲଭାନୋମିଟର (ଗ) ଭୋଲଟମିଟର (ଘ) ରିଓଷ୍ଟାର

୨. ଏଲିମିନିୟମ୍‌ରେ ତିଆରି ଏକ ତାରର ଦୈର୍ଘ୍ୟକୁ ଗୁଣ କରିଦେଲେ ଏହାର ପ୍ରତିରୋଧିତା କେତେ ଗୁଣ ହେବ ?
(କ) ୩ଗୁଣ (ଖ) ୪ଗୁଣ (ଗ) ୯ଗୁଣ (ଘ) ଅପରିବର୍ତ୍ତିତ

୩. ନିମ୍ନଲିଖିତ ଏକକ ଗୁଡିକ ମଧ୍ୟରୁ ବୈଦ୍ୟୁତିକ ପାୱାରର ଏକକ କିଏ ?
(କ) ୱାଟ ଘଣ୍ଟା (ଖ) ଭୋଲଟ୍ x ଏମ୍ପିୟର୍
(ଗ) ଏମ୍ପିୟର x ସେକେଣ୍ଡ (ଘ) କୌଣସିଟି ନୁହେଁ

୪. କେଉଁ ନିୟମକୁ ମାକ୍ସୱେଲ୍‌ଙ୍କ କର୍କ ନିୟମ ବୋଲି କୁହାଯାଏ ?
(କ) ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ (ଖ) ଫ୍ଲେମିଙ୍ଗଙ୍କ ଦକ୍ଷିଣ ହସ୍ତ ନିୟମ
(ଗ) ଫ୍ଲେମିଙ୍ଗଙ୍କ ବାମ ହସ୍ତ ନିୟମ (ଘ) ଓମ୍‌ଙ୍କ ନିୟମ

୫. ଚୁମ୍ବକୀୟ କ୍ଷେତ୍ରର ତୀବ୍ରତାର ସି.ଜି.ଏସ୍. (CGS) ଏକକକୁ କ'ଣ କୁହାଯାଏ ?
(କ) ଟେସ୍‌ଲା (ଖ) ଭୋଲଟ୍ (ଗ) ଓରଷ୍ଟେଡ୍ (ଘ) ୱାଟ୍

୬. ଫ୍ଲେମିଙ୍ଗଙ୍କ ବାମ ହସ୍ତ ନିୟମରେ ତର୍ଜନୀ କାହାର ଦିଗକୁ ସୂଚାଏ ?
(କ) ଚୁମ୍ବକୀୟ କ୍ଷେତ୍ରର ଦିଗ (ଖ) ବିଦ୍ୟୁତ୍ ପ୍ରବାହର ଦିଗୟ
(ଗ) ପରିବାହୀର ଗତିର ଦିଗ (ଘ) ବିଦ୍ୟୁତ୍ ବିଭବା ପାର୍ଥକ୍ୟ

୭. ବିଦ୍ୟୁତ୍ ପରିପଥରେ ଭୋଲଟ୍‌ମିଟର ଓ ଏମିଟରକୁ ଯଥାକ୍ରମେ କିପରି ସଂଯୋଗ କରାଯାଇଥାଏ ?
(କ) ସମାନ୍ତର ଓ ସମାନ୍ତର (ଖ) ସମାନ୍ତର ଓ ପଂକ୍ତି
(ଗ) ପଂକ୍ତି, ପଂକ୍ତି (ଘ) ପଂକ୍ତି ଓ ସମାନ୍ତର

୮. ୫ ଓମ୍ ବିଶିଷ୍ଟ ୫ଟି ପ୍ରତିରୋଧକକୁ ସମାନ୍ତରାଳ ଭାବେ ସଂଯୋଗ କଲେ ମୋଟ ପ୍ରତିରୋଧ କେତେ ହେବ ?
(କ) ୫ ଓମ୍ (ଖ) ୧ ଓମ୍ (ଗ) ୨୫ ଓମ୍ (ଘ) ୧/୫ଓମ୍

୯. ଏକ ୧.୫ KW ଇସ୍ତ୍ରୀ ୨୨୦ ୦ ବିଦ୍ୟୁତ ବିଭବାନ୍ତରରେ କାର୍ଯ୍ୟ କରିବା ପାଇଁ ପରିପଥରେ କେତେ ଏମ୍ପିୟର ଫ୍ୟୁଜ୍ ସଂଯୁକ୍ତ ହେବା ଦରକାର ?
(କ)୨A (ଖ) ୫A (ଗ) ୧୦A (ଘ) ୧୫A

୧୦. ଅମ୍ଳୀୟ ଦ୍ରବଣରେ କେଉଁ ସ୍ୱଚକଟି ଲାଲବର୍ଣ୍ଣ ଧାରଣ କରେ ?
(କ) ଲିଟ୍‌ମସ୍ କାଗଜ (ଖ) ମିଥାଇଲ୍ ଅରେଞ୍ଜ
(ଗ) ଫେନଲ୍‌ଫ୍‌ଥାଲିନ୍ ଦ୍ରବଣ (ଘ) ହାଇଡ୍ରୋଜିଆ

### ଉତ୍ତର

୧.(ଘ) ୧୩ , ୨.(ଗ)୧୦୨ , ୩ (କ) ୪୩୭୧, ୪.(କ) ୧୭ ,୫.(କ) ୧ , ୬. (ଘ) ୩୬୦° ୭,(କ) ୩:୧, ୮.(ଖ) ଆୟତଚିତ୍ର ୯.(ଗ) ସ୍ପର୍ଶକ, ୧୦. (ଘ) ଅସଂଖ୍ୟ

୧.(ଘ) ରିଓଷ୍ଟାର, ୨.(ଘ) ଅପରିବର୍ତ୍ତିତ, ୩.(ଖ) ଭୋଲଟ୍ x ଏମ୍ପିୟର, ୪.(କ) ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ, ୫.(ଗ) ଓରଷ୍ଟେଡ୍, ୬.(କ) ଚୁମ୍ବକୀୟ କ୍ଷେତ୍ରର ଦିଗ, ୭.(ଖ) ସମାନ୍ତର ଓ ପଂକ୍ତି, ୮.(ଖ) ୧ ଓମ୍ , ୯.(ଗ)୧୦A, ୧୦.(ଖ) ମିଥାଇଲ୍ ଅରେଞ୍ଜ



ମନୁଷ୍ୟ ଯାହା କରୁଛି ସବୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିବା ଦରକାର। ତାହାହେଲେ ଇନ୍ଦ୍ରିୟଗଣ ଆକର୍ଷଣ ମୋହରେ ପଡ଼ି କରୁଥିବା ନାନା ଅପକର୍ମ ନିୟନ୍ତ୍ରିତ ହୋଇଯିବ ।

# ବିଭିନ୍ନ ଦିବସ ପାଳନ

## ମଇ

ତା ୧- ଶ୍ରମିକ ଦିବସ/ମହାରାଷ୍ଟ୍ର ଦିବସ,
ବିଶ୍ୱ ହସ ଦିବସ (୧ମ ରବିବାର),
ବିଶ୍ୱ ଆଜମା ଦିବସ (୧ମ ମଙ୍ଗଳବାର)
ତା ୩- ପ୍ରେସ୍ ସ୍ୱାଧୀନତା ଦିବସ
ତା ୪- କୋଇଲା ଖଣି ଶ୍ରମିକ ଦିବସ
ତା ୭- ବିଶ୍ୱ ଆଥ୍ଲେଟିକ୍ ଦିବସ
ତା ୮- ବିଶ୍ୱ ରେଡ଼କ୍ରସ ଦିବସ,
ବିଶ୍ୱ ଥାଲେସିମିଆ ଦିବସ
ତା ୯- ବିଜୟ ଦିବସ
ତା ୧୧- ବିଶ୍ୱ ମାତୃ ଦିବସ
(ମେ ମାସ ଦ୍ୱିତୀୟ ରବିବାର)
ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ
ତା ୧୨- ବିଶ୍ୱ ନର୍ସ ଦିବସ
ତା ୧୩- ଜାତୀୟ ସଂହତି ଦିବସ
ତା ୧୪- ବିଶ୍ୱ ସ୍ଥାନାନ୍ତରଣ ଦିବସ
ତା ୧୫- ବିଶ୍ୱ ପରିବାର ଦିବସ
ତା ୧୬- ସିକିମ୍ ଜାତୀୟ ଦିବସ
ତା ୧୭- ବିଶ୍ୱ ଟେଲି ଯୋଗାଯୋଗ ଦିବସ
(ସୂଚନା ସମାଜ ଦିବସ),
ବିଶ୍ୱ ହାଇପର ଟେନସନ୍ ଦିବସ
ତା ୧୮- ପୋଖରାନ ପରମାଣୁ ପରୀକ୍ଷଣ ଦିବସ,
ବିଶ୍ୱ ଭାକ୍ସିନ ଦିବସ, ବିଶ୍ୱ ମ୍ୟୁଜିୟମ୍ ଦିବସ
ତା ୨୧- ଆତଙ୍କବାଦୀ ବିରୋଧୀ ଦିବସ
ତା ୨୪- ରାଜ୍ୟଗୋଷ୍ଠୀ ଦିବସ,କମନ୍‌ୱେଲ୍ଥ ଦିବସ
ତା ୨୯- ମାଉଣ୍ଟ ଏଭରେଷ୍ଟ ଦିବସ
ତା ୩୧- ବିଶ୍ୱ ତମାଖୁ ବର୍ଜନ ଦିବସ

## ଜୁନ୍

ତା ୦୧ - ଅନ୍ତର୍ଜାତୀୟ ଶିଶୁ ଦିବସ
ବିଶ୍ୱ ପିତାମାତା ଦିବସ
ବିଶ୍ୱ ଦୁଗ୍ଧ ଦିବସ
ତା ୦୨ - ତେଲେଙ୍ଗାନା ଜାତୀୟ ଦିବସ
ତା ୦୩ - ବିଶ୍ୱ ସାଇକେଲ ଦିବସ
ତା ୦୪ - ଅନ୍ତର୍ଜାତୀୟ ନିର୍ଦ୍ଦୋଷ ଶିଶୁ ଆକ୍ରୋଶର ଶିକାର ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୦୭ - ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ
ତା ୦୮ - ବିଶ୍ୱ ସମୁଦ୍ର ଦିବସ
ତା ୧୨ - ଶିଶୁ ଶ୍ରମ ବିରୋଧରେ ବିଶ୍ୱ ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୧୫ - ବିଶ୍ୱ ପବନ ଶକ୍ତି ଦିବସ
ତା ୧୭ - ମରୁଭୂମି ଏବଂ ମରୁଡ଼ି ମୁକାବିଲା ପାଇଁ ବିଶ୍ୱ ଦିବସ
ତା ୧୯ - ପିତୃ ଦିବସ
(ତୃତୀୟ ରବିବାର ଜୁନ ମାସ)
ତା ୨୦ - ବିଶ୍ୱ ରିଫ୍ୟୁଜ୍ ଦିବସ
ବିଶ୍ୱ ଶରଣାର୍ଥୀ ଦିବସ
ତା ୨୧ - ଅନ୍ତର୍ଜାତିକ ଯୋଗ ଦିବସ
ବିଶ୍ୱ ସଙ୍ଗୀତ ଦିବସ
ତା ୨୩ - ଅନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
- ଅନ୍ତର୍ଜାତୀୟ ବିଧବା ଦିବସ
ତା ୨୪ - ଗୋପବନ୍ଧୁଙ୍କ ଶ୍ରାଦ୍ଧ
ତା ୨୬ - ନିଶା ନିବାରଣ ଦିବସ
ତା ୨୭ - ବିଶ୍ୱ ମଧୁମେହ ଦିବସ



ସୁଖ ଓ ଦୁଃଖ ଦୁଇଟିଯାକ ମାନବକୁ ବିଶ୍ୱପିତାଙ୍କର ଦାନବୋଲି ଭାବିବା ଉଚିତ୍ । ସୁଖରେ ଅତ୍ୟନ୍ତ ଅଧିର ଓ ଦୁଃଖରେ କାତର ହୁଅନାହିଁ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ସମ୍ବଲପୁର
୨. ଗଠନ - ଏପ୍ରିଲ ୧, ୧୯୩୬
୩. କ୍ଷେତ୍ରଫଳ - ୬୬୫୭ବର୍ଗ.କି.ମି
୪. ଜନସଂଖ୍ୟା - ୧୦୪୪୪୧୦
(କ) ପୁରୁଷ - ୫୨୯୪୨୪
(ଖ) ମହିଳା - ୫୧୪୯୮୬
୫. ଉପଖଣ୍ଡ - ୩
୬. ତହସିଲ - ୯ (ଧାନଖଣ୍ଡା, ମାନେସର, ରେଙ୍ଗାଲି, ଯୁଜୁମରା, ନାକଟିଦେଉଳ, ରେଢ଼ାଖୋଲ, ବାମଣ୍ଡା, ଯମନକିରା, କୁଚିଣ୍ଡା)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୯ (ଧାନଖଣ୍ଡା, ମାନେସର, ରେଙ୍ଗାଲି, ଯୁଜୁମରା, ନାକଟିଦେଉଳ, ରେଢ଼ାଖୋଲ, ବାମଣ୍ଡା, ଯମନକିରା, କୁଚିଣ୍ଡା)
୮. ଗ୍ରାମ ପଞ୍ଚାୟତ - ୧୪୮
୯. ଗ୍ରାମ - ୧୩୧୩
୧୦. ଥାନା - ୨୩
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୦୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୪
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୧୫. କୁଚିନ୍ଦା(ଝଞ), ୧୬. ରେଙ୍ଗଲି(ଝଉ), ୧୭. ସମ୍ବଲପୁର, ୧୮. ରେଢ଼ାଖୋଲ
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୧୨୯୪୬(୯୩୧)
୧୫. ସାକ୍ଷରତା ହାର - ୭୬.୯୧%
୧୬. ପୁରୁଷ ସାକ୍ଷରତା ହାର - ୮୫.୧୭%
୧୭. ମହିଳା ସାକ୍ଷରତା ହାର - ୬୮.୪୭%
୧୮. ଜନସଂଖ୍ୟା ବୃଦ୍ଧି ହାର - ୧୧.୬୩%
୧୯. ଜନସଂଖ୍ୟା ଘନତ୍ୱ - ୧୫୮ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୭୩
୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୪୦
୨୨. ନିଆଁଲିଭା କେନ୍ଦ୍ର - ୦୬
୨୩. ଲୋକସଭା ଆସନ ସଂଖ୍ୟା - ୧
୨୪. ଜଙ୍ଗଲ ଜମି - ୩୩୬୩.୩୦ ବର୍ଗ କି.ମି
୨୫. ହାରାହାରି ତାପମାତ୍ରା - ସର୍ବନିମ୍ନ ୧୧.୮୦
ସର୍ବୋଚ୍ଚ ୪୭.୦୦
୨୬. ସାଧାରଣ ବୃଷ୍ଟିପାତ - ୧୪୯୫.୭ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.୧୫
୨୮.ପର୍ଯ୍ୟଟନସ୍ଥଳୀ - ସମଲେଶ୍ୱରୀ, ଚିପିଲିମା, ହୀରାକୁଦ, ହୁମା, ଉଷାକୋଠୀ

## ପର୍ବପର୍ବାଣୀ

### ମଇ ୨୦୨୨

ତା. ୨ - ଚନ୍ଦ୍ର ଦର୍ଶନ, ପୂଜା ଓ ଉପବାସ
ତା. ୩ - ଇଦୁଲ୍‌ଫିତର, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ ଓ ରଥ ଅନୁକୂଳ
ତା. ୬ - ଆଦିଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀ
ତା. ୭ - ଶନିଶ୍ଚର ଯଜ୍ଞ ଓ ରାମାନୁଚାର୍ଯ୍ୟଙ୍କ ଜୟନ୍ତୀ
ତା. ୯ - ନୀଳାଦ୍ରି ମହୋଦୟାଷ୍ଟମୀ
ତା. ୧୦ - ସୀତା ନବମୀ
ତା. ୧୨ - ମୋହିନୀ ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନିଷେଧ
ତା. ୧୪ - ନୃସିଂହ ଜନ୍ମ, ଶିବଚତୁର୍ଦ୍ଦଶୀ ଓ ବେଢ଼ା ଓ ମାସାନ୍ତ
ତା. ୧୫ - ବୃଷ ସଂକ୍ରାନ୍ତି, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ହଳ ନିଷେଧ
ତା. ୧୬ - ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ
ତା. ୨୦ - ଶରଣ ଆରମ୍ଭ
ତା. ୨୨ - ଶ୍ରୀକ୍ଷେତ୍ରେ ଭଉଁରୀ
ତା. ୨୩ - ଉତ୍କଳେ ଭଉଁରୀ
ତା. ୨୪ - ଶରଣ ଶେଷ
ତା. ୨୬ - ଜଳକ୍ରୀଡ଼ା ଏକାଦଶୀ ଓ ହଳ ନିଷେଧ
ତା. ୨୯ - ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା. ୩୦ - ସାବିତ୍ରୀ ବ୍ରତ ଓ ଅମାବାସ୍ୟା

### ଜୁନ ୨୦୨୨

ତା ୨ - ରମ୍ଭା ତୃତୀୟା
ତା ୩ - ଉମା ଚତୁର୍ଥୀ
ତା ୪ - ଶିବ ବିବାହ ଉତ୍ସବ
ତା ୫ - ଶୀତଳ ଷଷ୍ଠୀ ଉତ୍ସବ
ତା ୧୦ - ଗଙ୍ଗା ଦଶହରା ସ୍ନାନ
ତା ୧୧ - ନିର୍ଜଳା ଏକାଦଶୀ ଚମ୍ପକ ଦ୍ୱାଦଶୀ, ରୁକ୍ମିଣୀ ବିବାହ
ତା ୧୩ - ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
ତା ୧୪ - ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀ ଜଉ ଗଜାନନ ବେଶ, ଅଣସର ଆରମ୍ଭ, ପହିଲି ରଜ, ମାସାନ୍ତ
ତା ୧୫ - ମିଥୁନ ରଜ ସଂକ୍ରାନ୍ତି
ତା ୧୬ - ଭୂମିଦାହ,ତୃତୀୟରଜ ଶରଣ ଆରମ୍ଭ
ତା ୧୭ - ବସୁମତୀ ମହାଲକ୍ଷ୍ମୀ ସ୍ନାନ
ତା ୨୧ - ବିଶ୍ୱ ଯୋଗ ଦିବସ
ତା ୨୪ - ଖଳିଲାଗି ଏକାଦଶୀ
ତା ୨୫ - ଅଣସର ଦ୍ୱାଦଶୀ
ତା ୨୭ - ଶିବ ଚତର୍ଦ୍ଦଶୀ ଉପବାସ ବେଢ଼ା
ତା ୨୯ - ଶ୍ରୀ ଜୀଉ ନବଯୌବନ ଦର୍ଶନ, ଆଷାଢ଼ ଅମାବାସ୍ୟା, ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ
ତା ୩୦ - ଶ୍ରୀ ଜୀଉଙ୍କ ଉଭା ଯାତ୍ରା



ବିପଦ ବେଳେ ଧୈର୍ଯ୍ୟଧରିବା ହିଁ ବଡ଼କଥା । ଯେତେ ଝଡ଼ଝଞ୍ଜା ଆସୁନା କାହିଁକି ଧୈର୍ଯ୍ୟ ଓ ସାହାସ ସହିତ ଈଶ୍ୱର ନାମ ସ୍ମରଣ କଲେ ସବୁ ଦୁଃଖ ଦୂର ହୋଇଯାଏ ।

# ଆମରିସତ୍ୟ ଆଲୋଚନା ଚକ୍ର -
# ଶୁଭ କାର୍ଯ୍ୟ ପାଇଁ ଅକ୍ଷୟ ତୃତୀୟା

ସମ୍ମାନୀତ ଅତିଥି

ଡ. ଶରଚ୍ଚନ୍ଦ୍ର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, କାଶୀନାଥ ଦାଶ

ସୌଜନ୍ୟ :

ଡ. ପ୍ରସନ୍ନ କୁମାର ଜେନା













# ବନ୍ଧୁମିଳନ ଓ ସାହିତ୍ୟ ଆସର
# ବିଷୁବ ମିଳନ ଅବସରରେ

ସମ୍ମାନୀତ ଅତିଥି

ପଣ୍ଡିତ ରମାକାନ୍ତ ମିଶ୍ର, ଡ. ଶରଚ୍ଚନ୍ଦ୍ର ମହାପାତ୍ର

ସୌଜନ୍ୟ :

ପଦ୍ମନାଭ ପାଣିଗ୍ରାହୀ

Postal Regd. No. : PURI-33/2022-24

Volume-12 I Issue No.11 I Monthly I May-2022 I RNI Regn. No. ODI/ODI/2010/350521 I Page-36


Rabindranath Khandualo : 9437114651
Adinarayan Khandualo : 9238592277
Murari Prasad Khandualo : 9861434666



SSA
ESTD-1971

# SRIRAM SALES AGENCY

Late Kasinath Khandualo (Founder)

**TIMBER MERCHANT & ORDER SUPPLIER**

ALL KINDS OF ROUND, SIZE WOOD, PLY, LAMINETS, HI-LAM, MDF, HARDWARE & FITTINGS, PAINTS, CHANNELS, WOODEN, BITTO, PIPES, READY MADE PLY, WOODEN & PVC DOORS ETC.

RAMACHANDRAPUR BAZAR
R.M.C. OFFICE SIDE
JATNI-752050 (Dist, Khordha), Odisha.


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Pin-752057, Printed at - NISWASS-CEDEC Press, Chandrasekharpur, BBSR-23, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash